ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଫେବୃୟାରୀ ୨୫/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 25/2023 Page 16 ₹ 7.00 | DHENKANAL
୪୯ଶ ଭାଗ ୯୩ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 49 ISSUE 93 ମୂଲ୍ୟ ₹୭/-

# ମୌଳିକ ଭିତ୍ତିଭୂମିକୁ ଗୁରୁତ୍ୱ

- ୨ଲକ୍ଷ ୩୦ ହଜାର କୋଟିର ବଜେଟ
- ୨୪ ନୂଆ ଯୋଜନା ପାଇଁ ୭,୩୦୭ କୋଟି
- ୯ ମୁଖ୍ୟମନ୍ତ୍ରୀ ଯୋଜନା
- ବଜେଟ ଆକାର ୩୦ ହଜାର କୋଟି ବୃଦ୍ଧି
- ଧାନ ସଂଗ୍ରହ ପାଇଁ ୨ ହଜାର କୋଟିର ପାଣ୍ଠି
- ମୁଖ୍ୟମନ୍ତ୍ରୀ ଶକ୍ତି ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ୧,୪୪୬ କୋଟି
- ଜିଏସ୍‌ଡିପି ଅଭିବୃଦ୍ଧି ୮.୫% ଆକଳନ
- ୩%ରେ ରହିବ ବିତ୍ତୀୟ ନିଅଣ୍ଟ
- ୧.୧୨ ଲକ୍ଷ କୋଟି ଟପିବ ଋଣଭାର

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିଛନ୍ତି। ଶୁକ୍ରବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଏହାକୁ ଉପସ୍ଥାପନ କରିଛନ୍ତି । ଗତ ଆର୍ଥିକ ବର୍ଷ ତୁଳନାରେ ବଜେଟର ଆକାର ୩୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ବଜେଟରେ ଗ୍ରାମୀଣ ବିକାଶ ଉପରେ ରାଜ୍ୟ ସରକାର ଅଧିକ ଫୋକସ କରିଛନ୍ତି। ଏଥିସହିତ ମୌଳିକ ଭିତ୍ତିଭୂମି ସ୍ୱାସ୍ଥ୍ୟ, କୃଷି, ଶିକ୍ଷାଠାରୁ ଆରମ୍ଭ କରି ପାନୀୟ ଜଳ, ମିଶନ ଶକ୍ତି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଭିତ୍ତିଭୂମି ଉନ୍ନୟନ, ଜନଜାତି ବିକାଶ, ପୁଞ୍ଜିନିବେଶ ଆଦି କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଛି। ଗତ କିଛି ବର୍ଷ ହେବ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇବାରେ ଲାଗିଛି। କେନ୍ଦ୍ର ଉପରେ ନିର୍ଭରଶୀଳ ନ ହୋଇ ରାଜ୍ୟ ସରକାର ନିଜ ପାଣ୍ଠିକୁ ଭରସା କରି ବଜେଟ ପ୍ରସ୍ତୁତ କରିଛନ୍ତି । ଆସନ୍ତା ବର୍ଷ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଯୁବ, ମହିଳା, ଚାଷୀ, ଉଦ୍ୟୋଗୀ, ଏସ୍‌ସି/ଏସ୍‌ଟି ବର୍ଗଙ୍କୁ ଆକୃଷ୍ଟ କରିବାକୁ ବଜେଟରେ ମାଳମାଳ ନୂଆ ଯୋଜନା କରାଯାଇଛି। ବଜେଟରେ ରାଜ୍ୟ ସରକାର ୨୪ଟି ନୂଆ ଯୋଜନା ପାଇଁ ବ୍ୟୟବରାଦ କରିଛନ୍ତି। ସେଥିରେ ୯ଟି ମୁଖ୍ୟମନ୍ତ୍ରୀ ଯୋଜନା ରହିଛି। ଏ ସମସ୍ତ ଯୋଜନା ପାଇଁ ବଜେଟରେ ୭ ହଜାର ୩୦୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।


ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁକ୍ରବାର ବିଧାନସଭାରେ ୨୦୨୩-୨୪ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରୁଛନ୍ତି।

## ଲୋକଙ୍କ ବଜେଟ୍: ମୁଖ୍ୟମନ୍ତ୍ରୀ

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଶୁକ୍ରବାର ବିଧାନ ସଭାରେ ବଜେଟ୍ ଆଗତ ହୋଇଛି। ଏହି ବଜେଟ ଉପରେ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଏହା ଏକ ଲୋକାଭିମୁଖୀ ବଜେଟ। ଏହି ବଜେଟ୍ ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ। ଏହି ବଜେଟ୍ ଓଡ଼ିଶାର ବିକାଶକୁ ଆଗକୁ ନେବ।

ଏହି ବଜେଟରେ ପ୍ରଶାସନିକ ଖର୍ଚ୍ଚ ୯୪ ହଜାର କୋଟି ହୋଇଥିବା ବେଳେ କାର୍ଯ୍ୟକ୍ରମ ଖର୍ଚ୍ଚ ୧ ଲକ୍ଷ ୨୫ ହଜାର କୋଟି, ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩,୬୦୦ କୋଟି, ସ୍ଥାନୀୟ ନିକାୟ ଓ ଉନ୍ନୟନ ସଂସ୍ଥାଗୁଡ଼ିକୁ ହସ୍ତାନ୍ତର ବାବଦରେ ୭,୩୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କାର୍ଯ୍ୟକ୍ରମ ଖର୍ଚ୍ଚ ପାଇଁ ୨ ଲକ୍ଷ ୨୫ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୨୦୦୦-୦୧ ଆର୍ଥିକ ବର୍ଷରେ କାର୍ଯ୍ୟକ୍ରମ ଖର୍ଚ୍ଚ ପାଇଁ ୩୫୩୮ କୋଟି ଟଙ୍କା ଥିଲା। ଗତ ୨୩ ବର୍ଷ ମଧ୍ୟରେ ଏହା ୩୫ ଗୁଣ ବୃଦ୍ଧି ପାଇଛି। ବଜେଟରେ ପୁଞ୍ଜିବ୍ୟୟ ଅଟକଳ ୫୧ ହଜାର ୬୮୩ କୋଟି ଟଙ୍କା, ଯାହାକି ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ପ୍ରାୟ ୬ ପ୍ରତିଶତ। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୨୪,୮୨୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ୨୪,୮୨୯ କୋଟି, ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୧୬,୦୪୮ କୋଟି ବ୍ୟୟବରାଦ କରାଯାଇଛି। ଗତ ବର୍ଷ ତୁଳନାରେ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ୨୭ ପ୍ରତିଶତ ☞ପୃଷ୍ଠା-୪

# ପାକିସ୍ତାନୀ ଏଜେଣ୍ଟଙ୍କୁ ତଥ୍ୟ ଦେଉଥିଲେ ବରିଷ୍ଠ ଅଧିକାରୀ


ଅଭିଯୁକ୍ତ ବାବୁରାମ ଦେ'ଙ୍କୁ କୋର୍ଟକୁ ନିଆଯାଉଛି।

**ଚାନ୍ଦିପୁର ଆଇଟିଆରରୁ ପୁଣି ତଥ୍ୟ ଲିକ୍**

**ପୂର୍ବରୁ ୨ ମାମଲାରେ ଗିରଫ ହୋଇଛନ୍ତି ୬**

ବାଲେଶ୍ୱର ଅଫିସ, ୨୪।୨

ତଥ୍ୟ ଲିକ୍ ଅଭିଯୋଗରେ ପୁଣି ଥରେ ଚର୍ଚ୍ଚାର ପରିସର ମଧ୍ୟକୁ ଚାଲି ଆସିଛି ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର(ଆଇଟିଆର୍)। ପୂର୍ବରୁ ଏଠାରୁ ତଥ୍ୟ ଲିକ୍ ଅଭିଯୋଗରେ କେତେଜଣ ଠିକା କର୍ମଚାରୀ ଗିରଫ ହୋଇଥିବାବେଳେ ଏବେ ଜଣେ ବରିଷ୍ଠ ଅଧିକାରୀ ଗିରଫ ହେବା ଏଠାକାର ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ହନିଟ୍ରାପ୍‌ରେ ଫସି ଆଇଟିଆରର ଜଣେ ବରିଷ୍ଠ ଅଧିକାରୀ ପାକିସ୍ତାନକୁ ଗୁପ୍ତ ତଥ୍ୟ ଯୋଗାଇଥିବା ଅଭିଯୋଗ ହୋଇଛି। ହ୍ୱାଟ୍‌ସଆପ୍‌ରେ ଅଶ୍ଳୀଳ ଫଟୋ ଓ ଭିଡିଓ ଦେଖାଇ ପାକିସ୍ତାନ ରାୱଲପିଣ୍ଡିର ଜଣେ ମହିଳା ଏଜେଣ୍ଟ ଏହି ତଥ୍ୟ ହାସଲ କରିନେଇଥିବା କୁହାଯାଉଛି। ଏସମ୍ପର୍କରେ ପୋଲିସ ଓ ସେଣ୍ଟ୍ରାଲ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** କାର୍ଯ୍ୟକାଳ ବୃଦ୍ଧି ସମସ୍ୟା






ଏକ ସଦ୍ୟ ୟୁକ୍ରେନୀୟ ପୋଲ୍ ଅନୁସାରେ ଦେଶର ୧୭% ଜନତା ଯୁଦ୍ଧରେ ନିଜ ପ୍ରିୟଜନଙ୍କୁ ହରାଇଥିବା କହିଛନ୍ତି। ପ୍ରାୟ ୯୫% ୟୁକ୍ରେନୀୟ କିଭ୍‌ର ବିଜୟ ନେଇ ଆଶାବାଦୀ।



“ଆମେ ନିଜ ସାହସ ଓ ଅସ୍ତ୍ର ବଳରେ ଶାନ୍ତି ପ୍ରତିଷ୍ଠା କରିପାରିବା। ପ୍ରତ୍ୟେକ ଆକ୍ରମଣ ବିରୋଧରେ ଇତିହାସର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷାକବଚ ତିଆରି କରିବା ସମୟ ବର୍ତ୍ତମାନ ଉପନୀତ।

**–ଭୋଲୋଡିମିର ଜେଲେନ୍‌ସ୍କି, ୟୁକ୍ରେନ୍ ରାଷ୍ଟ୍ରପତି**



# ଅଜେୟ ୟୁକ୍ରେନ୍

କିଭ୍,୨୪।୨

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁକ୍ରେନ୍‌ରେ ଲଢ଼ାଯାଉଛି ୟୁରୋପର ସବୁଠୁ ଲମ୍ବା ଲଢ଼େଇ। ରୁଷିଆର ଏହି ଆକ୍ରମଣକୁ ଶୁକ୍ରବାର ବର୍ଷେ ପୂରଣ ହୋଇଛି। ସଂଘର୍ଷର ବର୍ଷପୂର୍ତ୍ତି ଅବସରରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ଆମ ଦେଶ ସାରା ବିଶ୍ୱକୁ ପ୍ରେରଣା ଦେଇଛି। ୟୁକ୍ରେନ୍ ପୃଥିବୀକୁ ଏକାଠି କରିଛି। ବୁଚା, ଇରପିନ୍ ଓ ମାରିଉପୋଲ୍ ଭଳି ସହର ଆଜି ‘ଦୁର୍ଜୟ ରାଜଧାନୀ’ ସାଜି ରୁଷିଆର ଯୁଦ୍ଧ ଅପରାଧ ବିରୋଧରେ ପ୍ରତିରୋଧର ପ୍ରତୀକ। ରୁଷୀୟ ହତ୍ୟାକାରୀଙ୍କୁ ଦଣ୍ଡିତ ନ କରିବା ଯାଏ ଆମେ ବିଶ୍ରାମ ନେବୁ ନାହିଁ ବୋଲି ଜେଲେନ୍‌ସ୍କି ସୋସିଆଲ ମିଡିଆରେ ଏକ ଭିଡିଓ ମେସେଜ୍ ଦେଇଛନ୍ତି।

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଆକ୍ରମଣ ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେବା ପରଠାରୁ ଉଭୟ ପକ୍ଷର ୧,୫୦,୦୦୦ ଜଣ ନିହତ ହେଲେଣି। ଅନେକ ଲକ୍ଷ ୟୁକ୍ରେନୀୟ ବିସ୍ଥାପିତ ହେଲେଣି। ଏଥିରେ କ୍ଷୁବ୍ଧ ପାଶ୍ଚାତ୍ୟ ରୁଷିଆ ଉପରେ କଠୋର କଟକଣା ଜାରି କରିଛି। ୟୁକ୍ରେନ୍‌କୁ ମାନବୀୟ ସହାୟତା ପଠାଇବା ସହ ମସ୍କୋକୁ କଡ଼ା ଚେତାବନୀ ମଧ୍ୟ ଦେଇଛି। ଆମେରିକା ଏବଂ ଏହାର ଜି୭ ସହଯୋଗୀ ରାଷ୍ଟ୍ର ସମୂହ ଶୁକ୍ରବାର ଆହୁରି ଅନେକ କଟକଣା ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଜେକ୍ ସୁଲିଭାନ୍ କହିଛନ୍ତି, ୱାଶିଂଟନ ୟୁକ୍ରେନ୍‌କୁ ଆହୁରି ୨ ବିଲିୟନ ଡଲାର ମୂଲ୍ୟର ସାମରିକ ସହାୟତା ପ୍ୟାକେଜ ପଠାଇବ। ଗତ ୨୦ ତାରିଖରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଅଚାନକ କିଭ୍ ଗସ୍ତ କରି ବିଶ୍ୱକୁ ଚକିତ କରିଦେଇଥିଲେ। ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ସହ ଆମେରିକା ସର୍ବଦା ଛିଡ଼ାହୋଇ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ଷକ ପରେ ବି କିଭ୍ ତିଷ୍ଠିରହିଛି। ଗଣତନ୍ତ୍ର ତିଷ୍ଠିଛି। ଆମେରିକା ଓ ବିଶ୍ୱ ୟୁକ୍ରେନ୍ ସହ ରହିଥିବା ବାଇଡେନ୍ ଟୁଇଟ୍ କରିଥିଲେ। ଯୁଦ୍ଧର ବର୍ଷପୂର୍ତ୍ତି ଅବସରରେ ୟୁକ୍ରେନ୍ ଉପରେ ବିଶ୍ୱବାସୀ ସହଯୋଗ, ସହାନୁଭୂତି ଓ ସମର୍ଥନ ଅଜାଡ଼ି ଦେଇଛନ୍ତି। ପ୍ୟାରିସ୍‌ର ଇଫେଲ୍ ଟାୱାରକୁ ୟୁକ୍ରେନୀୟ ପତାକା ରଙ୍ଗ(ହଳଦିଆ ଓ ନୀଳ)ର ଆଲୋକମାଳାରେ ସଜ୍ଜିତ କରାଯାଇଛି। ଲଣ୍ଡନସ୍ଥିତ ଏକ ୟୁକ୍ରେନୀୟ ଚର୍ଚ୍ଚରେ ବ୍ରିଟିଶ୍ ଏମ୍‌ପି ଏବଂ କୂଟନୀତିଜ୍ଞମାନେ ପ୍ରାର୍ଥନା କରିଛନ୍ତି। ପୁଟିନ୍ ନିଜ ବିସ୍ତାରବାଦୀ ଲକ୍ଷ୍ୟ ହାସଲ କରିପାରିବେ ନାହିଁ ବୋଲି ଜର୍ମାନୀ ଚାନ୍ସଲର ଓଲାଫ୍ ସ୍କୋଲ୍‌ଜ କହିଥିବାବେଳେ ଆକ୍ଟିଭିଷ୍ଟମାନେ ବର୍ଲିନ୍‌ସ୍ଥିତ ମସ୍କୋର ଦୂତାବାସ ସମ୍ମୁଖରେ ୟୁକ୍ରେନ୍‌ରୁ ଅଣାଯାଇଥିବା ଏକ ଧ୍ୱସ୍ତ ରୁଷୀୟ ଟ୍ୟାଙ୍କ ରଖି ପ୍ରତିବାଦ ଜଣାଇଛନ୍ତି। ୟୁକ୍ରେନ୍ ପ୍ରତି ଜର୍ମାନୀର ସମର୍ଥନକୁ ସାରା ବିଶ୍ୱ ସ୍ୱୀକୃତି ପ୍ରଦାନ କରିଥିବା ଜଣେ ଆୟୋଜକ କହିଛନ୍ତି।

**ଚାହୁଁ ଚାହୁଁ ବର୍ଷେ ବିତିଗଲା। ବର୍ଷକ ମଧ୍ୟରେ ବିଶ୍ୱ ଦେଖିଛି ଅନେକ ପରିବର୍ତ୍ତନ। କିନ୍ତୁ ବଦଳି ନାହାନ୍ତି ରୁଷିଆର ଜିଦ୍‌ଖୋର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍। ଯୁଦ୍ଧଭୂଇଁରେ ଏବେ ବି ନିରୀହ ୟୁକ୍ରେନୀୟଙ୍କ ମୁଣ୍ଡ ଗଡ଼ାଉଛନ୍ତି ରୁଷୀୟ ସୈନ୍ୟ। ମସ୍କୋର ଏହି ଅନ୍ତହୀନ ବର୍ବରତାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଥିବାବେଳେ ୟୁକ୍ରେନ୍‌ର ପରାକ୍ରମୀ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଦୃଢ଼ ଭାବେ କହିଛନ୍ତି, ଆମେ ଅଜେୟ। ପୁଟିନ୍‌ଙ୍କ ଶକ୍ତିଶାଳୀ ସେନା ଆମକୁ ହରାଇପାରି ନାହିଁ। ଚଳିତ ବର୍ଷ ବିଜୟ ହାସଲ ପାଇଁ ଆମେ ସବୁକିଛି କରିବାକୁ ପ୍ରସ୍ତୁତ। ଜେଲେନ୍‌ସ୍କିଙ୍କ ଏହି ବିବୃତି ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି।**



ୟୁକ୍ରେନ୍ ସମର୍ଥନରେ ପ୍ୟାରିସର ଇଫେଲ୍ ଟାୱାର।

“ବର୍ଷକ ପରେ ବି କିଭ୍ ତିଷ୍ଠିରହିଛି। ଗଣତନ୍ତ୍ର ତିଷ୍ଠିଛି। ଆମେରିକା ଓ ବିଶ୍ୱ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ସହ ସର୍ବଦା ଛିଡ଼ାହୋଇ ରହିଛି।

**–ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି**

“ବର୍ଷକ ମଧ୍ୟରେ ୟୁକ୍ରେନ୍ ଜନତା ବହୁ ଦୁର୍ଦ୍ଦଶା ଭୋଗିଛନ୍ତି। ୟୁକ୍ରେନ୍‌ର କଠିନ ସମୟରେ ବ୍ରିଟେନ ଓ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଯଥାସାଧ୍ୟ ସହଯୋଗ କରୁଛନ୍ତି। ଏହି ଯୁଦ୍ଧ ପ୍ରଭାବିତ ଦେଶକୁ ବ୍ୟକ୍ତିଗତ ଭାବେ ସବୁ ସହାୟତା ଦେବା ପାଇଁ ପ୍ରସ୍ତୁତ।

**–କିଙ୍ଗ୍ ଚାର୍ଲ୍ସ ୩ୟ, ବ୍ରିଟେନ ରାଜା**

## ରୁଷିଆକୁ ଜାତିସଂଘ କହିଲାଃ ତୁରନ୍ତ ୟୁକ୍ରେନ୍ ଛାଡ଼

ରୁଷିଆ ତୁରନ୍ତ ନିଃସର୍ତ୍ତରେ ୟୁକ୍ରେନ୍ ଛାଡୁ। ସେଠାରୁ ନିଜର ସମସ୍ତ ସୈନ୍ୟଙ୍କୁ ପ୍ରତ୍ୟାହାର କରୁ ବୋଲି ଗୁରୁବାର ଜାତିସଂଘରେ ମତଦାନ କରାଯାଇଥିଲା। ‘ୟୁକ୍ରେନ୍ ଇନ୍ ଲାଇନ୍ ୱିଥ୍ ଦି ପ୍ରିନ୍ସିପୁଲ୍ସ ଅଫ୍ ଦି ଚାର୍ଟର ଅଫ୍ ଦି ୟୁନାଇଟେଡ୍ ନେସନ୍ସ’ ପ୍ରସ୍ତାବ ସପକ୍ଷରେ ୧୪୧ ଭୋଟ ପଡ଼ିଥିବାବେଳେ ବିରୋଧରେ ମାତ୍ର ୭ ରାଷ୍ଟ୍ର ମତଦାନ କରିଥିଲେ। ସବୁ ଥର ଭଳି ଏଥର ମଧ୍ୟ ଭାରତ ମତଦାନରୁ ବିରତ ରହିଥିଲା।

## ଚାଇନା ଦେଲା ଶାନ୍ତି ପ୍ରସ୍ତାବ

ବେଜିଂ,୨୪।୨

ୟୁକ୍ରେନ୍‌ରେ ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଚାଇନା ଶୁକ୍ରବାର ଶାନ୍ତି ପ୍ରସ୍ତାବ ଦେଇଛି। କିନ୍ତୁ ପାଶ୍ଚାତ୍ୟ ଶକ୍ତିଗୁଡ଼ିକ ଏହାକୁ ତତ୍କାଳ ଅଗ୍ରାହ୍ୟ କରିବା ସଙ୍ଗେ ସଙ୍ଗେ ମସ୍କୋ ସହ ଘନିଷ୍ଠତା ନ ବଢ଼ାଇବାକୁ ବେଜିଂକୁ ଚେତାବନୀ ଦେଇଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଚାଇନାର ଶାନ୍ତି ପ୍ରସ୍ତାବକୁ ନେଇ ସମୀକ୍ଷା କରିବା ପୂର୍ବରୁ ବେଜିଂ ସହ ଆଲୋଚନା କରିବାକୁ ଚାହାନ୍ତି ବୋଲି କହିଛନ୍ତି। ଯୁଦ୍ଧର ବର୍ଷପୂର୍ତ୍ତି ଅବସରରେ ବେଜିଂ ୧୨ ପୃଷ୍ଠା ସମ୍ବଳିତ ଏକ ‘ପଲିଟିକାଲ୍ ସେଟଲମେଣ୍ଟ’ ଜାରି କରିଛି। ରୁଷିଆ ଓ ୟୁକ୍ରେନ୍‌କୁ ସମସ୍ତ ପକ୍ଷ ସମର୍ଥନ କରିବା ସହ ଯଥାଶୀଘ୍ର ଆଲୋଚନା ଆରମ୍ଭ କରନ୍ତୁ। ଯୁଦ୍ଧରେ ଆଣବିକ ଅସ୍ତ୍ର ବ୍ୟବହାର କଲେ କିମ୍ବା ଏହି ଉଦ୍ଦେଶ୍ୟରେ ମୁତୟନ କରାଗଲେ ସଙ୍କଟ ଆହୁରି ବଢ଼ିବ ବୋଲି ଏଥିରେ କୁହାଯାଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଉଥିବାବେଳେ ବେଜିଂର ଏପରି ସତର୍କବାଣୀକୁ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସହଜରେ ଗ୍ରହଣ କରିପାରି ନାହାନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ୍ କହିଛନ୍ତି, ରୁଷିଆ ୟୁକ୍ରେନ୍‌ରୁ ନିଜ ସେନା ଅପସାରଣ ସହ ଆକ୍ରମଣ ବନ୍ଦ କଲେ ଆସନ୍ତାକାଲି ଯୁଦ୍ଧ ବନ୍ଦ ହୋଇଯିବ। ୟୁକ୍ରେନ୍, ଆମେରିକା କିମ୍ବା ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ରୁଷିଆକୁ ଆକ୍ରମଣ କରୁନାହାନ୍ତି। ରୁଷିଆ ଯୁଦ୍ଧରେ ପରାଜିତ ହୋଇସାରିଛି। ବେଜିଂରେ ୟୁକ୍ରେନୀୟ ଏବଂ ୟୁରୋପୀୟ ସଂଘ (ଇୟୁ) କୂଟନୀତିଜ୍ଞମାନେ ଯୁଦ୍ଧାବସାନ ପାଇଁ ରୁଷିଆ ଉପରେ ଅଧିକ ଚାପ ପକାଇବାକୁ ଚାଇନାକୁ ପରାମର୍ଶ ଦେଇଛନ୍ତି।



ବର୍ଲିନ୍‌ରେ ରୁଷୀୟ ଟ୍ୟାଙ୍କ ‘ଟି-୭୨’ ରଖି ଶାନ୍ତିର ପ୍ରତୀକ ସାଜିଥିବା ଜଣେ ବ୍ୟକ୍ତି ବିକ୍ଷୋଭ କରୁଛନ୍ତି।

## ପୁଟିନ୍ ଲକ୍ଷ୍ୟଚ୍ୟୁତ

“ୟୁକ୍ରେନ୍‌ବାସୀ, ଆପଣମାନଙ୍କ ସହ ଫ୍ରାନ୍ସ ଛିଡ଼ା ହୋଇଛି। ଶାନ୍ତି ପ୍ରତିଷ୍ଠା ହେବ ଓ ବିଜୟ ହାସଲ କରାଯିବ।

**–ଇମାନୁଏଲ୍ ମାକ୍ରଁ, ଫ୍ରାନ୍ସ ରାଷ୍ଟ୍ରପତି**

“ୟୁକ୍ରେନ୍‌କୁ ଅତ୍ୟାଧୁନିକ ଟ୍ୟାଙ୍କ ଯୋଗାଇବାରେ ପୋଲାଣ୍ଡ ହେଉଛି ପ୍ରଥମ ରାଷ୍ଟ୍ର। ଅନ୍ୟ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟ ଆମକୁ ଅନୁସରଣ କରନ୍ତୁ।

**–ଆଣ୍ଡ୍ରେଜ ଡୁଡା, ପୋଲାଣ୍ଡ ରାଷ୍ଟ୍ରପତି**

“ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଏକ ଲମ୍ବା ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛନ୍ତି। ସେ ଏପରି ଏକ ୟୁରୋପ ଦେଖିବାକୁ ଚାହୁଁଛନ୍ତି, ଯେଉଁଠି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ କ’ଣ କରିବେ ତାହା ରୁଷିଆ ସ୍ଥିର କରିବ।

**–ଜେନ୍ସ ଷ୍ଟୋଲଟେନ୍‌ବର୍ଗ, ନାଟୋ ସେକ୍ରେଟାରି ଜେନେରାଲ**

“ରୁଷିଆ ଏକଘରିକିଆ ହେବାରେ ଲାଗିଥିବାବେଳେ ପୁଟିନ୍ ନିଜର କୌଣସି ରଣନୈତିକ ଲକ୍ଷ୍ୟ ହାସଲ କରିପାରି ନାହାନ୍ତି।

**–ଉର୍ସୁଲା ଭୋନ୍ ଡେର୍ ଲେୟେନ, ୟୁରୋପୀୟ କମିଶନ ଅଧ୍ୟକ୍ଷା**

“ଆମ ମହାଦେଶରେ ଏକ ବଡ଼ ଯୁଦ୍ଧର ବର୍ଷପୂର୍ତ୍ତି ଅବସରରେ ୟୁକ୍ରେନୀୟ ବନ୍ଧୁମାନଙ୍କ ଭଳି ବୀରତ୍ୱ ଓ ସାହସ ଦେଖାଇବାକୁ ସମସ୍ତଙ୍କୁ ଅନୁରୋଧ।

**–ଋଷି ସୁନକ, ବ୍ରିଟେନ ପ୍ରଧାନମନ୍ତ୍ରୀ**

“ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଲାଗି ୟୁକ୍ରେନ୍‌ର ଯେତେ ଅଧିକ ସମ୍ଭବ ଅଞ୍ଚଳକୁ ରୁଷିଆ ଦଖଲ କରିବା ଉଚିତ। ୟୁକ୍ରେନ୍‌କୁ ସମ୍ପୂର୍ଣ୍ଣ ଦଖଲ କରିବାରେ ରୁଷିଆ ବିଫଳ ହେଲେ ଭବିଷ୍ୟତରେ ଅଶାନ୍ତି ବଢ଼ିବ।

**–ଡିମିଟ୍ରି ମେଡ୍‌ଭେଡେଭ୍, ରୁଷୀୟ ସୁରକ୍ଷା ପରିଷଦ ଉପମୁଖ୍ୟ**

## ଜି୨୦: ମାର୍ଚ୍ଚ ୧ରେ ଆସିବେ ବ୍ଲିଙ୍କେନ୍

ୱାଶିଂଟନ,୨୪।୨(ପି.ଟି.)

ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଆସନ୍ତା ମାର୍ଚ୍ଚ ୧ରେ ଭାରତ ଗସ୍ତରେ ଆସିବେ। ସେ ଜି୨୦ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକରେ ଭାଗନେବେ। ଏଥିସହିତ ଭାରତ-ଆମେରିକା ସମ୍ପର୍କକୁ ଅଧିକ ମଜଭୁତ କରିବା ପାଇଁ ସେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଗତବର୍ଷ ଡିସେମ୍ବରରେ ଭାରତ ଜି୨୦ର ଅଧ୍ୟକ୍ଷତା ଗ୍ରହଣ କରିଥିଲା। ଜି୨୦ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକରେ ବହୁପକ୍ଷୀୟତାକୁ ସୁଦୃଢ଼ କରାଯିବ ସହ ଖାଦ୍ୟ, ଶକ୍ତି ସୁରକ୍ଷା, ସ୍ଥାୟୀ ବିକାଶ, ବୈଶ୍ୱିକ ସ୍ୱାସ୍ଥ୍ୟ, ମାନବୀୟ ସହାୟତା ଏବଂ ବିପର୍ଯ୍ୟୟ ରିଲିଫ୍, ଲିଙ୍ଗଗତ ସମାନତା, ମହିଳା ସଶକ୍ତୀକରଣ ଆଦି ପ୍ରସଙ୍ଗରେ ସହଯୋଗ ବଢ଼ାଇବା ଉପରେ ଆଲୋଚନା କରାଯିବ। ଭାରତ-ଆମେରିକା ସମ୍ପର୍କ ବଢ଼ାଇବା ପାଇଁ ବ୍ଲିଙ୍କେନ୍ ଭାରତ ସରକାରଙ୍କ ଅଧିକାରୀ ଏବଂ ସିଭିଲି ସୋସାଇଟି ସହ ଆଲୋଚନା କରିବେ ବୋଲି ପରରାଷ୍ଟ୍ର ବିଭାଗ ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି। କାଜାକସ୍ତାନ ଏବଂ ଉଜ୍‌ବେକିସ୍ତାନ ଗସ୍ତ ସାରି ବ୍ଲିଙ୍କେନ୍ ୧ ତାରିଖରେ ନୂଆଦିଲ୍ଲୀରେ ପହଞ୍ଚିବେ।



ଆଣ୍ଟୋନି ବ୍ଲିଙ୍କେନ

## ୟୁଏନ୍‌ଜିଏରେ ପାକିସ୍ତାନକୁ ଭାରତର ନିନ୍ଦା

ଜାତିସଂଘ,୨୪।୨(ପି.ଟି.)

ଜାତିସଂଘ ସାଧାରଣ ସଭାରେ ୟୁକ୍ରେନ୍ ଉପରେ ସ୍ୱତନ୍ତ୍ର ଅଧିବେଶନ ବସିଥିବାବେଳେ ସେଠାରେ ପାକିସ୍ତାନ ଜମ୍ମୁ-କଶ୍ମୀର ପ୍ରସଙ୍ଗ ଉଠାଇବାରୁ ଭାରତ ଏହାର ନିନ୍ଦା କରିଛି। ଇସ୍‌ଲାମାବାଦ ଏଭଳି ପ୍ରସଙ୍ଗ ଉଠାଇବା ଦୁଃଖଦାୟକ ଓ ଭୁଲ୍ ଉପସ୍ଥାପନା ବୋଲି ନୂଆଦିଲ୍ଲୀ କହିଛି। ଆତଙ୍କବାଦୀଙ୍କୁ ନିରାପଦ ଆଶ୍ରୟ ଯୋଗାଇଥିବା ପାକିସ୍ତାନର ପୂର୍ବ ରେକର୍ଡ ସମ୍ପର୍କରେ ଭାରତ ଜାତିସଂଘ ଅଧିବେଶନରେ କହିଥିଲା। ପାକିସ୍ତାନର ଉତ୍ତେଜନାପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ଭାରତ ଏଥର କିଛି କହିବାକୁ ଚାହୁଁ ନ ଥିଲା। ପାକିସ୍ତାନ ପ୍ରତିନିଧି ଆମର ଜବାବ ରଖିବା ଅଧିକାର ବିଷୟରେ ଆଲୋଚନା କରିବା ଉଚିତ ବୋଲି ଜାତିସଂଘରେ ଭାରତର ସ୍ଥାୟୀ ମିଶନ ପରାମର୍ଶଦାତା ପ୍ରତୀକ ମାଥୁର କହିଥିଲେ।

## ୫,୧୦୦ କର୍ମଚାରୀ ନିଯୁକ୍ତ କରିବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୨୪।୨

ଏୟାରବସ୍ ଏବଂ ବୋଇଂ କମ୍ପାନୀଠାରୁ ୪୭୦ଟି ବିମାନ କିଣିବା ପାଇଁ ଏୟାର ଇଣ୍ଡିଆ ୮୦ ବିଲିୟନ ଡଲାର ମୂଲ୍ୟର ଚୁକ୍ତି ସ୍ୱାକ୍ଷର କରିବା ପରେ ଚଳିତ ବର୍ଷ ୯୦୦ ପାଇଲଟ ଏବଂ ୪,୨୦୦ରୁ ଉର୍ଦ୍ଧ୍ୱ କ୍ୟାବିନ୍ କର୍ମଚାରୀ ନିଯୁକ୍ତ କରିବା ଲାଗି ଯୋଜନା କରିଛି। ଏହା ବ୍ୟତୀତ ୩୬ ବିମାନ ଲିଜ୍‌ରେ ନେବା ପାଇଁ ମଧ୍ୟ ଯୋଜନା ହୋଇଥିବାବେଳେ ସେଥିରୁ ଦୁଇଟି ବି୭୭୭-୨୦୦ ଏଲ୍‌ଆର୍‌କୁ ଉକ୍ତ ଏୟାରଲାଇନ୍ସରେ ସାମିଲ କରାଯାଇଛି। ନୂଆ ବିମାନ ପହଞ୍ଚିବା ପରେ ଏୟାର ଇଣ୍ଡିଆର ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନସେବା ବଢ଼ାଇଦିଆଯିବ। ପାଇଲଟ ଏବଂ କ୍ରିଉ ମେମ୍ବର ନିଯୁକ୍ତି ଲାଗି ଯେଉଁମାନେ ଚୟନ ହେବେ, ସେମାନଙ୍କୁ ୧୫ ସପ୍ତାହ ତାଲିମରେ ପଠାଯିବ। ସେମାନଙ୍କୁ ନିରାପତ୍ତା ଓ ସେବା ଦକ୍ଷତା, ଶ୍ରେଷ୍ଠ ଭାରତୀୟ ଆତିଥେୟତା ଏବଂ ଟାଟା ଗ୍ରୁପ୍‌ର ସଂସ୍କୃତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ଗତବର୍ଷ ମେ’ରୁ ଚଳିତ ଫେବୃୟାରୀ ମଧ୍ୟରେ ଏୟାର ଇଣ୍ଡିଆ ୧,୯୦୦ କ୍ୟାବିନ କ୍ରିଉଙ୍କୁ ନିଯୁକ୍ତ କରିଥିଲା।

## ଭାରତୀୟ କନ୍‌ସୁଲେଟ୍‌କୁ ଖଲିସ୍ତାନୀଙ୍କ ଟାର୍ଗେଟ

ମେଲ୍‌ବୋର୍ନ,୨୪।୨(ପି.ଟି.)

ଅଷ୍ଟ୍ରେଲିଆରେ ବ୍ରିସ୍‌ବେନ୍‌ରେ ଥିବା ଭାରତର ଅନରାରି କନ୍‌ସୁଲେଟ୍‌କୁ ଖଲିସ୍ତାନୀ ସମର୍ଥକମାନେ ଟାର୍ଗେଟ କରିଛନ୍ତି। ସେମାନେ କନ୍‌ସୁଲେଟ୍ କାର୍ଯ୍ୟାଳୟ ଆଗରେ ଖଲିସ୍ତାନୀ ପତାକା ଉଡ଼ାଇଛନ୍ତି। ଅଷ୍ଟ୍ରେଲିଆରେ ଭାରତୀୟ ସମ୍ପ୍ରଦାୟଙ୍କ ବିରୋଧରେ ଏହା ସଦ୍ୟତମ ଉଗ୍ରବାଦୀ କାର୍ଯ୍ୟ ବୋଲି ଏକ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ଅଷ୍ଟ୍ରେଲିଆରେ ଭାରତୀୟମାନଙ୍କୁ ଉଗ୍ରବାଦୀ ଟାର୍ଗେଟ କରୁଥିବାରୁ ସତର୍କ ରହିବା ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କିଛିଦିନ ପୂର୍ବରୁ ସେଠାରେ କହିଥିଲେ। ବ୍ରିସ୍‌ବେନ୍‌ର ସ୍ୱାନ୍ ରୋଡ୍‌ଠାରେ ଥିବା ଭାରତର ଅନରାରି କନ୍‌ସୁଲେଟ୍‌କୁ ଗତ ୨୧ ତାରିଖରେ ଖଲିସ୍ତାନୀ ସମର୍ଥକମାନେ ଟାର୍ଗେଟ୍ କରିଥିବା ଅଷ୍ଟ୍ରେଲିଆ ଟୁଡେ୍ ପୋର୍ଟାଲରେ ପ୍ରକାଶ ପାଇଛି। ଭାରତୀୟ କନ୍‌ସଲ ଅର୍ଚ୍ଚନା ସିଂ ଏ ନେଇ କୁଇନ୍ସଲାଣ୍ଡ ପୋଲିସକୁ ଜଣାଇଥିଲେ। ଏହା ପୂର୍ବରୁ ଉଗ୍ରପନ୍ଥୀମାନେ ଜାନୁୟାରୀ ୨୩ରେ ମେଲବର୍ନର ଆଲବର୍ଟ ପାର୍କରେ ଥିବା ଇସ୍କନ୍ ମନ୍ଦିରରେ ଭଙ୍ଗାରୁଜା କରିବା ସହ ହିନ୍ଦୁସ୍ଥାନ ମୁର୍ଦ୍ଦାବାଦ ପୋଷ୍ଟର ଲଗାଇଥିଲେ। ଏହାର ସପ୍ତାହେ ପୂର୍ବରୁ ଭିକ୍ଟୋରିଆର କାରମ୍ ଡାଉନ୍ସରେ ଥିବା ଶ୍ରୀ ଶିବ ବିଷ୍ଣୁ ମନ୍ଦିରରେ ଅନୁରୂପ ଭାବେ ଭଙ୍ଗାରୁଜା କରାଯାଇଥିଲା। ଜାନୁୟାରୀ ୧୨ରେ ଭାରତ ବିରୋଧୀ ତତ୍ତ୍ୱମାନେ ମେଲବର୍ନରେ ଥିବା ସ୍ୱାମୀନାରାୟଣ ମନ୍ଦିରରେ ଭଙ୍ଗାରୁଜା କରିଥିଲେ।

## ଅମ୍ରିତପାଲ୍‌ଙ୍କ ସହଯୋଗୀ ଜେଲରୁ ମୁକ୍ତ

**ଅମୃତସର,୨୪।୨:** ପଞ୍ଜାବର ଏକ ଥାନାରେ ଖଲିସ୍ତାନୀ ସମର୍ଥକମାନଙ୍କ ହଙ୍ଗାମାର ଦିନକ ପରେ ଅମ୍ରିତପାଲ୍ ସିଂଙ୍କ ସହଯୋଗୀ ତଥା ଅପହରଣ ଅଭିଯୁକ୍ତ ଲଭପ୍ରୀତ୍ ସିଂ ‘ତୁଫାନ’ଙ୍କୁ ଶୁକ୍ରବାର ଅମୃତସର କେନ୍ଦ୍ରୀୟ ଜେଲରୁ ମୁକ୍ତ କରିଦିଆଯାଇଛି। ଗୁରୁବାର ଖଲିସ୍ତାନୀ ନେତା ଅମ୍ରିତପାଲ୍‌ଙ୍କ ନେତୃତ୍ୱରେ ଶହ ଶହ ସମର୍ଥକ ଖଣ୍ଡା ଓ ବନ୍ଧୁକ ଧରି ଅମୃତସର ସହର ଉପକଣ୍ଠ ଅଜନାଲା ଥାନାରେ ଧସେଇ ପଶିବା ସହ ତୁମୁଳକାଣ୍ଡ ଘଟାଇଥିଲେ। ତୁଫାନଙ୍କୁ ଛାଡ଼ିଦିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ସେମାନେ ଫେରିଯାଇଥିଲେ। ଶୁକ୍ରବାର ପୋଲିସର ଆବେଦନକ୍ରମେ ସ୍ଥାନୀୟ ଅଦାଲତ ତୁଫାନଙ୍କୁ ଜେଲରୁ ମୁକ୍ତ କରିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।



ଅମ୍ରିତପାଲ୍ ସିଂ




# ମିଶନ ଶକ୍ତି: ୨୫୫୪ କୋଟି



ମହିଳାଙ୍କ ସଶକ୍ତୀକରଣ ବିନା କୌଣସି ପରିବାର, ସମାଜ, ରାଜ୍ୟ କିମ୍ବା ଦେଶ ଅଗ୍ରଗତି କରିପାରିନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱାସ କରନ୍ତି ଯେ, ମହିଳାମାନେ ସାମାଜିକ ପରିବର୍ତ୍ତନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୬ ଲକ୍ଷରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍ଜି) ଗଠନ କରାଯାଇ ମିଶନ ଶକ୍ତି ମାଧ୍ୟମରେ ୭୦ ଲକ୍ଷରୁ ଅଧିକ ମହିଳାଙ୍କୁ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଜରିଆରେ ସଶକ୍ତ କରାଯାଇଛି। ଏହାଦ୍ୱାରା ସେମାନଙ୍କ ଜୀବନରେ ପରିବର୍ତ୍ତନ ଅଣାଯାଇପାରିଛି। ସରକାର ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗରେ ପରିଣତ କରିବାକୁ ପଦକ୍ଷେପ ନେଇଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ୧୦ ହଜାର କୋଟି ଟଙ୍କା ମୂଲ୍ୟର ବ୍ୟବସାୟ ଯୋଗାଇ ଦେବାକୁ ସରକାର ଯୋଜନା କରିଛନ୍ତି। ୨୦୨୩-୨୪ରେ ମିଶନ ଶକ୍ତି ବିଭାଗକୁ ୨୫୫୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହାକି ୨୭ ପ୍ରତିଶତ ଅଧିକ। ଏହି ବଜେଟରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଏନ୍ଆର୍ଏଲ୍ଏମ୍) ଅଧୀନରେ ୯୯୭ କୋଟି ଟଙ୍କା, ମିଶନ ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ମହିଳା ଏସ୍ଏଚ୍ଜି ଓ ସେମାନଙ୍କ ମହାସଂଘ ପାଇଁ ଆର୍ଥିକ ସହାୟତା ବାବଦରେ ୯୮୯ କୋଟି, ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୩୨୦ କୋଟି, ଜିଲାଗୁଡ଼ିକରେ କ୍ଷୁଦ୍ର ଇଣ୍ଡଷ୍ଟ୍ରିଆଲ୍ ପାର୍କ ନିର୍ମାଣ ପାଇଁ ୧୫୦ କୋଟି ଏବଂ ଏସ୍ଏଚ୍ଜିକୁ ସୁଧ ରିହାତି ବାବଦରେ ୨୨୦ କୋଟି ଟଙ୍କା ଅନ୍ତର୍ଭୁକ୍ତ।

### ମିଶନ ଶକ୍ତି ସ୍କୁଟର ଯୋଜନା

ରାଜ୍ୟ ସରକାର 'ମିଶନ ଶକ୍ତି ସ୍କୁଟର ଯୋଜନା' ନାମରେ ଏକ ଯୋଜନା କରିଛନ୍ତି। ଏହାଦ୍ୱାରା କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ ଇସି ସଦସ୍ୟାଙ୍କ ପାଇଁ ବୈଦ୍ୟୁତିକ ସ୍କୁଟର ନିମନ୍ତେ ସହାୟତା ଦିଆଯାଇପାରିବ। ଏହି ଯୋଜନାରେ ସ୍କୁଟର କ୍ରୟ ପାଇଁ ନିଆଯାଉଥିବା ବ୍ୟାଙ୍କ ଋଣ ଉପରେ ସମ୍ପୂର୍ଣ୍ଣ ସୁଧ ରିହାତି ଦିଆଯିବ। ଏ ବାବଦରେ ବଜେଟରେ ୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

# ମହିଳା ଓ ଶିଶୁ ବିକାଶ: ୩,୬୭୦ କୋଟି

ମହିଳା ଏବଂ ଶିଶୁ ବିକାଶ ସମ୍ବନ୍ଧୀୟ ଯୋଜନା ଓ କାର୍ଯ୍ୟକ୍ରମ ପାଇଁ ୨୦୨୩-୨୪ ବଜେଟରେ ୩,୬୭୦

### ନୂଆ ପଦକ୍ଷେପ: କଳିକା, ସମୀକ୍ଷା, ଆଦ୍ୱିକା, ସଂଯୋଗ

କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଶିଶୁମାନଙ୍କ ପାଇଁ କ୍ରେସ୍ ସୁବିଧା ଯୋଗାଇବା ଲାଗି 'କଳିକା', ଗର୍ଭବତୀଙ୍କ ପୋଷଣ ସ୍ଥିତିରେ ସୁଧାର ଆଣିବା ପାଇଁ 'ସମୀକ୍ଷା', ବାଲ୍ୟ ବିବାହକୁ ରୋକିବା ଓ କିଶୋରୀମାନଙ୍କୁ ସଶକ୍ତୀକରଣ ପଥରେ ଅଗ୍ରସର କରାଇବା ଲାଗି 'ଆଦ୍ୱିକା' ଏବଂ କୈଶୋର ସଶକ୍ତୀକରଣ ତଥା ସହାୟତା ଆବଶ୍ୟକ କରୁଥିବା ଶିଶୁମାନଙ୍କର ସ୍ଥିତି ଏବଂ ସହାୟତାକୁ ତଦାରଖ କରିବା ପାଇଁ 'ସଂଯୋଗ' ପରି ନୂଆ ପଦକ୍ଷେପ ନିଆଯିବ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟରେ ଦର୍ଶାଇଛନ୍ତି। ମାତାପିତାଙ୍କୁ ହରାଇଥିବା ଶିଶୁମାନଙ୍କ ଜୀବନରେ ସକାରାତ୍ମକ ବିକାଶ ଆଣିବା ପାଇଁ ସରକାର ଆଶୀର୍ବାଦ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ପାଇଁ ୨୧୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ପାଇଁ ୨୫୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ମାଳତୀ ଦେବୀ ପ୍ରାକ୍-ବିଦ୍ୟାଳୟ ପରିଧାନ ଯୋଜନାରେ ପିଲାମାନଙ୍କୁ ଦୁଇହଳ ୟୁନିଫର୍ମ, ଗୋଟିଏ ହଳ ଜୋତା ଓ ଗୋଟିଏ ସ୍ୱେଟର ବଣ୍ଟନ ପାଇଁ ୯୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

# ପାଠ୍ୟକ୍ରମରେ ସାମିଲ ହେଲା ଆସ୍ପିରେଶନାଲ କମ୍ପୋନେଣ୍ଟ

### ଦଶମ ଶ୍ରେଣୀ ଛାତ୍ରୀଛାତ୍ର ପଢ଼ିବେ ନୂଆ ବିଷୟ

**ଏପ୍ରିଲରୁ ୨୦୨୩-୨୪ ଶିକ୍ଷାବର୍ଷ**

କଟକ ଅଫିସ,୨୪।୨

ଆସନ୍ତା ଏପ୍ରିଲରୁ ୨୦୨୩-୨୪ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଯାଉଛି। ଏହି ଶିକ୍ଷା ବର୍ଷଠାରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ନୂଆ ବିଷୟ ପଢ଼ିବେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପ୍ରକାଶିତ ଭୌତିକ ବିଜ୍ଞାନ ବହିରେ ଷ୍ଟାର ଚିହ୍ନ ଥିବା ବିଷୟଗୁଡ଼ିକ ୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ପାଠ୍ୟକ୍ରମରେ ସାମିଲ କରାଯାଇଛି। ଏହି ବିଷୟଗୁଡିକରୁ ଆସେସମେଣ୍ଟ ପରୀକ୍ଷାରେ ପ୍ରଶ୍ନ ଆସିବ। ଉଭୟ ସବ୍ଜେକ୍ଟିଭ ଏବଂ ଅବଜେକ୍ଟିଭ ବିଷୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ସେହିଭଳି ଆସ୍ପିରେସନାଲ କମ୍ପୋନେଣ୍ଟ ଭାବେ ନୂତନ ବିଷୟକୁ ପାଠ୍ୟକ୍ରମରେ ସାମିଲ କରାଯାଇଛି। ଏହି ବିଷୟରେ ୪ଟି ବିଭାଗ ଯଥା- ବୁକ୍ ରିଭ୍ୟୁ, ପ୍ରୋଜେକ୍ଟ ୱାର୍କ, କୋ-କରିକୁଲାର ଆକ୍ଟିଭିଟିଜ୍ ଏବଂ ବେସିକ ଆଇଟି ସ୍କିଲ୍ସ ରହିଛି। ଛାତ୍ରୀଛାତ୍ରମାନେ ପ୍ରତି ବିଭାଗରେ ୨୫ ମାର୍କ ଲେଖାଏ ପରୀକ୍ଷା ଦେବେ। ପ୍ରତିବର୍ଷ ୪ଟି ପର୍ଯ୍ୟାୟରେ ଏହି ବିଷୟରେ ପରୀକ୍ଷା କରାଯିବ। ପ୍ରଥମ ତିନୋଟି ପର୍ଯ୍ୟାୟରେ ୫ ମାର୍କ ଲେଖାଏଁ ପରୀକ୍ଷା ହେବାକୁ ଥିବାବେଳେ ଶେଷ ପର୍ଯ୍ୟାୟରେ ୧୦ ମାର୍କରେ ପରୀକ୍ଷା ହେବ। ଏଭଳି ଭାବେ ଉକ୍ତ ୪ଟି ବିଷୟରେ ମୋଟ ୧୦୦ ମାର୍କର ପରୀକ୍ଷା ଛାତ୍ରୀଛାତ୍ରମାନେ ଦେବେ। ତେବେ ଏହି ପରୀକ୍ଷାରେ କୌଣସି ଛାତ୍ରୀଛାତ୍ର ଫେଲ ହେବେ ନାହିଁ କି ସେମାନଙ୍କ କ୍ୟାରିୟର ମାର୍କ ଉପରେ କୌଣସି ପ୍ରଭାବ ପଡିବ ନାହିଁ। ଛାତ୍ରୀଛାତ୍ରମାନେ ରଖିଥିବା ମାର୍କ ଅନୁଯାୟୀ ଗ୍ରେଡ୍ ପ୍ରଦାନ କରାଯିବ। ଏହି ଗ୍ରେଡ ହାଇସ୍କୁଲ ସାର୍ଟିଫିକେଟରେ ରହିବ ବୋଲି ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

୨୦୨୨-୨୩ ଶିକ୍ଷାବର୍ଷର ସିଲାବସ୍ ଅନୁଯାୟୀ ଚଳିତବର୍ଷ କ୍ଲାସ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ୪ଟି ପର୍ଯ୍ୟାୟରେ ଏହି ଶିକ୍ଷାବର୍ଷକୁ ଭାଗ କରାଯାଇଛି। ପୂର୍ବଭଳି ମୂଲ୍ୟାୟନ ପଦ୍ଧତିରେ ମଧ୍ୟ କୌଣସି ପରିବର୍ତ୍ତନ କରାଯାଇନାହିଁ। ୨୦ ପ୍ରତିଶତ ମାର୍କର ଇଣ୍ଟରନାଲ ଆସେସ୍‌ମେଣ୍ଟ, ୪୦ ପ୍ରତିଶତ ମାର୍କର ସମ୍ମେଟିଭ ଆସେସମେଣ୍ଟ-୧ ଏବଂ ଅବଶିଷ୍ଟ ୪୦ ପ୍ରତିଶତ ମାର୍କ ନିମନ୍ତେ ଛାତ୍ରୀଛାତ୍ରମାନେ ସମ୍ମେଟିଭ ଆସେସମେଣ୍ଟ-୨ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି।

ସୂଚନାଥାଉ କି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ବୋର୍ଡ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ଫର୍ମେଟିଭ ଓ ସମ୍ମେଟିଭ ଆସେସମେଣ୍ଟରେ ଆସ୍ପିରେସନାଲ କମ୍ପୋନେଣ୍ଟ ବିଷୟକୁ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୨-୨୩ ଶିକ୍ଷାବର୍ଷରେ ନବମଶ୍ରେଣୀ ନିମନ୍ତେ ଏହି ବିଷୟକୁ ସାମିଲ କରାଯାଇଥିଲା। ତେଣୁ ଚଳିତ ଶିକ୍ଷାବର୍ଷଠାରୁ ଦଶମ ଶ୍ରେଣୀ ନିମନ୍ତେ ମଧ୍ୟ ଏହାକୁ ଲାଗୁ କରାଯାଇଛି। ଏହି ସମସ୍ତ ବିଷୟରେ ମୋଟ ୧୦୦ ମାର୍କରେ ପରୀକ୍ଷା ହେବ ଏବଂ ଏହାର ଆସେସମେଣ୍ଟକୁ ଗାଇଡ ଶିକ୍ଷକଙ୍କ ନିକଟରେ ଦାଖଲ କରିବାକୁ ହେବ। ଏହାପରେ ଛାତ୍ରୀଛାତ୍ରଙ୍କୁ ମାର୍କ ପ୍ରଦାନ କରାଯିବ। ୮୦ ପ୍ରତିଶତ ମାର୍କ ରଖିଥିବା ପିଲାଙ୍କୁ ଏ ଗ୍ରେଡ, ୬୦ରୁ ୮୦ ପ୍ରତିଶତ ମାର୍କ ମଧ୍ୟରେ ବି ଗ୍ରେଡ, ୪୦ରୁ ୬୦ ପ୍ରତିଶତ ମାର୍କ ପାଇଁ ସି ଗ୍ରେଡ ଏବଂ ୪୦ ପ୍ରତିଶତରୁ କମ୍ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ଡି ଗ୍ରେଡ ମିଳିବ। ଏହି ଗ୍ରେଡ ହାଇସ୍କୁଲ ସାର୍ଟିଫିକେଟରେ ରହିବ। ଛାତ୍ରୀଛାତ୍ରମାନେ ଦଶମ ଶ୍ରେଣୀ ପରେ କୌଣସି କଲେଜରେ ନାମ ଲେଖାଇବା ପରେ ଏହି ସମସ୍ତ ଆକ୍ଟିଭିଟିଗୁଡିକ ସମ୍ପୃକ୍ତ କଲେଜରେ ଥିଲେ, ସେମାନେ ଏଥିରେ ଭାଗ ନେଇପାରିବେ।

# କ୍ରୀଡ଼ା ଓ ଯୁବସେବା: ୧,୨୧୭ କୋଟି



### ଚୂଡ଼ାନ୍ତ ପର୍ଯ୍ୟାୟରେ ୮୯ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍

ଗତ କିଛି ବର୍ଷ ମଧ୍ୟରେ କ୍ରୀଡ଼ା ଓଡ଼ିଶା ପାଇଁ ଏକ ଅଭିନବ ଏବଂ ଅସାଧାରଣ ପରିଚୟ ସୃଷ୍ଟି କରିଛି। ସାରା ଦେଶରେ ଓଡ଼ିଶା କ୍ରୀଡ଼ାର ଏକ ପ୍ରମୁଖ ଲକ୍ଷ୍ୟସ୍ଥଳୀ ଭାବେ ଉଭା ହୋଇଛି। ଗତମାସରେ ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜିତ 'ପୁରୁଷ ବିଶ୍ୱକପ୍ ହକି-୨୦୨୩'ର ସଫଳ ଆୟୋଜନ ରାଜ୍ୟର କ୍ରୀଡ଼ା ଇତିହାସରେ ଏକ ନୂତନ ମାଇଲଖୁଣ୍ଟ ଭାବେ ସାବ୍ୟସ୍ତ ହୋଇଛି। କୋଭିଡ୍ ଏବଂ ପ୍ରତିକୂଳ ପାଣିପାଗର ପ୍ରତିବନ୍ଧକ ସତ୍ତ୍ୱେ ରାଉରକେଲା 'ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍' ୧୫ ମାସରେ ନିର୍ମାଣ କରାଯାଇଥିଲା, ଯାହାକି ପୃଥିବୀର ସର୍ବବୃହତ୍ ଆସନ ସଂଖ୍ୟା ବିଶିଷ୍ଟ ଷ୍ଟାଡିୟମ ଭାବେ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। କ୍ରୀଡ଼ା କ୍ଷେତ୍ରରେ ପ୍ରଗତିକୁ ନିରବଚ୍ଛିନ୍ନ ରଖିବା ପାଇଁ କ୍ରୀଡ଼ା ଓ ଯୁବସେବା ନିମନ୍ତେ ବଜେଟରେ ୧୨୧୭ କୋଟି ଟଙ୍କା ହୋଇଛି। ଏଥିପାଇଁ ୨୦୧୭-୧୮ ବଜେଟରେ ୧୪୯ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ଅର୍ଥାତ୍ ବ୍ୟୟବରାଦ ଏବେ ୮ ଗୁଣ ବୃଦ୍ଧି ପାଇଛି। ଓଡ଼ିଶା କ୍ରୀଡ଼ାରେ ବୃହତ୍ ନିବେଶ କରୁଥିବା ଅଗ୍ରଣୀ ରାଜ୍ୟ ହୋଇଛି, ଯାହାର ସୁଫଳ ଆଗାମୀ ଦଶନ୍ଧିରେ ମିଳିପାରିବ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି।

ରାଜ୍ୟ ସରକାର ସହରାଞ୍ଚଳରେ ନିର୍ମାଣ କରୁଥିବା ୮୯ଟି ବହୁମୁଖୀ ଇଣ୍ଡୋର୍ ଷ୍ଟାଡିୟମ୍ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି, ଯାହାକି ଆଗାମୀ ମାସଗୁଡ଼ିକରେ କାର୍ଯ୍ୟକ୍ଷମ ହେବ। ଏହାସହିତ ୨୧ଟି ଆଷ୍ଟ୍ରୋଟର୍ଫ ଖେଳପଡ଼ିଆ ସମନ୍ୱିତ ହକି ପ୍ରଶିକ୍ଷଣ କେନ୍ଦ୍ର, ସନ୍ତରଣ ତାଲିମ କେନ୍ଦ୍ର, ଭାର ଉତ୍ତୋଳନ ପ୍ରଶିକ୍ଷଣ କେନ୍ଦ୍ର, ଫୁଟବଲ ତାଲିମ କେନ୍ଦ୍ର ଏବଂ ଜିମ୍ନାଷ୍ଟିକ ତାଲିମ କେନ୍ଦ୍ର ଇତ୍ୟାଦି ନିର୍ମାଣ କରାଯାଉଛି। ରାଉରକେଲା, ପୁରୀ, ବ୍ରହ୍ମପୁର, ଜୟପୁର, ଝାରସୁଗୁଡ଼ା, ଯାଜପୁର ଏବଂ କେନ୍ଦୁଝରରେ ଆଞ୍ଚଳିକ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ ହୋଇଥିବା ଅର୍ଥମନ୍ତ୍ରୀ କହିଛନ୍ତି।

# ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ: ୪,୨୯୯ କୋଟି

ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ମଧୁବାବୁ ପେନ୍‌ସନ୍ ଯୋଜନା(ଏମ୍‌ବିପିୱାଇ)ରେ ବୃଦ୍ଧ, ନିରାଶ୍ରୟ, ଭିନ୍ନକ୍ଷମ ଏବଂ କିନ୍ନରମାନଙ୍କର ସାମାଜିକ ସୁରକ୍ଷା ସୁନିଶ୍ଚିତ କରାଯାଉଛି। ଏହି ଯୋଜନା ଅଧୀନରେ ରାଜ୍ୟରେ ୨୮ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପେନ୍‌ସନ୍ ଦିଆଯାଉଛି। ରାଜ୍ୟ ସରକାର ବଜେଟରେ ଏହି ବିଭାଗ ପାଇଁ ୪,୨୯୯ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

### ନିର୍ମାଣ ହେବ ଆଇଆଇସି

ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ କିନ୍ନରମାନଙ୍କ ପରି ଦୁର୍ବଳ ବର୍ଗର ବ୍ୟକ୍ତିମାନଙ୍କ ଆବାସିକ ସହାୟତା ଏବଂ ଥଇଥାନ ନିମନ୍ତେ ୧୪୧ କୋଟି ଟଙ୍କା ବ୍ୟୟରେ ଜିଲା ସଦର ମହକୁମାରେ ଇଣ୍ଟିଗ୍ରେଟେଡ୍ ଇନ୍‌ଫ୍ରାଷ୍ଟ୍ରକଚର କମ୍ପ୍ଲେକ୍ସ (ଆଇଆଇସି) ସ୍ଥାପନ କରାଯିବ। ଅନ୍ୟପକ୍ଷରେ ବଜେଟରେ ଦିବ୍ୟାଙ୍ଗମାନଙ୍କ ବିକାଶ ପାଇଁ ୧୬୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

# ପାଇପ ଯୋଗେ ପାନୀୟଜଳ ଯୋଗାଣ: ୧୩,୨୧୫ କୋଟି

ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତାଗୁଡ଼ିକ ମଧ୍ୟରେ ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଅନ୍ୟତମ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ୨୦୨୪ ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ପାଇପ୍ ଯୋଗେ ଜଳଯୋଗାଣ ଏବଂ ବିଶୁଦ୍ଧ ପାନୀୟଜଳ ଯୋଗାଣର ପରିସର ବୃଦ୍ଧି କରିବା ପାଇଁ ସରକାର ଯୋଜନାବଦ୍ଧ କାର୍ଯ୍ୟ କରୁଛନ୍ତି। ୩୬,୪୫୫ କୋଟି ଟଙ୍କା ମୂଲ୍ୟର ୨୦୭ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ପରିକଳ୍ପନା ଦ୍ୱାରା ଗ୍ରାମାଞ୍ଚଳକୁ ଜଳଯୋଗାଣ କରି ବୃହତ୍ ସଫଳତା ହାସଲ କରାଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି। ପାଇପ୍ ଯୋଗେ ଜଳଯୋଗାଣ ପାଇଁ ବଜେଟ ଏବଂ ବଜେଟ ବହିର୍ଭୂତ ସମ୍ବଳର ଉପଯୋଗ କରି ୨୦୨୩-୨୪ରେ ୧୩,୨୧୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଖଣି ଦ୍ୱାରା ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ୮ ଜିଲାର ୬୯୧ ଗ୍ରାମକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ। ଏଥିପାଇଁ ଓଡ଼ିଶା ଖଣିଜ ସମ୍ପଦ ପୂର୍ଣ୍ଣ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି) ପାଣ୍ଠିରୁ ୨୧୨୭ କୋଟି ଏବଂ ଜିଲା ଖଣିଜ ପାଣ୍ଠିରୁ ୫୮୮ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି।

# ମାର୍ଚ୍ଚ ୫ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

### ୯୨୯ କେନ୍ଦ୍ରରେ ପରୀକ୍ଷା ଦେବେ ୧,୭୩,୧୬୩ ପରୀକ୍ଷାର୍ଥୀ

କଟକ ଅଫିସ,୨୪।୨

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆସନ୍ତା ମାର୍ଚ୍ଚ ୫ରେ ଅନୁଷ୍ଠିତ ହେବ। ୯୨୯ଟି କେନ୍ଦ୍ରରେ ୧ଲକ୍ଷ ୭୩ ହଜାର ୧୬୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେଥିମଧ୍ୟରୁ ଷଷ୍ଠ ଶ୍ରେଣୀରେ ୧୩,୬,୪୯୧, ସପ୍ତମ ଶ୍ରେଣୀରେ ୧୭,୧୫୪, ଅଷ୍ଟମରେ ୧୨,୪୫୬ ଏବଂ ନବମ ଶ୍ରେଣୀରେ ୫,୭୧୬ଜଣ ଛାତ୍ରୀଛାତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଫର୍ମପୂରଣ କରିଛନ୍ତି। ସେହିଭଳି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀର ୧୩୪୬ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ବୋର୍ଡ ୱେବ୍‌ସାଇଟରୁ ପରୀକ୍ଷାର୍ଥୀମାନେ ଆଡ୍‌ମିଟ କାର୍ଡ ଡାଉନ୍‌ଲୋଡ କରିପାରିବେ ବୋଲି ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

# ସ୍ତ୍ରୀଙ୍କୁ ୭ କୋଟିର ମନ୍ଦିର ଉପହାର ଦେଲେ ସ୍ୱାମୀ

ଯାଜପୁର ଟାଉନ,୨୪।୧(ଡି.ଏନ.ଏ.)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଚିକଣା ଗ୍ରାମରେ ଶିଳ୍ପପତି କ୍ଷେତ୍ରବାସୀ ଲେଙ୍କା ୭ କୋଟି ଟଙ୍କାର ସନ୍ତୋଷୀ ମା' ମନ୍ଦିର ନିର୍ମାଣ କରି ତାଙ୍କ ସ୍ତ୍ରୀ ବୈଜୟନ୍ତୀ ଲେଙ୍କାଙ୍କୁ ଉପହାର ପ୍ରଦାନ କରିଛନ୍ତି। ସ୍ତ୍ରୀ ସନ୍ତୋଷୀ ମା'ଙ୍କ ଭକ୍ତ ହୋଇଥିବାରୁ ତାଙ୍କ ଗ୍ରାମରେ ମନ୍ଦିର ନିର୍ମାଣ କରି ତାଙ୍କୁ ଉପହାର ପ୍ରଦାନ କରିଥିବା କହିଛନ୍ତି କ୍ଷେତ୍ରବାସୀ। ଉଭୟ ଦମ୍ପତି ହାଇଦ୍ରାବାଦ୍‌ରେ ରହୁଥିବାବେଳେ ସ୍ତ୍ରୀଙ୍କୁ ତାଙ୍କ ଗ୍ରାମରେ ମନ୍ଦିର କରାଇଦେବାକୁ କ୍ଷେତ୍ରବାସୀ କହିଥିଲେ। ତେଣୁ ସେ ଏକ ବିଶାଳକାୟ ସନ୍ତୋଷୀ ମା' ମନ୍ଦିର ଦକ୍ଷିଣ ଭାରତ ଶୈଳୀରେ ନିର୍ମାଣ କରିଛନ୍ତି।

କ୍ଷେତ୍ରବାସୀ ଚିକଣା ଗ୍ରାମର ବୈଜୟନ୍ତୀଙ୍କୁ ବିବାହ କରିବା ସମୟରେ ଏକ ମନ୍ଦିର ନିର୍ମାଣ କରିଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ୨୦୦୮ରୁ ଏହିଠାରେ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିବାବେଳେ ଏବେ ତାହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମନ୍ଦିରର ମୁଖଶାଳା ୪୬ଫୁଟ୍ ହୋଇଥିବାବେଳେ ଉଚ୍ଚତା ୬୫ ଫୁଟ୍ ରହିଛି। ସନ୍ତୋଷୀ ମା'ଙ୍କ ମନ୍ଦିର ସହ ଶିବ, ଗଣେଶ ଏବଂ ନବଗ୍ରହ ଏହି ମନ୍ଦିରରେ ନିର୍ମାଣ କରାଯାଇଛି। ୨୦୦୮ରେ ଏହି ମନ୍ଦିର ନିର୍ମାଣ ପାଇଁ ୩୦ ଲକ୍ଷ ଟଙ୍କା ବଜେଟ୍ ଥିବାବେଳେ ଦୀର୍ଘ ୧୫ ବର୍ଷ ପରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାବେଳକୁ ତାହା ବଢ଼ି ୭କୋଟି ଟଙ୍କାରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ଆସନ୍ତା ୨୮ ତାରିଖରେ ମନ୍ଦିର ପ୍ରତିଷ୍ଠା କରାଯିବ। ପରେ ଏହା ଗ୍ରାମବାସୀ ଓ ଶ୍ରଦ୍ଧାଳୁଙ୍କ ଲାଗି ଉତ୍ସର୍ଗୀକୃତ ହେବ।



ସନ୍ତୋଷୀ ମା' ମନ୍ଦିର।

# ଏମ୍‌ସିଡି ହାଉସ୍ ରଣକ୍ଷେତ୍ର

### ଏଏପି-ଭାଜପା କାଉନ୍‌ସିଲରଙ୍କ ମଧ୍ୟରେ ସଂଘର୍ଷ

ନୂଆଦିଲ୍ଲୀ,୨୪।୨

ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି)ର ଷ୍ଟାଣ୍ଡିଂ କମିଟି ସଦସ୍ୟ ନିର୍ବାଚନରେ ଭୋଟ ପୁନଃ ଗଣନାକୁ ଏଏପି କାଉନସିଲରମାନେ ବିରୋଧ କରିଥିଲେ। ଏମ୍‌ସିଡି ମେୟର ଶେଲି ଓବେରୟ ଶୁକ୍ରବାର ପୁନଃଗଣତିକୁ ବନ୍ଦ କରିବା ପରେ ଏହାକୁ ନେଇ ଗୃହରେ ତୁମୁଳ କାଣ୍ଡ ଘଟିଯାଇଛି। ଏଏପି ଏବଂ ଭାଜପା କାଉନସିଲରମାନେ ପରସ୍ପରକୁ ମୁଥ ଓ ଗୋଇଠା ମାରିବା ସହ ଚୁଟି ଘୋଷାରୁଥିବା ଦେଖାଯାଇଥିଲା। କେତେଜଣଙ୍କ କୁର୍ତ୍ତା ଚିରିଯାଇଥିଲା। ସଂଘର୍ଷ ବେଳେ ଦୁଇଜଣ ସଦସ୍ୟ ତଳେ ପଡ଼ିଯାଇଥିଲେ। ଏଏପି କାଉନସିଲର ଅଶୋକ କୁମାର ମାନୁ ମୂର୍ଚ୍ଛା ଯାଇଥିଲେ। କାଉନସିଲରମାନେ ଏଭଳି ନିର୍ଲଜ ହୋଇଯାଇଥିଲେ ଯେ, ସେମାନେ ମହିଳା ସଦସ୍ୟମାନଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ମେୟର ଓବେରୟଙ୍କୁ ମଧ୍ୟ ଭାଜପା ଗୁଣ୍ଡାମାନେ ଆକ୍ରମଣ କରିଥିବା ଏଏପି ଅଭିଯୋଗ କରିଛି। ମହିଳା ସୁରକ୍ଷାକର୍ମୀମାନେ ତାଙ୍କୁ ଏସ୍‌କର୍ଟ କରି ନେଇଯାଇଥିଲେ।

ପୁନଃଗଣତି ପ୍ରକ୍ରିୟା ବନ୍ଦ ଲାଗି ମେୟରଙ୍କ ନିଷ୍ପତ୍ତି ବିରୋଧରେ ଭାଜପା କାଉନସିଲରମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମାଇକ ଭାଙ୍ଗିବା ଏବଂ ବାଲଟ ପେପର ଚିରିବା ଆରମ୍ଭ କରିଦେଇଥିଲେ। ସେମାନେ ଗୃହରେ ସ୍ଲୋଗାନ ଦେବା ସହ ପୋଲିଂ ବୁଥ୍‌କୁ ଭାଙ୍ଗିଦେଇଥିଲେ। ପୁନଃଗଣତି ପାଇଁ ଗୋଟିଏ ଦଳ ଚାହୁଁଥିବାବେଳେ ଅନ୍ୟ ଦଳ ବିରୋଧ କରୁଥିବାରୁ ଏହାକୁ ସ୍ଥଗିତ ରଖାଗଲା ବୋଲି ମେୟର ଓବେରୟ କହିଥିଲେ। ପୂର୍ବରୁ ସବୁଠୁ ପ୍ରଭାବଶାଳୀ ଷ୍ଟାଣ୍ଡିଂ କମିଟି ସଦସ୍ୟ ନିର୍ବାଚନ ଲାଗି ଭୋଟଗ୍ରହଣ ପରେ ଗୋଟିଏ ଭୋଟକୁ ନେଇ କାଉନସିଲରମାନଙ୍କ ମଧ୍ୟରେ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ମେୟର ଉକ୍ତ ଭୋଟକୁ ଅବୈଧ ଘୋଷଣା କରିଥିଲେ।

ଭାଜପାର ଜଣେ କାଉନସିଲର କହିଛନ୍ତି, ଭୋଟ ବୈଧ ଥିଲା। ଏହାକୁ ଅବୈଧ ଘୋଷଣା କରାଯିବା ଦ୍ୱାରା ଏଏପି ପ୍ରାର୍ଥୀ ବିଜୟୀ ହୋଇଯିବେ। ନିର୍ବାଚନ କମିଶନ ଧାର୍ଯ୍ୟ କରିଥିବା ଭୋଟ ଗଣନା ନିୟମାବଳୀକୁ ମେୟର ଉପେକ୍ଷା କରିଥିବା ଅନ୍ୟ ଜଣେ ଭାଜପା କାଉନସିଲର ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ମେୟର କହିଛନ୍ତି, ଭାଜପା ଏକ ଗୁଣ୍ଡା ଦଳ ବୋଲି ଏମ୍‌ସିଡି ହାଉସ୍‌ରେ ହଙ୍ଗାମା କରି ସାରା ଦେଶକୁ ଦେଖାଇ ଦେଇଛି। ସେମାନେ ଗୋଟିଏ ଭୋଟରେ ହାରିଯିବେ ଜାଣିବା ପରେ ଏଏପି ସଦସ୍ୟମାନଙ୍କୁ ଆକ୍ରମଣ ଆରମ୍ଭ କରିଥିଲେ। ସେମାନେ ଟେବୁଲ ଉପରେ ଚଢ଼ି ଧମକ ଦେଇଥିଲେ ବୋଲି ମେୟର କହିଛନ୍ତି।



ଏମ୍‌ସିଡି ହାଉସ୍‌ରେ ଭାଜପା ଏବଂ ଏଏପି କାଉନ୍‌ସିଲରଙ୍କ ମଧ୍ୟରେ ମାରପିଟ।

**ଆଜିର ମନ୍ତବ୍ୟ**
ବିଶ୍ୱ ଅର୍ଥନୀତିରେ ଭାରତ ଏକ ଉଦୀୟମାନ ତାରକା, ଯାହାର ବିକାଶକୁ ରୋକାଯାଇପାରିବ ନାହିଁ। କୃଷି ଏବଂ କୃଷିଭିତ୍ତିକ ଶିଳ୍ପ ଯୋଗୁ ଏହା ସମ୍ଭବ ହୋଇଛି। **-ଜଗଦୀପ ଧନକର, ଉପରାଷ୍ଟ୍ରପତି**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଡ଼ିକି ଯୋଗ !**
**କୁଣ୍ଡା ଖାଇକି ନରସିଂହ ଭୋଗ ।**

ଯୋଗ ବା ଦଶା ଭଲ ପଡ଼ିଲେ ମଣିଷର ଭାଗ୍ୟ ଫିଟିଯାଏ। ଭଲ ବେଳା ପଡ଼ିଲେ ଦୁସ୍ଥ ଜୀବନ ବିତାଉଥିବା ବ୍ୟକ୍ତି ରାଜ ସୁଖ ଲାଭ କରିବା ସହ ବହୁ ସୌଭାଗ୍ୟର ଅଧିକାରୀ ହୋଇଯାଏ। ସେହିପରି ଅତି ନିମ୍ନସ୍ତରର ବ୍ୟକ୍ତି ମଧ ଉଚ୍ଚାସନ ଲାଭ କରିପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏ ଥରକ ଗାର,**
**ଆର ଥରକୁ ଧାର ।**

ବେପାର ବଣିଜରେ ବାକି ଦେଲେ ବେପାର ବୁଡ଼ିଯିବା ସମ୍ଭାବନା ରହିଥାଏ। ଆଜି ନଗଦ କାଲି ଉଧାର। ବେପାର ବଣିଜ କରୁଥିବା ବ୍ୟକ୍ତି ନଗଦ କାରବାର ଉପରେ ଜୋର ଦେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜିଲାପାଳଙ୍କ ବିରୋଧରେ ଅଭିଯୋଗ ଆଣିଲେ ସିଡିଏମ୍‌ଓ

- **ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖି ବଦଳି ଦାବି କଲେ**
- **ଆମେ ପରିବାର ସଦସ୍ୟ, ସମାଧାନ ଶୀଘ୍ର କହିଲେ ଜିଲାପାଳ**

ବରଗଡ଼ ଅଫିସ,୨୪।୨

ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏଭଳି ଅଭିଯୋଗ ନେଇ ଗତ ମାସରେ ଯୋଗଦାନ କରିଥିବା ନୂତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଚାରୁବାଳା ରଥ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ବାନାର୍ଜୀ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଆସୁଥିବାରୁ ତାଙ୍କ (ଜିଲାପାଳ) ବଦଳି ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି । ସ୍ୱାସ୍ଥ୍ୟ ସଚିବଙ୍କୁ ଦେଇଥିବା ଅଭିଯୋଗପତ୍ରରେ ସିଡିଏମ୍‌ଓ ରଥ ଉଲ୍ଲେଖ କରିଛନ୍ତି, ଗତ ୨୧ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସେ (ସିଡିଏମ୍‌ଓ) ଭୀମ ଭୋଇ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନରେ ଯାଉଥିଲେ। ଏହି ସମୟରେ ଜିଲାପାଳ ବାନାର୍ଜୀଙ୍କ ବ୍ୟକ୍ତିଗତ ସହାୟକ (ପିଏ) ତାଙ୍କୁ ଫୋନ କରିଥିଲେ ଏବଂ ଜିଲାପାଳ କଥା ହେବାକୁ ଚାହୁଁଛନ୍ତି ବୋଲି କହିଥିଲେ। ଏହାପରେ ଜିଲାପାଳ ତାଙ୍କୁ ଟେକ୍ନୋମ୍ୟାନେଜେରିଆଲ ଟେଣ୍ଡର ବିଷୟରେ ପଚାରିଥିଲେ। ନୂଆ କରି ଯୋଗ ଦେଇଥିବାରୁ ପ୍ରୋସେସ୍ ଚାଲିଛି ଏବଂ ଡିପିଏମ୍‌ଙ୍କୁ ପଚାରି କହୁଛି ବୋଲି ସିଡିଏମ୍‌ଓ ଜିଲାପାଳଙ୍କୁ କହିଥିଲେ। ଏହାପରେ ଜିଲାପାଳ ବାନାର୍ଜୀ ବଡ଼ପାଟିରେ ସବୁବେଳେ ମୁ ତାହା ଶୁଣୁଛି, ଆପଣ କିଛି ଜାଣୁନାହାନ୍ତି, ଚେୟାର ଛାଡ଼ି ଦିଅନ୍ତୁ ବୋଲି କହିଥିବା ସିଡିଏମ୍‌ଓ ଅଭିଯୋଗ କରିଛନ୍ତି। ସିଡ଼ିଏମ୍‌ଓ ପ୍ରତ୍ୟୁତ୍ତରରେ ସେ ସ୍ୱେଚ୍ଛାରେ ଆସିନାହାନ୍ତି, ସରକାରଙ୍କ ଆଦେଶରେ ଏଠାରେ ଯୋଗଦାନ କରିଛନ୍ତି ବୋଲି କହିଥିଲେ। ଏହାପରେ ଜିଲାପାଳ ଆପଣ କିଛି ଜାଣି ନାହାନ୍ତି, ଲେଖି ଦିଅନ୍ତୁ ବୋଲି ତାଙ୍କୁ କହିଥିବା ଡା. ରଥ କହିଛନ୍ତି।

ସିଡିଏମ୍‌ଓ ରଥ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଝାରବନ୍ଧରେ ଜଣଙ୍କ ମୃତ୍ୟୁ ହୋଇଥିଲା। ପଦ୍ମପୁର ଉପଖଣ୍ଡ ଚିକିତ୍ସାଧିକାରୀ (ଏସ୍‌ଡିଏମ୍‌ଓ) ଡା. ସରୋଜ ସେଠଙ୍କ ସହାୟତାରେ ସେହି ଘଟଣାକୁ ଠିକ୍ ଭାବେ ପରିଚାଳନା କରାଯାଇଥିଲା। ସେଥିପାଇଁ କିଛି ପ୍ରଶଂସା ମିଳି ନ ଥିଲା। ବରଂ ଏହାର ୨ଦିନ ପରେ ଜିଲାପାଳଙ୍କ ସେଭଳି ବ୍ୟବହାର ତାଙ୍କୁ ବ୍ୟଥିତ କରିଛି ବୋଲି ସେ କହିଛନ୍ତି। କେବଳ ସେତିକି ନୁହେଁ, ଜିଲାପାଳ ବାନାର୍ଜୀ ପୂର୍ବତନ ସିଡିଏମ୍‌ଓଙ୍କୁ ଏକ ଘରେ ବନ୍ଦ କରି ତାଲା ପକାଇ ଦେଇଥିବା ସେ ଶୁଣିଛନ୍ତି। ଏପରିକି କିଛି ବୁଝାସୁଝା ନ କରି ଜିଲାପାଳ କଥା କଥାରେ ଗାଳି କରୁଛନ୍ତି। ଜିଲାପାଳଙ୍କ ସେଭଳି ବ୍ୟବହାର ତାଙ୍କୁ ଅତିଷ୍ଠ କରିଥିବା ଡା. ରଥ କହିଛନ୍ତି। ଏଭଳି ସ୍ଥଳେ ଜିଲାପାଳ ବାନାର୍ଜୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ସେ ସ୍ୱାସ୍ଥ୍ୟ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏ ନେଇ ଜିଲାପାଳ ବାନାର୍ଜୀଙ୍କୁ ପଚାରିବାରୁ ସେ କହିଥିଲେ, ସିଡିଏମ୍‌ଓ ଜିଲା ପ୍ରଶାସନ ତଥା ପ୍ରଶାସନିକ ପରିବାରର ଜଣେ। ବର୍ତ୍ତମାନର ସିଡ଼ିଏମ୍‌ଓ ଜଣେ ବରିଷ୍ଠ ଅଧିକାରୀ। ପରିବାରର ଜଣେ ସଦସ୍ୟ ଭାବେ ମୁ କେବେ ମଧ୍ୟ ତାଙ୍କ ବିରୋଧରେ କହିବି ନାହିଁ। ଯାହା ହୋଇଛି, ତାହା ଆମମାନଙ୍କ ମଧ୍ୟରେ ସମାଧାନ ହୋଇଯିବ ବୋଲି ବାନାର୍ଜୀ କହିଥିଲେ।


ମୋନିଷା ବାନାର୍ଜୀ


ଚାରୁବାଳା ରଥ


ପ୍ରାପ୍ତେଷୁ,

ମାନ୍ୟବର ସଚିବ,
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡିଶା ସରକାର, ଭୁବନେଶ୍ୱର

ବିଷୟ- କାର୍ଯ୍ୟରତ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ସମ୍ବନ୍ଧେ;

ମହାଶୟା,

ଲେଖି ଜଣାଇବାର ଅଭିପ୍ରାୟ ଏହି କି ଯେ, ତା.୨୧/୦୨/୨୦୨୨ରିଖ ପ୍ରାୟ ଦିନ ୧୨ ଟା ସମୟରେ ମୁଁ ଭୀମ ଭୋଇ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନରେ ଯାଉଥିବା ସମୟରେ ବର୍ତ୍ତମାନର କାର୍ଯ୍ୟରତ ଜିଲ୍ଲାପାଳ ମ୍ୟାଡ଼ାମଙ୍କ ପି.ଏ.ଠାରୁ ଫୋନ ଆସିଲା । ସେ କହିଲେ ମ୍ୟାଡ଼ାମ ଚାହୁଁଛନ୍ତି କଥା ହେବା ପାଇଁ । ମୁଁ ଗାଡି ଅଟକାଇ ସାଇଡ କରି ଫୋନ ଧରିଥାଏ । ସେତେବେଳେ ଜିଲ୍ଲାପାଳ ମ୍ୟାଡ଼ାମ ପଚାରିଲେ CDMO ମ୍ୟାଡ଼ାମ କହୁଛନ୍ତି ? ମୁଁ ନମସ୍କାର ଜଣାଇଲି । ସେ ମୋତେ ପଚାରିଲେ ସେ Technomanagerial Tender ବିଷୟରେ କଣ ହେଲା ? ମୁଁ ଏଠାରେ ନୂଆ ଆସିଥିବାରୁ ମୁଁ ସଂଗେ ସଂଗେ ଉତ୍ତର ଦେଇ କହିଲି, ମ୍ୟାଡ଼ାମ ଟେଣ୍ଡର process ଚାଲିଛି, ମୁଁ DPM କୁ ପଚାରି କହୁଛି । ତାପରେ ସେ high pitch ରେ ସବୁବେଳ ପରି କହିଲେ, ଯେଉଁଟା ମୁଁ ଏଠିକି ଆସିଲା ପରେ ବାରମ୍ବାର ଶୁଣିଲିଣି । ଆପଣ କିଛି ଜାଣୁ ନାହାନ୍ତି, ସେ chair ରେ କାହିଁକି ବସିଛନ୍ତି । ମୁଁ କହିଲି ମ୍ୟାଡ଼ାମ ମୁଁ ନିଜ ଇଚ୍ଛାରେ ଆସିନାହିଁ, Govt Order ହୋଇଥିଲା ସେଥିପାଇଁ ଆସିଅଛି । ତାପରେ repeat କଲେ କିଛି ଜଣାନାହିଁ । ଲେଖି ଦିଅନ୍ତୁ କିଛି ଜାଣି ନାହିଁ । ମୁଁ କହିଲି ମ୍ୟାଡ଼ାମ ମୁଁ କାହିଁକି ଲେଖିବି, ଆପଣ ଲେଖିଦିଅନ୍ତୁ । ତାଙ୍କର ବ୍ୟବହାର ବହୁତ ଖରାପ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରେ ଜଣଙ୍କର ଝାରବନ୍ଧରେ ମୃତ୍ୟୁ ହେଲା । ତାକୁ SDMO ପଦ୍ମପୁର ଡ଼ ସରୋଜ ସେଠଙ୍କ ସହାୟତାରେ ଖୁବ ଭଲଭାବରେ ପରିଚାଳନା କରିଥିଲୁ । ସେଥିପାଇଁ କିଛି ପ୍ରସଂଶା ନ ଥିଲା । ତାର ଦୁଇ ଦିନ ପରେ ତାଙ୍କର ଏପରି ବ୍ୟବହାର ।

ମୁଁ ଶୁଣିଛି ଯେ, ପୂର୍ବତନ CDMO କୁ ବିନା କାରଣରେ ଏକ ଘରେ ବନ୍ଦ କରି ବାହାରୁ ତାଲା ପକେଇ ଦେଇଥିଲେ । ସମସ୍ତଙ୍କର ଅନୁଭବ ଓ ପୂର୍ବରୁ ଆଭାସ ପାଇଁ ଥିଲି ଯେ, ସେ ସମସ୍ତଙ୍କୁ ବହୁତ ଖରାପ ଭାଷାରେ କିଛି ନ ବୁଝି ନ ସୁଝି ଗାଳି ଦିଅନ୍ତି । ଏଥିରେ ଆମର ସ୍ୱାଭିମାନକୁ ବାଧା ଆସୁଛି । ଆମେ ସମସ୍ତେ ତାଙ୍କ ବ୍ୟବହାର ରେ ଅତିଷ୍ଠ । ତାଙ୍କର ଏପରି ଦୁର୍ବ୍ୟବହାର ଓ ଅସହଯୋଗ କଥାବାର୍ତ୍ତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱାସ୍ଥ୍ୟ ସଚିବ ଓ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅନୁରୋଧ କରୁଅଛି ।

ସେ ତାଙ୍କର ଏହିପରି ରୁକ୍ଷ ବ୍ୟବହାର ପରିବର୍ତ୍ତନ ନ କଲେ ଆମ ସମସ୍ତଙ୍କର ସ୍ୱାସ୍ଥ୍ୟ କାର୍ଯ୍ୟ ସମ୍ପାଦନାରେ ପ୍ରତିବନ୍ଧକ ସାଜିବ । ଏଥିପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରୁଅଛି । ତତ ସହିତ ତାଙ୍କୁ ଅନ୍ୟତ୍ର ବଦଳି କରିବାପାଇଁ ଅନୁରୋଧ କରୁଛି ।

ଇତି
ଆପଣଙ୍କର ବିଶ୍ୱସ୍ତ
ଡ଼ ଚାରୁବାଳା ରଥ
ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ
ବରଗଡ଼

ଏହାର ଏକକିତା ନକଲ ନିମ୍ନଲିଖିତ ଅଧିକାରୀଙ୍କ ଗୋଚରାର୍ଥେ ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

- ମାନନୀୟ ସଭାପତି, ଓମ୍ସା (OMSA), ବରଗଡ଼ ଶାଖା, ଓଡିଶା ।
- Director of Health Services, ଓଡିଶା ।

ଡ଼ ଚାରୁବାଳା ରଥ
ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ
ବରଗଡ଼

ସ୍ୱାସ୍ଥ୍ୟ ସଚିବଙ୍କୁ ସିଡିଏମ୍‌ଓ ଦେଇଥିବା ଚିଠିର ନକଲ ।

## ବାପା ଛୁରା ମାଡ଼ରେ ପୁଅ ମୃତ

**ମଦପିଇ ବାପା-ପୁଅ ଗଣ୍ଡଗୋଳ**

ପାତ୍ରପୁର,୨୪।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଜରଡ଼ା ଥାନା ଆଦିବାସୀ ଇଲାକା ଧାଡ଼ିଆମ୍ବ ଗାଁରେ ଶୁକ୍ରବାର ନିଶାସକ୍ତ ବାପାର ଛୁରା ମାଡ଼ରେ ପୁଅର ମୃତ୍ୟୁ ଘଟିଛି। ମୃତକ ହେଲେ ବାଉରୀ ଶବରଙ୍କ ପୁଅ ପ୍ରତାପ। ବାଉରୀ ସକାଳୁ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ପରିବାରର ସମସ୍ତଙ୍କୁ ଗାଳି କରୁଥିଲେ। ଏହି ସମୟରେ ପ୍ରତାପ ପ୍ରତିଦିନ କାହିଁକି ଏଭଳି ଗାଳିଗୁଲଜ କରୁଛ ବୋଲି ବାପାଙ୍କୁ ପଚାରିଥିଲେ। ଏଥିରେ ରାଗିଯାଇ ବାଉରୀ ପୁଅକୁ ଛୁରା ଧରି ଗୋଡାଇଥିଲେ। ପରେ ନିଜ ଘର ଦାଣ୍ଡରେ ପୁଅର ଛାତିକୁ ଛୁରିରେ ଭୁସି ଦେବାରୁ ଘଟଣାସ୍ଥଳରେ ପ୍ରତାପଙ୍କ ମୃତ୍ୟୁ ଘଟିଥିଲା। ଜରଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଏ ନେଇ ନଂ. ୭୯/୨୩ ରେ ଏକ ମାମଲା ରୁଜୁ କରି ପୋଲିସ ବାଉରୀଙ୍କୁ କୋର୍ଟ ଚାଲାଣ କରିଥିବା ଆଇଆଇସି ସୁନୀଲ କୁମାର ବେହେରା କହିଛନ୍ତି।

## ଅଫିସ୍‌ରେ ରେଳ କର୍ମଚାରୀଙ୍କୁ ବାନ୍ଧି ଲୁଟ୍

**ନେଇଗଲେ ୭ ଲକ୍ଷ ଟଙ୍କାର ବିଦ୍ୟୁତ୍ ସାମଗ୍ରୀ**

ଭଦ୍ରକ ଅଫିସ, ୨୪।୨

ରେଳ କର୍ମଚାରୀଙ୍କୁ ଅଫିସ ଭିତରେ ବାନ୍ଧି ଦୁର୍ବୃତ୍ତମାନେ ଭଦ୍ରକ ରେଳ ଷ୍ଟେଶନ ୧୧୯ ନଂ. ଗେଟ୍ ନିକଟ ବିଦ୍ୟୁତ୍ ଅଫିସରୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଲୁଟି ନେଇଛନ୍ତି। ବୁଧବାର ରାତିରେ ଏହି ଘଟଣା ଘଟିଛି। ଅଫିସ୍‌ର ମ୍ୟାନେଜର ଲକ୍ଷ୍ମୀନାରାୟଣ ସିଂଙ୍କ ଏତଲା କ୍ରମେ ରେଲୱେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଭଦ୍ରକ ଚରମ୍ପାସ୍ଥିତ ପୂର୍ବତଟ ରେଲୱେ ବିଭାଗ କାର୍ଯ୍ୟାଳୟର କର୍ମଚାରୀ ବିହାର ଇସଲାମପୁର ଅଞ୍ଚଳର ମହମ୍ମଦ କୁର୍‌ବାନ ଅଫିସର ତଳ କୋଠରିରେ ଓ ବିଭାଗରେ କାର୍ଯ୍ୟ କରୁଥିବା ଠିକାଦାରଙ୍କ ଗାଡ଼ି ଡ୍ରାଇଭର ତିହିଡ଼ି ଥାନା ଅଞ୍ଚଳର ଅଶୋକ ମହାରାଜ ଉପର ତାଲାକୁ ଶୋଇବାକୁ ଯାଇଥିଲେ। ସେହି ସମୟରେ ପ୍ରାୟ ୬ରୁ ୭ଜଣ ଯୁବକ ମୁହଁରେ କପଡ଼ା ବାନ୍ଧି ପ୍ରଥମେ କୁରବାନଙ୍କୁ ମାଡ଼ି ବସି ତାଙ୍କୁ ମାଡ଼ ମାରିବା ସହ ହାତ ଗୋଡ଼ ବାନ୍ଧି ପକାଇଥିଲେ। ପାଟି ଶୁଣି ଅଶୋକ ତଳକୁ ଆସିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମଧ ମାଡ଼ ମାରି ହାତଗୋଡ଼ ବାନ୍ଧି ଦେଇଥିଲେ। ପରେ ଅଫିସ୍‌ରେ ଥିବା ଜମ୍ପର ୱେୟାର, କ୍ରସ୍ ଫିଦର ୱେୟାର, ସ୍ମଲ ଜମ୍ପର, ଲାର୍ଜ ସ୍ପାନ ୱେୟାର, ବ୍ରିଡଲ ୱେୟାର, କେଟେନାରୀ ୱେୟାର, କଣ୍ଟାକ୍ଟ ୱେୟାର ଆଦି ସାମଗ୍ରୀ ସବୁ ଏକ ଟ୍ରକ୍‌ରେ ଲଦି ଫେରାର ହୋଇଯାଇଥିଲେ। ବିଳମ୍ବିତ ରାତିରେ ରେଲୱେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଅଫିସ ଖୋଲାଥିବା ଦେଖି ଭିତରକୁ ଯାଇ ୨ କର୍ମଚାରୀ ବନ୍ଧା ହୋଇଥିବା ଦେଖିବାକୁ ପାଇଥିଲା। ସେମାନଙ୍କୁ ଉଦ୍ଧାର କରି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସନ୍ଧାନୀ କୁକୁର ଆଣି ଅଧିକ ଖାନ ତଲାସ ଚାଲିଥିବା ସରକାରୀ ରେଲୱେ ଥାନା ଭାରପ୍ରାପ୍ତ ଅଧିକାରୀ ଆର୍. ଶଙ୍କର ରାଓ କହିଛନ୍ତି।

# ଘରୁ ଡାକିନେଇ ଯୁବକଙ୍କୁ ହତ୍ୟାକଲେ ମାଓବାଦୀ

**୨ ଏସ୍‌ପି ଓ ପୋଲିସ ଗୋଇନ୍ଦା ବିଭାଗକୁ ଦାୟୀକଲେ**

ରାଇଘର,୨୪।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ଥାନା ଅନ୍ତର୍ଗତ ହାତୀଗାଁ ପଞ୍ଚାୟତର ଖାଲେପାରାଠାରେ ଗୁରୁବାର ରାତିରେ ମାଓବାଦୀମାନେ ଜଣେ ଯୁବକଙ୍କୁ ଘରୁ ଡାକିନେଇ ହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ଚନ୍ଦନ ମଲ୍ଲିକ (୪୨)। ପୋଲିସ ଇନ୍‌ଫର୍ମର ସାଜିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ମୃତଦେହ ନିକଟରେ ମାଓବାଦୀମାନେ ଛାଡ଼ିଯାଇଥିବା ପୋଷ୍ଟରରେ ଜଣାଇଛନ୍ତି। ଏହି ହତ୍ୟାକାଣ୍ଡ ପାଇଁ ନବରଙ୍ଗପୁର ଓ ଛତିଶଗଡ଼ ରାଜ୍ୟ ଗାରିଆବନ୍ଧ ଏସ୍‌ପି ଏବଂ ପୋଲିସ ଗୋଇନ୍ଦା ବିଭାଗ ଦାୟୀ ବୋଲି ଉକ୍ତ ପୋଷ୍ଟରରେ ଉଦନ୍ତି ଏରିଆ କମିଟି ତରଫରୁ ଉଲ୍ଲେଖ କରାଯାଇଛି।

ସୂଚନା ଅନୁସାରେ, ଗୁରୁବାର ରାତି ପ୍ରାୟ ୯ଟାରେ ୨୫ରୁ ଊର୍ଦ୍ଧ୍ୱ ମାଓବାଦୀ ଛତିଶଗଡ଼ ସୀମାକୁ ଲାଗି ରହିଥିବା ଖାଲେପାରା ଗ୍ରାମକୁ ଆସିଥିଲେ। ସେମାନେ ଚନ୍ଦନଙ୍କୁ ଘରୁ ଡାକିନେଇ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ର ପାଖକୁ ଯାଇଥିଲେ। ସେଠାକୁ ଗ୍ରାମବାସୀଙ୍କୁ ଡକାଇ ଏକ ବୈଠକ କରିଥିଲେ। ପରେ ସମସ୍ତଙ୍କୁ ଚାଲିଯିବାକୁ କହି ଚନ୍ଦନଙ୍କ ହାତରେ ଦଉଡ଼ି ବାନ୍ଧି ନିକଟସ୍ଥ ପଡ଼ିଆକୁ ନେଇ ପ୍ରବଳ ମାଡ଼ ମାରିଥିଲେ। ଶୁକ୍ରବାର ସକାଳେ ସେଠାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚନ୍ଦନଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ବେକରେ ଚିହ୍ନ ଥିବାରୁ ତାଙ୍କୁ ଦଉଡ଼ିରେ ବାନ୍ଧି ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ଜଣାପଡ଼ିଛି। ମୃତଦେହ ନିକଟରେ ପଡ଼ିଥିବା ପୋଷ୍ଟରରେ ଆହୁରି ଲେଖାଅଛି ଯେ, ଚନ୍ଦନ ପୋଲିସକୁ ମାଓବାଦୀଙ୍କ ଗତିବିଧି ବିଷୟରେ ଖବର ଦେଉଥିବାରୁ ପୂର୍ବରୁ ତାଙ୍କୁ ଜନ ଅଦାଲତରେ ହାଜରକରି ଚେତାବନୀ ଦିଆଯାଇଥିଲା । ସେ ପୁଣି ପୋଲିସ ଇନ୍‌ଫର୍ମର ଭାବେ କାମ କରିବାରୁ ମୃତ୍ୟୁଦଣ୍ଡ ଦିଆଯାଇଛି। ତେବେ ଗ୍ରାମବାସୀ ଏ ନେଇ ମୁହଁ ଖୋଲୁ ନାହାନ୍ତି । ଅପରାହ୍ନରେ ରାଇଘର ଥାନା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଇଘରକୁ ଆଣିଥିଲା। ମୃତକଙ୍କ ପରିବାର ଲୋକଙ୍କ ପ୍ରତି ବିପଦ ଥିବାରୁ ସେମାନଙ୍କୁ କଦଭାଟାରେ ଥିବା ଚନ୍ଦନଙ୍କ ଭଉଣୀ ଘରକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଉପସ୍ଥିତିରେ ରାଇଘର ମୁଖ୍ୟ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରମୋଦ ନାଏକ କହିଛନ୍ତି।



ମାଓବାଦୀମାନେ ଛାଡ଼ିଯାଇଥିବା ପୋଷ୍ଟର।

**ପ୍ରଥମ ପୃଷ୍ଠାରୁ...**

## ମୌଳିକ ଭିତ୍ତିଭୂମିକୁ ...

ବୃଦ୍ଧି କରାଯାଇଛି। ସେହିପରି ଗ୍ରାମାଞ୍ଚଳର ପାନୀୟ ଜଳ ଯୋଗାଣ ପାଇଁ ୧୩,୨୧୫ କୋଟି, ଏସ୍‌ସି/ଏସ୍‌ଟି ବିକାଶ ପାଇଁ ୩୮,୪୩୭ କୋଟି ଏବଂ ସଡ଼କ, ସେତୁ, ବିମାନବନ୍ଦର ଓ ରେଳପଥ ବିକାଶ ପାଇଁ ୧୯,୪୫୨ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ। ବଜେଟରେ ନିଜସ୍ୱ ରାଜସ୍ୱ ଓ ଜିଏସ୍‌ଡିପିର ଅନୁପାତ ୧୨.୨୫ ପ୍ରତିଶତ ରହିବ। ଚଳିତ ବଜେଟରେ ରାଜ୍ୟ ସରକାର ୫୭% ନିଜସ୍ୱ ରାଜସ୍ୱରେ ଯୋଗଦାନ ନେଇ ଆକଳନ କରିଛନ୍ତି।

୨୦୨୩-୨୪ ଆର୍ଥିକ ବର୍ଷ ବଜେଟ ପାଇଁ ରାଜ୍ୟ ସରକାର ନିଜସ୍ୱ ଟିକସ ବାବଦରେ ୫୩ହଜାର କୋଟି, ଅଣ ଟିକସରୁ ୫୨,୫୦୦(୪୨୨୫୧କୋଟିଖଣି ରାଜସ୍ୱ) କୋଟି, କେନ୍ଦ୍ରୀୟ ଟିକସ ବାବଦରେ ୪୬୨୫୧.୧୮କୋଟି, କେନ୍ଦ୍ରୀୟ ଅନୁଦାନରୁ ୩୨୭୪୮.୮୨କୋଟି, ଋଣ ଓ ଅଗ୍ରିମ ପରିଶୋଧରୁ ୮୭୦କୋଟି, ବିଭିନ୍ନ ମାଧ୍ୟମରୁ ଋଣ ବାବଦରେ ୩୩୬୩୦ କୋଟି ଟଙ୍କା ଓ ପ୍ରୋଭିଡେଣ୍ଟ ଫଣ୍ଡ ଓ ଅନ୍ୟାନ୍ୟ ଡିପୋଜିଟରୁ ୧୧ହଜାର କୋଟି ଟଙ୍କା ଆଣିବାକୁ ଲକ୍ଷ୍ୟ ରଖିଛନ୍ତି।

ଅନ୍ୟପକ୍ଷରେ କର୍ମଚାରୀଙ୍କ ଦରମା, ପେନ୍‌ସନ ଓ ଅନ୍ୟାନ୍ୟ ରାଜସ୍ୱ ବ୍ୟୟ ବାବଦରେ ୧ ଲକ୍ଷ ୩୯ ହଜାର ୫୨୦କୋଟି ଟଙ୍କା, ପୁଞ୍ଜି କ୍ଷେତ୍ରରେ ବ୍ୟୟ ୫୧୬୮୨ କୋଟି, ସୁଧ ପରିଶୋଧରେ ୭୨୪୦କୋଟି, ଋଣ ପରିଶୋଧରେ ୧୮୭୮୬ କୋଟି ଟଙ୍କା, ଋଣ ପ୍ରଦାନ (ପ୍ରଶାସନିକ)ରେ ୧୭୭୦କୋଟି, ବିପର୍ଯ୍ୟୟ ପରିଚାଳନା ପାଣ୍ଠିରେ ୩୭୦୦କୋଟି ଟଙ୍କା ଓ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ ଅନୁଦାନ ବାବଦରେ ୭୩୦୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ।

ଆସନ୍ତା ଆର୍ଥିକ ବର୍ଷରେ ଜିଏସ୍‌ଡିପିର ଅଭିବୃଦ୍ଧି ହାର ୮.୫% ରହିବା ନେଇ ଆକଳନ କରାଯାଇଛି। ବଜେଟରେ ରାଜସ୍ୱ ବଳକା ଜିଏସ୍‌ଡିପିର ୩.୧ ପ୍ରତିଶତ ଓ ବିତ୍ତୀୟ ନିଅଣ୍ଟ ୩ ପ୍ରତିଶତ ମଧ୍ୟରେ ରହିବା ନେଇ ଆକଳନ କରାଯାଇଛି। ତେବେ ରାଜ୍ୟର ଋଣଭାର ଆର୍ଥିକ ବର୍ଷ ଶେଷ ବେଳକୁ ୧ ଲକ୍ଷ ୧୨ ହଜାର କୋଟି ଛୁଇଁବା ନେଇ ଅନୁମାନ କରାଯାଇଛି। ଚଳିତ ଆର୍ଥିକ ବର୍ଷ ଜାନୁୟାରୀ ସୁଦ୍ଧା ରାଜ୍ୟ ସରକାର ୮୭ ହଜାର କୋଟି ଟଙ୍କାର ଋଣ କରିଛନ୍ତି, ଯାହାକି ଜିଏସ୍‌ଡିପିର ୭.୫%। ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା (ଏଫ୍‌ଆର୍‌ବିଏମ୍) ଆଇନ ଅନୁଯାୟୀ ୨୫% ପର୍ଯ୍ୟନ୍ତ ଋଣ କରିବା ବ୍ୟବସ୍ଥା ଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଋଣ ଭାର ଜିଏସ୍‌ଡିପିର ୧୨ ପ୍ରତିଶତରେ ସୀମିତ ରହିବ ବୋଲି ରାଜ୍ୟ ସରକାର ଆକଳନ କରିଛନ୍ତି।

ବଜେଟରେ ୨୪ଟି ନୂଆ ଯୋଜନା ପାଇଁ ବ୍ୟୟବରାଦ କରାଯାଇଛି। ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରିବା ସକାଶେ ରାଜ୍ୟ ସରକାର ନୂଆ ଓଡ଼ିଶା ଯୋଜନା ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହି ଯୋଜନାରେ ୧ ଲକ୍ଷ ଯୁବତୀଯୁବକଙ୍କୁ କ୍ଲାଉଡ କମ୍ପ୍ୟୁଟିଂ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଡାଟା ସାଇନ୍ସ, ଥ୍ରୀ-ଡି ପ୍ରିଣ୍ଟିଂ ଆଦି କ୍ଷେତ୍ରରେ ଦକ୍ଷତା ବିକାଶ ତାଲିମ ଦିଆଯିବ। ଚାଷୀମାନଙ୍କୁ ଧାନ ସଂଗ୍ରହ ଟଙ୍କା ନିର୍ଦ୍ଧାରିତ ସମୟରେ ଦେବା ପାଇଁ ରାଜ୍ୟ ସରକାର ୨ ହଜାର କୋଟି ଟଙ୍କାର ରିଭଲଭିଂ ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ସେହିପରି ବର୍ଷକ ମଧ୍ୟରେ ୧୪୭ଟି ହସ୍ପିଟାଲରେ ପରିବର୍ତ୍ତନ ଆଣିବା ପାଇଁ ଆମ ହସ୍ପିଟାଲ ନୂଆ ଯୋଜନା କାର୍ଯ୍ୟକାରୀ ହେବ। ଏଥିରେ ୭୫୦ କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜିଲା, ବ୍ଲକ, ସ୍କୁଲ, ପ୍ରଧାନ ଶିକ୍ଷକ, ଶିକ୍ଷକ, ନିର୍ବାଚିତ ପଞ୍ଚାୟତିରାଜ ସଂସ୍ଥା, ଏସ୍‌ଏମ୍‌ସି, ସିଆରସିସି, ବ୍ଲକ ଓ ଜିଲା ଶିକ୍ଷାଧିକାରୀ, ପୁରାତନ ଛାତ୍ର ସଂଘ ଏବଂ ଡିଆଇଇଟିକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଁ ମୋଟ ୧୩୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଛାତ୍ର ବୃତ୍ତି ପାଇଁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ୮୧୧ କୋଟି, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପାଇଁ ୧୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୪ ଲକ୍ଷ ଆଦିବାସୀ ପରିବାରକୁ ଜୀବିକାର୍ଜନ ପାଇଁ ଆବଶ୍ୟକ ଭିତ୍ତିଭୂମି ଲାଗି ଅର୍ଥ ଯୋଗାଇ ଦିଆଯିବ। ସେହିପରି ମୁଖ୍ୟମନ୍ତ୍ରୀ ବିପର୍ଯ୍ୟୟ ପ୍ରତିରୋଧୀ ଲୁଣିବନ୍ଧ ପ୍ରକଳ୍ପ ପାଇଁ ୧୬୦ କୋଟି, ଅନ୍ତର୍ଜାତୀୟ ବିମାନ ସେବା ପାଇଁ ୧୦୦ କୋଟି, ରାଜ୍ୟବାସୀଙ୍କୁ ସୁଲଭ ମୂଲ୍ୟରେ ପରିବହନ ସୁବିଧା ଯୋଗାଇ ଦେବାକୁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଆମ ବସ୍ ଯୋଜନା ଲାଗି ୧୫୦ କୋଟି, କେନ୍ଦୁପତ୍ର ତୋଳାଳିଙ୍କୁ ଅତିରିକ୍ତ ବୋନସ ଦେବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି ନିମନ୍ତେ ୫୦ କୋଟି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉଦ୍ୟୋଗ ପାଇଁ ୧୦୦ କୋଟି, କଫି ମିଶନ ପାଇଁ ୧୨୫ କୋଟି , କମ୍ ଶକ୍ତି ବ୍ୟୟ କରୁଥିବା ଘରୋଇ ଉପକରଣକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ସକାଶେ ୨୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଶକ୍ତି ଉନ୍ନୟନ କାର୍ଯ୍ୟକ୍ରମ ସକାଶେ ୧୪୪୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ସବୁଜ ଶକ୍ତି କରିଡର ପାଇଁ ୫୦ କୋଟି, ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ପାଣ୍ଠି ପାଇଁ ୫୦ କୋଟି, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ପାଇଁ ୨୧୦ କୋଟି, ମୁଖ୍ୟମନ୍ତ୍ରୀ ପୁଷ୍ଟି ଯୋଜନା ପାଇଁ ୨୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ମିଶନ ଶକ୍ତି ସ୍କୁଟର ଯୋଜନା ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଯୋଜନାରେ କମ୍ୟୁନିଟି ସର୍ପୋଟ ଷ୍ଟାଫ୍ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଇସି ସଦସ୍ୟାମାନଙ୍କୁ ଇଲେକ୍ଟ୍ରୋନିକ ସ୍କୁଟର ଲାଗି ସହାୟତା ଦିଆଯିବ। ଏହି ଯୋଜନାରେ ସ୍କୁଟର କ୍ରୟ ପାଇଁ ବ୍ୟାଙ୍କ ଋଣ ଉପରେ ସୁଧ ସମ୍ପୂର୍ଣ୍ଣ ଛାଡ଼ କରାଯିବ।

## ପାକିସ୍ତାନୀ ଏଜେଣ୍ଟଙ୍କୁ ତଥ୍ୟ ...

ଏଜେନ୍ସି ଜାଣିବା ପରେ ଉକ୍ତ ଅଧିକାରୀ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଧିକାରୀ ଜଣକ ହେଲେ ବାବୁରାମ ଦେ(୫୧)। ସେ ଚାନ୍ଦିପୁର ଆଇଟିଆର୍ ଟେଲିମେଟ୍ରି ବିଭାଗର ଟେକ୍ନିକାଲ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ବାଗପୁଞ୍ଜି ଗ୍ରାମରେ। ବାବୁରାମଙ୍କଠାରୁ ଏକ ମୋବାଇଲ ଫୋନ ଜବତ କରାଯାଇଛି। ତାଙ୍କ ବିରୋଧରେ ଚାନ୍ଦିପୁର ଥାନାରେ ଆଇପିସି ଦଫା ୧୨୦(ଏ)/୧୨୦(ବି)/୩୪ ଏବଂ ଅଫିସିଆଲ୍ ସିକ୍ରେଟ୍ ଆକ୍ଟର ଦଫା ୩, ୪, ୫ରେ ଏକ ମାମଲା(ନଂ. ୨୫/୨୩) ରୁଜୁ ହୋଇଛି। ଶୁକ୍ରବାର ବାବୁରାମ୍‌ଙ୍କୁ କୋର୍ଟଚାଲାଣ କରାଯାଇଥିବା ପୂର୍ବାଞ୍ଚଳ ଆଇଜିଙ୍କ ଅଫିସ୍ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଜି ହିମାଂଶୁ ଲାଲ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି। ଏହି ତଥ୍ୟ ଲିକ୍ ମାମଲାର ଅଭିଯୁକ୍ତ ତାଲିକାର ୨ୟ ନମ୍ବରରେ ପାକିସ୍ତାନ ରାଓ୍ୱଲପିଣ୍ଡିର ଜଣେ ଅଜଣା ବ୍ୟକ୍ତି ବୋଲି ଉଲ୍ଲେଖ କରାଯାଇଥିବାବେଳେ ତାଙ୍କ ପରିଚୟ ପାଇଁ ତଦନ୍ତ ଆରମ୍ଭ ହୋଇଥିବା ପୋଲିସ କହିଛି।

ଅଭିଯୋଗ ଅନୁଯାୟୀ, ବାବୁରାମ ଡିଆର୍‌ଡିଓ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ଏଜେନ୍ସି ଦ୍ୱାରା ପ୍ରାୟ ସମସ୍ତ ମିଶାଇଲ୍, କ୍ଲଷ୍ଟର ବମ୍ ଆଦି ପରୀକ୍ଷା ସମୟରେ ଉପସ୍ଥିତ ରହିଥାନ୍ତି। ସେ ଡିଆର୍‌ଡିଓ କର୍ମଚାରୀ ଓ ବୈଜ୍ଞାନିକମାନଙ୍କ ସହିତ ଯୋଗାଯୋଗରେ ରହି ମିଶାଇଲ୍ ଲଞ୍ଚ ସମ୍ବନ୍ଧୀୟ ସମ୍ବେଦନଶୀଳ ବୈଷୟିକ ତଥ୍ୟର ସୂଚନା ସମ୍ପର୍କରେ ଅବଗତ ରୁହନ୍ତି। ଏହା ବ୍ୟତୀତ ମିଶାଇଲ୍ ପରୀକ୍ଷଣ ସମ୍ବନ୍ଧରେ ସେ ଅଗ୍ରିମ ସୂଚନା ପାଇଥାନ୍ତି। ଅଭିଯୁକ୍ତ ବାବୁରାମ ବର୍ଷେ ହେଲା ଭାରତର ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ପାକିସ୍ତାନକୁ ଯୋଗାଇ ଆସୁଥିବା ପୋଲିସ ସୂତ୍ରରୁ ଜାଣିବାକୁ ମିଳିଛି। ବାବୁରାମ୍ ଜଣେ ପାକିସ୍ତାନୀ ଏଜେଣ୍ଟଙ୍କ ସହ ହ୍ୱାଟ୍‌ସଆପ୍ ମୋବାଇଲ (ନଂ. ୯୧୭୨୦୭୪୫୮୮୨୮) ଜରିଆରେ ଯୋଗାଯୋଗରେ ରହୁଥିଲେ। ମିଶାଇଲ ପରୀକ୍ଷା ସମ୍ବନ୍ଧୀୟ ବର୍ଗୀକୃତ ପ୍ରତିରକ୍ଷା ସୂଚନା ମେସେଜ୍, ଫଟୋ ଓ ଭିଡ଼ିଓ ଇଣ୍ଟରନେଟ୍ ମାଧ୍ୟମରେ ମହିଳା ଏଜେଣ୍ଟଙ୍କୁ ପ୍ରତିରକ୍ଷା ସୂଚନା ଦେଉଥିଲେ। ଏହାର ପ୍ରତିବଦଳରେ, ବାବୁରାମ ଆର୍ଥିକ ଲାଭ ସହ ଅଶ୍ଳୀଳ ବାର୍ତ୍ତାଳାପ କରି ଅଶ୍ଳୀଳ ଫଟୋ ଏବଂ ଭିଡିଓ ଆଦାନପ୍ରଦାନ କରି ଆନନ୍ଦ ପାଉଥିଲେ। ଏହା ଜଣାପଡ଼ିବା ପରେ ବାଲେଶ୍ୱର ପୋଲିସ ଏବଂ ସେଣ୍ଟ୍ରାଲ ଏଜେନ୍ସି ମିଳିତ ଭାବେ ତଦନ୍ତ କରି ବାବୁରାମଙ୍କୁ ଗିରଫ କରିବା ସହ ତାଙ୍କର ମୋବାଇଲ ଜବତ କରିଥିଲେ। ପ୍ରାଥମିକ ତଦନ୍ତରୁ ବିଦେଶୀ ଏଜେଣ୍ଟ ଦ୍ୱାରା ବ୍ୟବହୃତ ହ୍ୱାଟସ୍‌ଆପ୍ ନମ୍ବରଟି ପାକିସ୍ତାନର ରାଓ୍ୱଲପିଣ୍ଡି ଅଞ୍ଚଳର ବୋଲି ଜଣାପଡ଼ିଛି। ପାକିସ୍ତାନୀ ଏଜେଣ୍ଟମାନଙ୍କୁ ଗୁପ୍ତ ପ୍ରତିରକ୍ଷା ସୂଚନା ଦେବା ଜାତୀୟ ପ୍ରତିରକ୍ଷା ସୁରକ୍ଷା ପାଇଁ ବଡ଼ ବିପଦ। ଏହା ଭାରତୀୟ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ଏବଂ ଏହାର ଅସ୍ତ୍ରଶସ୍ତ୍ର ଯେପରିକି କ୍ଷେପଣାସ୍ତ୍ର, କ୍ଲଷ୍ଟର ବମ୍, ପରମାଣୁ ଶକ୍ତି ଇତ୍ୟାଦି ପାଇଁ ଗୁରୁତର କ୍ଷତି ଘଟାଇପାରେ। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି। ତଥ୍ୟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ନାଥ ପ୍ରକାଶ କରିଛନ୍ତି।

ସୂଚନା ଯେ, ୨୦୧୪ରେ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ଡିଆର୍‌ଡିଓର ଗୁପ୍ତ ତଥ୍ୟ ଲିକ୍ କରିବା ପ୍ରସଙ୍ଗରେ ଚାନ୍ଦିପୁର ପୋଲିସ ଠିକା ଫଟୋଗ୍ରାଫର ଭାବେ କାର୍ଯ୍ୟ କରୁଥିବା ଈଶ୍ୱର ବେହେରାଙ୍କୁ ଗିରଫ କରିଥିଲା। କ୍ଷେପଣାସ୍ତ୍ର ପରୀକ୍ଷଣ ପୂର୍ବରୁ ସବୁ ଘଟଣାକୁ ଈଶ୍ୱର ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଜଣେଇ ଦେଉଥିଲେ। ସେ ମିରଟର ଆଇଏସ୍‌ଆଇ ଗୋଇନ୍ଦା ଅସିଫ ଅଲ୍ଲୀଙ୍କ ଯୋଗାଯୋଗରେ ଥିଲେ। ଏହାର ପ୍ରତିବଦଳରେ ଈଶ୍ୱରଙ୍କ ଆକାଉଣ୍ଟକୁ ବିଭିନ୍ନ ସମୟରେ ବହୁତ ଟଙ୍କା ଆସିଥିବା ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

ପରେ ୨୦୨୧ ସେପ୍ଟେମ୍ବରରେ ଡିଆରଡିଓର ଗୁପ୍ତଚରୀ ମାମଲାରେ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଚାନ୍ଦିପୁର ଥାନା ଝାଞ୍ଜୁରା ଗ୍ରାମର ବସନ୍ତ ବେହେରା (୫୨), ଆଇଟିଆର୍‌ରେ ଠିକା କର୍ମଚାରୀ ଡିଜି ଅପରେଟର ଭାବେ କାର୍ଯ୍ୟ କରୁଥିବା ସଦର ଥାନା ଅନ୍ତର୍ଗତ ବୁଆଁଳ ଗ୍ରାମର ହେମନ୍ତ କୁମାର ମିସ୍ତ୍ରୀ (୫୨), ଆଇଟିଆର୍‌ରେ ଠିକା କର୍ମଚାରୀ ମେନ ଗେଟ୍‌ରେ କାର୍ଯ୍ୟ କରୁଥିବା ସଦର ଥାନା ଅନ୍ତର୍ଗତ ପାଳସିଆ ଗ୍ରାମର ତାପସ ରଞ୍ଜନ ନାୟକ (୪୧), ଆଇଟିଆର୍‌ରେ ଠିକା କର୍ମଚାରୀ ଏସି ଅପରେଟର ଭାବେ କାର୍ଯ୍ୟ କରୁଥିବା ଚାନ୍ଦିପୁର ଥାନା ଶ୍ରୀକୋଣା ଗ୍ରାମର ଏସ୍‌କେ ମୁସାଫିର (୩୨) ଓ ଡିଆର୍‌ଡିଓରେ ସ୍ଥାୟୀ ଡ୍ରାଇଭର ଉତ୍ତରପ୍ରଦେଶ ଅଞ୍ଚଳର ସଚିନ ଛଥା (୪୨)। ହନିଟ୍ରାପ୍‌ର ଶିକାର ହୋଇ ଯୁବତୀଙ୍କ ପ୍ରେମ ଓ ଅର୍ଥ ଲୋଭରେ ଉକ୍ତ ୫ଜଣ ଅଭିଯୁକ୍ତ ଶତ୍ରୁ ଦେଶକୁ ଡିଆର୍‌ଡିଓର ଗୁପ୍ତ ତଥ୍ୟ ମହିଳାଙ୍କୁ ଜଣାଉଥିବା ଜଣାପଡ଼ିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁଯୁକ୍ତ ଚନ୍ଦ୍ର ହେତୁ ହାତକୁ ନେଇଥିବା କାମକୁ ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ। ଅତି ନିକଟରେ ରହୁଥିବା ବନ୍ଧୁଟିର ସାହାଯ୍ୟ ଆଶା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ମିଳିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାର ସମ୍ଭାବନା ରହିଛି।

**ବୃଷ** ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ଅବସ୍ଥାନ କରି ମାନସିକ ସ୍ଥିତିକୁ ଦୁର୍ବଳ କରିବେ। ସମସ୍ୟା ବିଜଡ଼ିତ ମନର ଦୁଃଖ ସମସ୍ତଙ୍କୁ ଜଣାଇଲେ ମଧ କିଏ ବୁଝିବେ ନାହିଁ। କାମର ବାହାନା ଦେଖାଇ ସାଧାରଣ କଥାରେ ସହକର୍ମୀ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ, ଗବେଷଣା ଲେଖାପଢ଼ା, ସାମ୍ବାଦିକତା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ** ପାରିବାରିକ ଅଶାନ୍ତି ସୃଷ୍ଟି କରିବା ସାଙ୍ଗକୁ କର୍ମକ୍ଷେତ୍ର ମଧ ସମସ୍ୟାଯୁକ୍ତ ରହିବ। କେତୁଙ୍କ କୁପ୍ରଭାବରୁ ଅସ୍ଥିରତା ଜନିତ ସଂଯମତା ହରାଇପାରନ୍ତି। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅପରାହ୍ନେ ବନ୍ଧୁଙ୍କ ସାହାଯ୍ୟରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**କର୍କଟ** କର୍ମସ୍ଥ ପାପଗ୍ରହ ଯୋଗୁ ବିଶେଷ ଅସୁବିଧା ନ ହେଲେ ମଧ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ବୁଝାମଣା ଅଭାବରୁ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ଦୁଃଶ୍ଚିନ୍ତା ବଢ଼ିଯିବ। କୋର୍ଟ କଚେରି ମାମଲାର ରାୟ ନିଜ ସପକ୍ଷରେ ଯାଇପାରେ।

**ସିଂହ** ଆଜିର କାମଟି ସାମଗ୍ରିକ ଦୃଷ୍ଟିକୋଣରୁ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଚତୁର୍ଥସ୍ଥ କେତୁ ଜନିତ ନିଜ ପରିସରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ। ପୁରାତନ ରୋଗ ପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି।

**କନ୍ୟା** କଠିନଶ୍ରମ ଓ ସମୟ ବିନିଯୋଗ କରିମଧ ମନ ମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହେବେ। ଆଜିର କର୍ମକ୍ଷେତ୍ରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ବଳବତ୍ତର ହେବ।

**ତୁଳା** ରାହୁଙ୍କ କୁପ୍ରଭାବରୁ ବିଭିନ୍ନ କ୍ଷେତ୍ରରେ ସମସ୍ୟା ଆସିବ କିନ୍ତୁ କୌଣସି ପ୍ରକାରର ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ ନାହିଁ। ଆପଣଙ୍କ ଅଧିକାଂଶ ସମୟର ନୀରବତାକୁ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି। କେତେକଙ୍କ କ୍ଷେତ୍ରରେ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ର ଯଥା ପୂର୍ବଂ ତଥା ପର ରହିବ।

**ବିଛା** ଆଜି ଏକାଧିକଗ୍ରହ ରାହୁ ଓ କେତୁଙ୍କ ମଧ୍ୟସ୍ଥ ଯୋଗୁ କୌଣସି କ୍ଷେତ୍ରରେ ଚଟାପଟ୍ ନିର୍ଣ୍ଣୟାତ୍ମକ ସିଦ୍ଧାନ୍ତ ଗ୍ରହଣ କରିବା ଠିକ୍ ହେବନି। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ। ଅନ୍ୟାୟ ବିରୋଧରେ ସଂଗ୍ରାମ ଜାରି ରଖିଲେ ପରୋକ୍ଷ ଶତ୍ରୁତା କାରଣରୁ ସହଯୋଗ ପାଇବେନାହିଁ। ଜ୍ୟେଷ୍ଠା ନକ୍ଷତ୍ର କାର୍ଯ୍ୟସିଦ୍ଧି କାରଣରୁ ଅପରାହ୍ନେ ଆଶ୍ୱସ୍ତି ଲାଭ କରିବେ।

**ଧନୁ** ଦୁଃସ୍ଥାନସ୍ଥ ମଙ୍ଗଳ ହେତୁ ମାନସିକ ଅସ୍ଥିରତା କାରଣରୁ କୌଣସି କାର୍ଯ୍ୟ ଶୃଙ୍ଖଳିତ ହୋଇପାରିବ ନାହିଁ। ଅବଶ୍ୟ ଚେଷ୍ଟାକଲେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆନୁଷ୍ଠାନିକ କିମ୍ବା ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ମକର** ଚତୁର୍ଥରେ ରାହୁଜନିତ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ କିନ୍ତୁ ପରିଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା ବଢ଼ିଯିବ। ପଡ଼ୋଶୀ ମନ ଲୋଭନୀୟ ପ୍ରତିଶ୍ରୁତି ଦେଇ କାର୍ଯ୍ୟ ହାସଲ କରିବେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ କିନ୍ତୁ ସମସ୍ୟା ଲାଗି ରହିବ। ବୁଝାମଣା ଅଭାବରୁ ଆତ୍ମୀୟମାନଙ୍କ କଥାରେ ସହମତି ହୋଇପାରିବେ ନାହିଁ।

**କୁମ୍ଭ** ଦ୍ୱିତୀୟସ୍ଥ ଶନି ଯୋଗୁ ନୀରବତା ଅବଲମ୍ବନ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବାର ଚେଷ୍ଟା କରିପାରନ୍ତି। ବନ୍ଧୁଙ୍କ ସହାୟତା ସମୁଦ୍ରକୁ ଶଙ୍ଖେ ଭଳି ଅନୁଭବ କରିବେ। ପ୍ରତ୍ୟେକ କ୍ଷେତ୍ରରେ ବିଶେଷ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଯାତ୍ରାରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମୀନ** ଦ୍ୱାଦଶସ୍ଥ ଶନି ପ୍ରଭାବରୁ ଅତୀତ ଘଟଣାର ବାରମ୍ବାର ପର୍ଯ୍ୟାଲୋଚନା ମାନସିକ ସ୍ଥିତିକୁ କଳୁଷିତ କରିବ। ସାମୟିକ ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସଭାସମିତି, ଆଲୋଚନା, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଫାଲଗୁନ ଶୁକ୍ଳ ଷଷ୍ଠୀ, ଶନିବାର, ଫେବୃୟାରୀ ୨୫ ତାରିଖ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୩ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୦୬ ଗତେ ଘ.୧୦।୩୩ ମଧ୍ୟେ ରାହୁକାଳ।

# ଦୁର୍ବଳତାରୁ ପଢ଼ିଥିଲା ଡିଲରଶିପ୍‌ର ମୂଳଦୁଆ

**ଏକ ବ୍ୟବସାୟିକ ପରିବାରରେ ଜନ୍ମ ହୋଇଥିବାରୁ ବ୍ୟବସାୟ ପ୍ରତି ଦୁର୍ବଳତା ଥିଲା। ହେଲେ ଅନୁଗୋଳ କଲେଜରେ ବି.କମ୍ ପଢ଼ିବା ସମୟରେ ବଜାଜ୍‌ର ସୁପର ସ୍କୁଟର କିଣିବା ପରଠାରୁ କମ୍ପାନୀ ପ୍ରତି ଦୁର୍ବଳତା ଅଧିକ ବଢ଼ିଯାଇଥିଲା। ଏପରିକି ୧୯୯୨ରୁ ବଜାଜ୍ ଶୋ'ରୁମ୍ ଖୋଲିବା ସହ ଦୀର୍ଘ ୩୧ ବର୍ଷ ଧରି ଗ୍ରାହକଙ୍କୁ ସେବା ଯୋଗାଇ ଆସିଛୁ। ବହୁ ଘାତ ପ୍ରତିଘାତ ମଧ୍ୟରେ ଅନେକ ସଫଳତା ପାଇଥିବା ଯମୁନା ବଜାଜ୍‌ର ସ୍ୱତ୍ୱାଧିକାରୀ ଗିରିଜା ଶଙ୍କର ଅଗ୍ରୱାଲଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର...**






ଗିରିଜା ଶଙ୍କର ଅଗ୍ରୱାଲ

**ପ୍ର-୧: ଅଟୋ ମୋବାଇଲ ବ୍ୟବସାୟ ପ୍ରତି କାହିଁକି ମନ ବଳାଇଲେ?**

ଉତ୍ତର- ୧୯୮୮ରେ ଲୁନା ଗାଡ଼ିରୁ ହିଁ ଅଟୋମୋବାଇଲ ବ୍ୟବସାୟରେ ପାଦ ଥାପିଥିଲୁ। ଏହାପରେ ବଜାଜ୍ ସହ ରୀତିମତ ଯୋଗାଯୋଗରେ ରହିଥିଲୁ। ଏପରିକି ୧୯୯୧ରେ ବଜାଜ୍ ଶୋ' ରୁମ୍ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଉକ୍ତ ବିଜ୍ଞାପନ ଦେଖିବା ପରେ ଆମେ ଆବେଦନ କରିଥିଲୁ। ୧୯୯୨ ଫେବୃୟାରୀ ୯ରେ ଆମେ ଅନୁଗୋଳରେ ପ୍ରଥମ କରି ବଜାଜ୍‌ର ଶୋ'ରୁମ୍ ଖୋଲିଥିଲୁ।

**ପ୍ର-୨: ଲୋକମାନେ ଏହାକୁ କିଭଳି ଗ୍ରହଣ କଲେ, ପ୍ରାଥମିକ ସ୍ତରରେ କ'ଣ ସମସ୍ୟା ଥିଲା?**

ଉତ୍ତର- ବଜାଜ୍ କହିଲେ ସେତେବେଳେ ମୁଖ୍ୟତଃ ସ୍କୁଟରକୁ ହିଁ ବୁଝାଉଥିଲା। ଆଉ ଗ୍ରାହକଙ୍କର ସ୍କୁଟର ପ୍ରତି ନାହିଁ ନ ଥିବା ଦୁର୍ବଳତା ଥିଲା। ତେବେ ପ୍ରାଥମିକ ସ୍ତରରେ ଗ୍ରାହକଙ୍କ ନିକଟରେ ଅଧିକ ପରିମାଣର ଗାଡ଼ି ପହଞ୍ଚାଇବାକୁ ଆମ ନିକଟରେ ପର୍ଯ୍ୟାପ୍ତ ଅର୍ଥ ନ ଥିଲା। ବ୍ୟାଙ୍କ ମଧ୍ୟ ଋଣ ପ୍ରଦାନ କରୁ ନ ଥିଲା। ତେବେ ପରବର୍ତ୍ତୀ ସମୟରେ ବ୍ୟାଙ୍କ କେସିସି (କ୍ୟାଶ୍ କ୍ରେଡିଟ୍) ଦେଇଥିଲା। ଫଳରେ ଧୀରେ ଧୀରେ ବ୍ୟବସାୟ ଭଲ ହୋଇଥିଲା। ହେଲେ ୧୯୯୭ରୁ ୨୦୦୦ ମସିହା ମଧ୍ୟରେ ଲୋକମାନେ ମୋଟରସାଇକେଲ ମୁହାଁ ହୋଇଥିଲେ। ଫଳରେ ବ୍ୟବସାୟ ମାନ୍ଦା ପଡ଼ିଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବଜାଜ୍‌ର ନୂଆ ନୂଆ ପ୍ରଡକ୍ଟ ବଜାରକୁ ଆସିବାରୁ ଗ୍ରାହକମାନେ ସେସବୁ ଗ୍ରହଣ କରିଛନ୍ତି।

**ପ୍ର-୩: କୋଭିଡ୍ ପରବର୍ତ୍ତୀ ସମସ୍ୟାକୁ କିଭଳି ସାମ୍ନା କରୁଛନ୍ତି?**

ଉତ୍ତର- କୋଭିଡ୍ ସବୁ ବର୍ଗର ବ୍ୟବସାୟୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ମହାମାରୀ ପୂର୍ବରୁ ଗ୍ରାହକମାନେ କିଣିଥିବା ଗାଡ଼ି ଓ ଏହାର ଉପକରଣ ଉପରେ ଗ୍ୟାରେଣ୍ଟିକୁ ବଢ଼ା ଯାଇଥିଲା। ଫଳରେ ଗ୍ରାହକମାନେ ଯେଉଁଭଳି ସମସ୍ୟାରେ ନ ପଡ଼ିବେ, ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯାଇଥିଲା। ଆଉ ଏଥିରେ କମ୍ପାନୀ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ମିଳିଥିଲା। ବର୍ତ୍ତମାନ ସ୍ଥିତି ସୁଧୁରିବା ସହ ପୂର୍ବାବସ୍ଥାକୁ ବ୍ୟବସାୟ ଫେରୁଛି।

**ପ୍ର-୪: ଅଟୋମୋବାଇଲ ଇଣ୍ଡଷ୍ଟ୍ରିର କେଉଁ ସବୁ ପ୍ରମୁଖ ସମସ୍ୟା ରହିଛି?**

ଉତ୍ତର- ଭାରତୀୟ ଅଟୋମୋବାଇଲ ଶିଳ୍ପରେ ମୁଖ୍ୟତଃ କଞ୍ଚାମାଲ ଏବଂ ଚିପ୍ ସମସ୍ୟା ଲାଗି ରହିଛି। ଫଳରେ ଉତ୍ପାଦନ କମିବାର ମୂଳ ସମସ୍ୟା ହେଉଛି। କଞ୍ଚାମାଲ ଦର ବୃଦ୍ଧି କାରଣରୁ ଗାଡ଼ିର ମୂଲ୍ୟ ମଧ୍ୟ ବର୍ଷକୁ ୨ରୁ ୩ଥର ବୃଦ୍ଧି ପାଉଛି। ତା'ର ପ୍ରଭାବ ଅଟୋମୋବାଇଲ ଶିଳ୍ପରେ ପଡ଼ୁଛି।

**ପ୍ର-୫: ଅଟୋଶିଳ୍ପରେ ବିକ୍ରି କିମ୍ବା ସେବାରେ କେମିତି ଉନ୍ନତି କରିପାରିବା?**

ଉତ୍ତର- ଗ୍ରାହକଙ୍କର ୨ଟି ଜିନିଷ ପ୍ରଥମେ ଜିତିବାକୁ ପଡ଼ିବ। ପ୍ରଥମେ ତାଙ୍କ ନିକଟରେ ପହଞ୍ଚିବାକୁ ପଡ଼ିବ। ଆଉ ସେମାନଙ୍କର ବିଶ୍ୱାସଭାଜନ ହେବାକୁ ହେବ। ଏପରିକି ପଞ୍ଚାୟତସ୍ତରରୁ ସଦର ମହକୁମା ପର୍ଯ୍ୟନ୍ତ ଆବଶ୍ୟକ ସେବା ଯୋଗାଇଦେବାକୁ ପଡ଼ିବ। ଲୋକଙ୍କ ପାଖରେ ପହଞ୍ଚିଲେ ବିକ୍ରି ବଢ଼ିବ। ଏପରିକି ଆବଶ୍ୟକ ସେବା ମଧ୍ୟ ଯୋଗାଇଦେବାକୁ ହେବ ବୋଲି ସେ କହିଛନ୍ତି।

**ପ୍ର-୬: ବର୍ତ୍ତମାନ ସୁଦ୍ଧା ଯମୁନା ବଜାଜ୍‌ର ଯାତ୍ରା କିଭଳି ରହିଛି?**

ଉତ୍ତର- ଦୀର୍ଘ ୩୧ ବର୍ଷ ଧରି ଯାତ୍ରା ବହୁତ ଭଲ ରହିଛି। ମଟରସାଇକେଲରେ ଆମେ ଏବେ ପ୍ରିମିୟର ସେଗ୍‌ମେଣ୍ଟରେ ପହଞ୍ଚିଛୁ। ହେଲେ ପରିବାର ଲୋକଙ୍କ ସହଭାଗିତା ଓ କର୍ମଚାରୀଙ୍କ ସହଯୋଗ ସବୁ ସମୟରେ ରହିଆସିଛି। ଶୋ'ରୁମ୍ ଆରମ୍ଭ ଦିନଠାରୁ କାର୍ଯ୍ୟ କରୁଥିବା କେତେଜଣ କର୍ମଚାରୀ ଏବେ ବି କାର୍ଯ୍ୟରତ ଅଛନ୍ତି। ଗ୍ରାହକଙ୍କୁ ସେବାରେ ସନ୍ତୁଷ୍ଟି ରହିଛି, ଯେଉଁଥିପାଇଁ ଗ୍ରାହକମାନେ ପୁନର୍ବାର ଶୋ ରୁମ୍‌କୁ ଗାଡ଼ି କିଣିବାକୁ ହେଉ ବା ଲୋକଙ୍କୁ ଧରି ଗାଡ଼ି ନେବାକୁ ଆସନ୍ତି। ସେଥିରୁ ହିଁ ସେମାନଙ୍କର ଭଲ ପାଇବା ଜଣା ପଡ଼ିଥାଏ।

**ପ୍ର-୭: ଆଗକୁ ବ୍ୟବସାୟ ବଢ଼ାଇବାକୁ କ'ଣ ଯୋଜନା ରହିଛି?**

ଉତ୍ତର- ଆଗାମୀ ପିଢ଼ି ପାଖରେ ସହରକୁ ଆସି ଗାଡ଼ି ନେବାକୁ ସମୟ ନାହିଁ। ତେଣୁ ପ୍ରତି ବ୍ଲକରେ ସବ୍‌ଡିଲର ଖୋଲିବାକୁ ଯୋଜନା କରାଯାଇଛି। ସେଠାରେ ବିକ୍ରି ଓ ସେବା ଯେଉଁ ଭଳି ଉଭୟ ଯୋଗାଇହେବ, ସେ ନେଇ ମଧ୍ୟ କାର୍ଯ୍ୟ ଚାଲିଛି। ଏଥିସହ ଢେଙ୍କାନାଳ ଜିଲାର ପରଜଙ୍ଗ ଓ କାମାକ୍ଷାନଗରରେ ମଧ୍ୟ ବ୍ୟବସାୟ ଚାଲିଛି।

**ପ୍ର-୮: ଅବସର ସମୟରେ କ'ଣ କରିବାକୁ ପସନ୍ଦ କରନ୍ତି?**

ଉତ୍ତର- ପ୍ରାତଃ ସମୟରେ ଯୋଗ ଓ ପ୍ରାଣାୟମ କରେ। ଏଭଳି କିଛି ଘରେ ଟିଭି ଦେଖି ମନୋରଞ୍ଜନ କରେ। କିନ୍ତୁ ସପ୍ତାହକୁ ଥରେ ସାଙ୍ଗମାନଙ୍କୁ ସମୟ ଦେଇଥାଏ। ଗୁରୁବାର ପରିବାର ଲୋକ ଓ ବନ୍ଧୁଙ୍କ ସହ ମନ୍ଦିର ଯାଇଥାଏ।

# ଫୁଟବଲ୍ ବେଟିଂ ଆପ୍‌ରେ ୧ ହଜାର କୋଟିରୁ ଊର୍ଦ୍ଧ୍ୱ ଠକେଇ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ଫୁଟ୍‌ବଲ୍ ବେଟିଂ/ଗେମିଂ ଆପ୍ (18football.com) ମାଧ୍ୟମରେ ଦେଶବ୍ୟାପୀ ୧ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ହୋଇଛି। ଓଡ଼ିଶାର କେବଳ ଗଞ୍ଜାମ ଜିଲାରୁ ୮୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଠକେଇର ଶିକାର ହୋଇ ୨୦ କୋଟିରୁ ଅଧିକ ଟଙ୍କା ହରାଇଛନ୍ତି। ଏହି ଠକେଇରେ ସମ୍ପୃକ୍ତ ୨ ସହଯୋଗୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ ପଶ୍ଚିମବଙ୍ଗର ହାୱଡାରୁ ଗିରଫ କରିବା ପରେ ର୍‍ୟାକେଟ ସମ୍ପର୍କରେ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ରୁସ୍ତମ୍ ଖାନ୍ ଓ ଏମ୍‌ଡି. ହକିମ୍। ର୍‍ୟାକେଟର ମାଷ୍ଟରମାଇଣ୍ଡ ଚାଇନାର ହଂକଂରେ ରହି ଏହି ଠକେଇ ଆପ୍ ଚଳାଉଥିବା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜାଣିବା ପରେ ତଦନ୍ତକୁ ଜୋରଦାର କରିଛି। ମାଷ୍ଟରମାଇଣ୍ଡଙ୍କ ପରାମର୍ଶରେ ଅଭିଯୁକ୍ତଦ୍ୱୟ ହକିମ୍ ଏଣ୍ଡ୍ ରୁସ୍ତମ୍ ଫାବ୍ରିକ୍ସ ପ୍ରାଇଭେଟ୍ ଲିଃ ନାମରେ ଏକ ସେଲ୍ କମ୍ପାନୀ ଖୋଲି ଉଭୟ ନିର୍ଦ୍ଦେଶକ ରହିବା ସହ ଏହା ମାଧ୍ୟମରେ ଠକେଇ ସାମ୍ରାଜ୍ୟକୁ ବଢ଼ାଇ ଚାଲିଥିଲେ। ତେବେ ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର ଗିରଫ କରାଯିବା ପରେ ଇଓଡବ୍ଲ୍ୟୁ ହାୱଡାସ୍ଥିତ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରିଥିଲା। ସେଠାରୁ ଉଭୟଙ୍କୁ ୫ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣି ଶୁକ୍ରବାର ବ୍ରହ୍ମପୁର ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ତଦନ୍ତବେଳେ ୧୫୦ଟି ବ୍ୟାଙ୍କ୍ ଆକାଉଣ୍ଟକୁ ଠକେଇ ଟଙ୍କା ଯାଇଥିବା ଜଣାପଡିବା ପରେ ୧୭ଟି ଆକାଉଣ୍ଟକୁ ଇଓଡବ୍ଲ୍ୟୁ ଯାଞ୍ଚ କରିଛି। ସେଥିରେ ୧୦୮ କୋଟି ଟଙ୍କାର ଆର୍ଥିକ କାରବାର ହୋଇଥିବାବେଳେ ଠକେଇ ଟଙ୍କାର ପରିମାଣ ୧ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ଇଓଡବ୍ଲ୍ୟୁ ସୂଚନା ଦେଇଛି। ତେବେ ଏହି ର୍‍ୟାକେଟରେ ଭାରତ ସମେତ ଅନ୍ୟ ଦେଶରେ ବହୁ ସହଯୋଗୀ ଓ ଏଜେଣ୍ଟ ରହିଥିବାରୁ ସେମାନଙ୍କୁ ଧରିବାକୁ ଇଓଡବ୍ଲ୍ୟୁ କେନ୍ଦ୍ରୀୟ ତଥା ଅନ୍ୟ ରାଜ୍ୟର ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଓ ବିଦେଶୀ ଇଣ୍ଟରପୋଲ୍‌ର ସହାୟତା ନେଇଥିବା ଜଣାପଡିଛି।



ଗିରଫ ଦୁଇ ଅଭିଯୁକ୍ତ।

**ପଶ୍ଚିମବଙ୍ଗରୁ ୨ ଗିରଫ, ଚାଇନାରେ ମାଷ୍ଟରମାଇଣ୍ଡ୍**

- ୧୫୦ ବ୍ୟାଙ୍କ୍ ଆକାଉଣ୍ଟକୁ ଯାଇଛି ଠକେଇ ଟଙ୍କା
- ୧୭ ଆକାଉଣ୍ଟରେ ହୋଇଛି ୧୦୮ କୋଟି ଟଙ୍କାର ଆର୍ଥିକ କାରବାର
- ଗଞ୍ଜାମରୁ ୮ ଶହରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ୨୦ କୋଟିରୁ ଊର୍ଦ୍ଧ୍ୱ ଠକେଇ
- ଲ' ଏନ୍‌ଫୋର୍ସମେଣ୍ଟ, ବିଦେଶୀ ଇଣ୍ଟରପୋଲ୍‌ର ସହାୟତା ଲୋଡ଼ିଲା ଇଓଡବ୍ଲ୍ୟୁ

ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ବଡ଼ ଏଜେଣ୍ଟମାନେ ଦୁବାଇ ସମେତ ଭାରତର ବିଭିନ୍ନ ରାଜ୍ୟରେ ସ୍ଥାନରେ ରହି ରାକେଟ୍ ଚଳାଉଛନ୍ତି। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲୋଭ ଦେଖାଇ ସେମାନେ ପ୍ରାୟତଃ ଯୁବକଙ୍କୁ ଠକିଆନ୍ତି। ଉକ୍ତ ଆପ୍‌ର ଲିଙ୍କ୍‌କୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ ମାଧ୍ୟମରେ ସେମାନେ ଲୋକଙ୍କୁ ପଠାଇବା ପରେ ଏକ ଆକାଉଣ୍ଟ ଖୋଲିବାକୁ କହିଆନ୍ତି। ପରେ ଉକ୍ତ ଆପ୍‌ରେ ହେଉଥିବା ଫୁଟ୍‌ବଲ୍ ମ୍ୟାଚ୍‌ରେ ଟଙ୍କା ଲଗାଇଲେ ବହୁଗୁଣା ଲାଭ ହେବାର ଲୋଭ ଦେଖାଇଥାନ୍ତି। ଏପରିକି ଆପ୍‌କୁ ଚଳାଇବାକୁ ବିଦେଶୀ ମେଣ୍ଟରମାନଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥାଏ। ଆପ୍ ଦ୍ୱାରା ଟଙ୍କା ନିବେଶ କରିବା ପରେ ଦିନକୁ ୩% ରିଟର୍ନ ସହ ରିଚାର୍ଜ ବୋନସ୍, ରେଫରାଲ୍ ବୋନସ୍, ଏକ୍ସଟ୍ରା ବୋନସ୍, ସାଲାରି ବୋନସ୍ ଆଦି ମିଳିବ ବୋଲି କୁହାଯାଏ। ତେବେ ରେଫରାଲ୍ ବୋନସ୍ ପାଇବା ପାଇଁ ଅନ୍ୟ ଲୋକଙ୍କୁ ଏହି ଆପ୍ ସହ ଯୋଡ଼ିବାକୁ ପଡିଥାଏ। ଏବାବଦକୁ କମିଶନ ମିଳିବାର ଲୋଭ ଦିଆଯାଇଥାଏ। ଏଭଳି ଭାବରେ ଗଞ୍ଜାମର ଲୋକେ ୨୦୨୧ରୁ ଟଙ୍କା ନିବେଶ କରିଥିଲେ। ପ୍ରଥମ ପର୍ଯ୍ୟାୟରେ କିଛି ଟଙ୍କା ସେମାନଙ୍କୁ ମିଳିବା ପରେ ଉକ୍ତ ଆପ୍ ବନ୍ଦ ହୋଇଯାଇଥିଲା। ଏନେଇ ଅଭିଯୋଗ ହେବା ପରେ ଇଓଡବ୍ଲ୍ୟୁ ଗତ ଫେବୃୟାରୀ ୧୭ରେ ମାମଲା (ନଂ.୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଏହା ଏକ ବଡ଼ ଠକେଇ ଓ ଚାଇନା ଠକଙ୍କ ଲିଙ୍କ୍ ରହିଥିବା ଜଣାପଡିଥିଲା। ଆହୁରି ମଧ୍ୟ ପୋଲିସଠୁ ବର୍ତ୍ତିବା ପାଇଁ ମାଷ୍ଟରମାଇଣ୍ଡ ଏକାଧିକ ସେଲ୍ କମ୍ପାନୀ ଖୋଲିଛନ୍ତି। ଏଥିପାଇଁ କମ୍ପାନୀର ନିର୍ଦ୍ଦେଶକମାନେ ମଧ୍ୟ କମିଶନ ପାଇଥାନ୍ତି। ତେବେ ଏଭଳି ଆପ୍‌କୁ ଡାଉନ୍‌ଲୋଡ ଓ ବେଟିଂରେ ଟଙ୍କା ନ ଲଗାଇବାକୁ ଇଓଡବ୍ଲ୍ୟୁ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ପ୍ରଶ୍ନପତ୍ରରେ ଚିହ୍ନ ମାରିଲେ ଏମ୍‌ପି ହେବେ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

**ଯୁକ୍ତ୨ ପରୀକ୍ଷା: କଡ଼ାକଡ଼ି ହେବ ନିୟମ**

- ପରୀକ୍ଷା ସରିବା ପୂର୍ବରୁ କେନ୍ଦ୍ର ଛାଡ଼ିଲେ ପ୍ରଶ୍ନପତ୍ର ନେଇପାରିବେନି
- ଉତ୍ତରଖାତାର ବଳକା ଫର୍ଦ୍ଦରେ କ୍ରସ୍ ମାର୍କ କରିବାକୁ ନିର୍ଦ୍ଦେଶ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ମାର୍ଚ୍ଚ ୧ରୁ ଆରମ୍ଭ ହୋଇ ଏପ୍ରିଲ ୫ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ପରୀକ୍ଷାକୁ କଡ଼ାକଡ଼ି କରିବା ପାଇଁ ପରିଷଦ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନାଠାରୁ ଆରମ୍ଭ କରି ମୂଲ୍ୟାୟନ, ରେଜଲ୍ଟ ପ୍ରକାଶ ଆଦି ସବୁଥିରେ କଡ଼ାକଡ଼ି ନିୟମ କରାଯିବ। ଏଥର ପ୍ରଶ୍ନପତ୍ରରେ କୌଣସି ପରୀକ୍ଷାର୍ଥୀ ଚିହ୍ନ ମାରିପାରିବେ ନାହିଁ। କେବଳ ପ୍ରଶ୍ନ ପଢ଼ିବେ ଏବଂ ଉତ୍ତରଖାତାରେ ଯାହା ଉତ୍ତର ଲେଖିବେ। ଯଦି ଛାତ୍ରୀଛାତ୍ର ପ୍ରଶ୍ନପତ୍ରରେ କିଛି ଲେଖିଲେ ବା ଚିହ୍ନ ମାରିଲେ, ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ଏମ୍‌ପି କରାଯିବ। ଏଥିସହିତ ପରୀକ୍ଷା ଶେଷ ହେବା ପୂର୍ବରୁ ପରୀକ୍ଷା କେନ୍ଦ୍ର ଛାଡ଼ିଲେ ପରୀକ୍ଷାର୍ଥୀମାନେ ପ୍ରଶ୍ନପତ୍ର ସାଙ୍ଗରେ ନେଇପାରିବେ ନାହିଁ ବୋଲି ନିୟମ କରାଯାଇଛି। ସକାଳ ୯ଟା ୩୦ସୁଦ୍ଧା ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ୧୦ଟାରେ ପରୀକ୍ଷା ଆରମ୍ଭ ହେବ। ୩୦ମିନିଟ ପୂର୍ବରୁ ଛାତ୍ରୀଛାତ୍ର ହଲ୍‌ରେ ବସିବେ। ୧୦ଟାରେ ପ୍ରଶ୍ନପତ୍ର ବଣ୍ଟାଯିବ। ୧୫ ମିନଟ୍ ମଧ୍ୟରେ ବଳକା ପ୍ରଶ୍ନପତ୍ର ସିଲ୍ କରାଯିବ। ୧୦ଟା ୩୦ ପରେ କୌଣସି ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରକୁ ଯିବା ପାଇଁ ଅନୁମତି ମିଳିବ ନାହିଁ। ଉତ୍ତରଖାତାର ବଳକା ଫର୍ଦ୍ଦରେ କ୍ରସ୍ ମାର୍କ କରିବାକୁ ନିର୍ଦ୍ଦେଶ ରହିଛି।

ଚଳିତବର୍ଷ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସି କ୍ୟାମେରା ବାଧ୍ୟତାମୂଳକ କରାଯାଇଛି। ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ଓ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ପରୀକ୍ଷା ଦାୟିତ୍ୱରେ ଥିବା ଅଧ୍ୟାପକମାନେ ମଧ୍ୟ ମୋବାଇଲ ବ୍ୟବହାର କରିପାରିବେ ନାହିଁ। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପୂର୍ବରୁ ସମସ୍ତ ଅଧିକାରୀ, ଅବଜର୍ଭର, ସ୍କ୍ୱାଡ୍ ମେମ୍ବର, ଜିଲା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ମୋବାଇଲ ଫୋନ ଦାଖଲ କରିବେ। ପ୍ରଶ୍ନପତ୍ର ଓ ଉତ୍ତରଖାତା ଲାଗି ୨୦୨ଟି ହବ୍ କେନ୍ଦ୍ର ହୋଇଛି। ପରୀକ୍ଷା ସରିବା ପରେ ସନ୍ଧ୍ୟା ସୁଦ୍ଧା ପରୀକ୍ଷା କେନ୍ଦ୍ରରୁ ଉତ୍ତରଖାତା ସୁରକ୍ଷିତ ଭାବେ ନିଆଯାଇ ହବ୍ କେନ୍ଦ୍ରରେ ରଖାଯିବ। ଯେଉଁ ପରୀକ୍ଷାକେନ୍ଦ୍ର ହବ୍ ସେଣ୍ଟରଠାରୁ ୧୦୦କିମିରୁ ଦୂରରେ ରହିଥିବ କିମ୍ବା ସେପରି କିଛି ପରିସ୍ଥିତି ସୃଷ୍ଟି ହେଲା, ତାହା ହେଲେ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବଳୟରେ ସମସ୍ତ ଉତ୍ତର ଖାତା ରଖାଯିବ। ୨୪ଘଣ୍ଟା ମଧ୍ୟରେ ହବ୍‌ରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ହକି ତାରକା ବୀରେନ୍ଦ୍ର ଲାକ୍ରାଙ୍କୁ ଆଶ୍ୱସ୍ତି

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

**ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲା**

- କୋର୍ଟରେ ଶେଷ ରିପୋର୍ଟ ଦାଖଲକଲା କମିଶନରେଟ ପୋଲିସ
- ଆନନ୍ଦ ଆତ୍ମହତ୍ୟା କରିଥିବା ତଦନ୍ତରୁ ସ୍ପଷ୍ଟ
- ବାନ୍ଧବୀ ମନ୍‌ଜିତ୍ ଟେଟେଙ୍କୁ ମଧ୍ୟ କ୍ଲିନ୍‌ଚିଟ୍

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲାରେ କମିଶନରେଟ ପୋଲିସ ତଦନ୍ତ କରିଛି। ଇନ୍‌ଫୋସିଟି ଥାନା ପୋଲିସ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୨ଙ୍କ କୋର୍ଟରେ ମାମଲା ସଂକ୍ରାନ୍ତ ଶେଷ ରିପୋର୍ଟ ଦାଖଲ କରାଯାଇଛି। ଏହି ମାମଲାରେ ସାକ୍ଷୀ, ସୂଚନାଦାତା, ପାରିପାର୍ଶ୍ୱିକ ପ୍ରମାଣ, ପୋଷ୍ଟମର୍ଟମ ରିପୋର୍ଟ, ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରୀ (ଏସ୍‌ଏଫ୍‌ଏସ୍‌ଏଲ୍)ର ଭିସେରା କେମିକାଲ ରିପୋର୍ଟ ଓ ସାଇଣ୍ଟିଫିକ୍ ଅଧିକାରୀଙ୍କ ରିପୋର୍ଟରୁ ଆନନ୍ଦ ଆତ୍ମହତ୍ୟା କରିଥିବା ଉକ୍ତ ରିପୋର୍ଟରେ ସ୍ପଷ୍ଟ କରାଇଛି। ଏପରିକି ଆନନ୍ଦଙ୍କୁ ବଳପୂର୍ବକ ମଦ କିମ୍ବା ନିଶା ଦିଆଯାଇ ନ ଥିବା ଭିସେରା ରିପୋର୍ଟରେ ଜଣାପଡ଼ିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଫଳରେ ଏହି ମାମଲାରେ ଅଭିଯୁକ୍ତ ଥିବା ଆନନ୍ଦଙ୍କ ପିଲାଦିନର ସାଙ୍ଗ ତଥା ଆନ୍ତର୍ଜାତିକ ହକି ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ବାନ୍ଧବୀ ମନଜିତ୍ ଟେଟେଙ୍କୁ ଆଶ୍ୱସ୍ତି ମିଳିଛି।

ସୂଚନାଯୋଗ୍ୟ, ଆନନ୍ଦ ମୃତ୍ୟୁ ପୂର୍ବରୁ ପ୍ରାୟ ଦେଢ଼ ବର୍ଷ ଧରି ବାନ୍ଧବୀ ମନ୍‌ଜିତଙ୍କ ସହ ଲିଭ୍ ଇନ୍‌ରେ ଥିଲେ। ସେମାନେ ଇନ୍‌ଫୋସିଟି ଅଞ୍ଚଳରେ ଥିବା ଆୟୁଷ ରେଡିଅମ୍ ଆପାର୍ଟମେଣ୍ଟର ଏକ ଫ୍ଲାଟ୍‌ରେ ଏକାଠି ରହୁଥିଲେ। ସେଠାରେ ଆଉଏକ ରୁମରେ ବୀରେନ୍ଦ୍ର ରହୁଥିଲେ। ବିବାହର ୧୦ ଦିନପରେ ଅର୍ଥାତ୍ ୨୦୨୨ ଫେବୃୟାରୀ ୨୮ରେ ଆନନ୍ଦ ରାଉରକେଲାରୁ ଫେରି ପୂର୍ବାହ୍ନ ସାଢ଼େ ୧୦ଟାରେ ଉକ୍ତ ଫ୍ଲାଟ୍‌କୁ ଆସିଥିଲେ। ବାନ୍ଧବୀଙ୍କ ସହ ମତାନ୍ତର ହେବାରୁ ଆନନ୍ଦ ତାଙ୍କ ରୁମ୍‌ରେ ଶାଢ଼ୀ ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ସେହି ସମୟରେ ମଧ୍ୟ ବୀରେନ୍ଦ୍ର ଅନ୍ୟ ଏକ ରୁମ୍‌ରେ ଥିଲେ। ଆନନ୍ଦଙ୍କ ମୃତ୍ୟୁ ହୋଇଥିବା ତାଙ୍କ ବାପାଙ୍କୁ ବୀରେନ୍ଦ୍ର ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ। ଏନେଇ ବୀରେନ୍ଦ୍ର ଓ ମନ୍‌ଜିତ ଟେଟେଙ୍କ ନାଁରେ ଆନନ୍ଦଙ୍କ ବାପା ବନ୍ଧନ ହତ୍ୟା ଅଭିଯୋଗ ଆଣିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ପରିବାର ଲୋକେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ନଭେମ୍ବର ୨୪ରେ ପୋଲିସ ଏକ ହତ୍ୟା ମାମଲା (ନଂ.୩୩୬/୨୦୨୨) ରୁଜୁ କରି ତଦନ୍ତକୁ ଆଗକୁ ବଢ଼ାଇଥିଲା। ତେବେ ଆନନ୍ଦଙ୍କ ମୃତ୍ୟୁ ପଛରେ ବୀରେନ୍ଦ୍ରଙ୍କ ହାତ ଥିବା ଚର୍ଚ୍ଚା ହୋଇଥିଲା। ଡିସେମ୍ବରରେ ପର୍ଯ୍ୟାୟକ୍ରମେ ବୀରେନ୍ଦ୍ର, ମନଜିତ୍, ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋ, ମାଆ, ସ୍ତ୍ରୀ ଓ ବଡ଼ ଭାଇଙ୍କୁ ପୋଲିସ ପଚରାଉଚରା କରି ବୟାନ ରେକର୍ଡ କରିଥିଲା।

# ସାପଧରାଳିଙ୍କୁ ଭେଟିବାକୁ ୟୁକେରୁ ଭଦ୍ରକ

**ଭଦ୍ରକ ଅଫିସ,୨୪।୨**

**ୟୁଟ୍ୟୁବ୍‌ରେ ମିର୍ଜାଙ୍କ କୌଶଳରେ ପ୍ରଭାବିତ ବିଦେଶୀ ଦମ୍ପତି**

ୟୁଟ୍ୟୁବ୍‌ରେ ତାଙ୍କର ସାପ ଧରିବା କୌଶଳ ଦେଖି ବ୍ରିଟେନ୍(ୟୁକେ) ଦମ୍ପତି ଭଦ୍ରକ ଆସି ସାପଧରାଳି ମିର୍ଜା ଆରିଫଙ୍କୁ ଭେଟିଛନ୍ତି। ଜୀବଜନ୍ତୁଙ୍କୁ ଭଲ ପାଉଥିବା ଏହି ବିଦେଶୀ ଦମ୍ପତି ଭଦ୍ରକରେ ପହଞ୍ଚି ଶୁକ୍ରବାର ମିର୍ଜାଙ୍କୁ ଭେଟି ତାଙ୍କର ଖୁବ୍ ପ୍ରଶଂସା କରିଛନ୍ତି। ୟୁକେର ପୁଲ୍ ଓ ସ୍ତ୍ରୀ ସାରା ମିର୍ଜାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ସାପ ଧରିବାର କଳା କୌଶଳ ଦେଖିବା ପରେ ଭଦ୍ରକ ଆସି ତାଙ୍କୁ ଦେଖା କରିବା ପାଇଁ ସ୍ଥିର କରିଥିଲେ। ଗୁରୁବାର ସେମାନେ ଭଦ୍ରକରେ ପହଞ୍ଚି ଏକ ହୋଟେଲରେ ରାତ୍ରିଯାପନ କରିବା ପରେ ଶୁକ୍ରବାର ମିର୍ଜାଙ୍କୁ ସାକ୍ଷାତ୍ କରିଥିଲେ। ସେମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ପରିବାରର ଜଣେ ସଦସ୍ୟ ଭାବେ ଗ୍ରହଣ କରିଥିଲେ। ତାଙ୍କ ସହ ୪/୫ ଦିନ ରହି ବିଭିନ୍ନ ସ୍ଥାନକୁ ଯାଇ ସାପ ଧରିବାର କୌଶଳ ଦେଖିବେ ବୋଲି ପୁଲ୍ କହିଛନ୍ତି। ମିର୍ଜାଙ୍କୁ ଦେଖା କରିବା ପାଇଁ ଏତେ ବାଟ ଆସିଥିଲୁ। ତାଙ୍କ ସହ ଦେଖା ହୋଇ ମିଶିବା ପରେ ସ୍ୱପ୍ନ ପୂରଣ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।



ସାପଧରାଳି ମିର୍ଜା ଆରିଫଙ୍କ ସହ ୟୁକେ ଦମ୍ପତି।

ଭଦ୍ରକର ପୁରୁଣାବଜାର ଅଞ୍ଚଳରେ ମିର୍ଜାଙ୍କ ଘର। ସ୍ତ୍ରୀ, ଦୁଇପୁଅ ଓ ଗୋଟିଏ ଝିଅଙ୍କୁ ନେଇ ତାଙ୍କ ପରିବାର। ଦୀର୍ଘଦିନ ଧରି ବିଭିନ୍ନ ଅଞ୍ଚଳରୁ ଖବର ପାଇ ନିଜ ଜୀବନକୁ ବାଜି ଲଗାଇ ବିଷଧର ସାପ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିବା ତାଙ୍କର ନିତିଦିନିଆ କାମ। ଜଙ୍ଗଲ ବିଭାଗ ଅପେକ୍ଷା ଭଦ୍ରକ ଜିଲାରେ ସାପଧରାଳି ଭାବେ ତାଙ୍କୁ ଅଧିକ ଲୋକେ ଫୋନ କଲ୍ କରି ଡାକିଥାନ୍ତି। ଏତେଦିନ ଧରି ଲୋକଙ୍କୁ ସେବା ଯୋଗାଉଥିବା ବେଳେ ବନ ବିଭାଗ ଓ ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳୁ ନ ଥିବା ସେ କହିଛନ୍ତି।

सूक्ष्म, लघु और मध्यम उद्यम मंत्रालय
MINISTRY OF MICRO, SMALL & MEDIUM ENTERPRISES
खादी और ग्रामोद्योग आयोग
KHADI & VILLAGE INDUSTRIES COMMISSION
Khadi... The Pride of India.
Khadi India
CELEBRATING
KHADI MAHOTSAV-2023
A STATE LEVEL EXHIBITION
21st Feb - 2nd Mar, 2023
TIME: 2 PM to 10 PM
KHADI FOR NATION
KHADI FOR FASHION
Venue
IDCO Exhibition Ground Unit-III, Bhubaneswar
Please visit the Exhibition and encourage rural artisans by purchasing Khadi and Village Industries products and enjoy Cultural shows in the evening
www.khadiindia.gov.in
Follow us on : /kvicindia

SMiLE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati
Free Training on all products
Other Chemicals
- Bleaching Powder
- Alum
- Castic Soda
- Acetic Acid
- HCL Acid
- Dolomite Powder
- Sulphuric Acid
- French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

MARKETING PERSON
wanted, preferably having experience in marketing of building materials, for a Paint and Hardware Shop at Bhubaneswar.
Contact: 6371440992

REQUIRED
GENERAL MANAGER for Real Estate Company. 5-10 Yrs. Exp. Selected few applicants will be invited for Interview.
Salary: 40,000/- p.m.
Facilities: Free Four Wheeler Vehicle with Driver, Mobile Recharge, House Rent, EPF & ESI. Call: 7008432414.
Mail us: estgmbbsr@gmail.com

APPOINTMENT
We require a PHARMACIST for our organization.
AGRAHA FOUNDATION
Plot No.- GA 80, Gayatri Bhaban, GA Colony, Bharatpur, Bhubaneswar
e-mail: contact@aagrahafoundation.org
Ph.-9861140807, 9556633763

ଶିକ୍ଷକ ଆବଶ୍ୟକ
ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜି.ଜି.ପି., ରସୁଲଗଡ଼ ପାଇଁ B.A/ M.A. B.Ed ଇଂରାଜୀ ଶିକ୍ଷକ ନବମ, ଦଶମ ଶ୍ରେଣୀ ପାଇଁ ଆବଶ୍ୟକ ।
ଯୋଗାଯୋଗ-୮୭୬୩୧୨୩୭୮୨
୯୯୩୭୬୧୯୪୯୭

DELHI PUBLIC SCHOOL
JANJGIR-CHAMPA
Vacancy 2023-24
Walk-In-Interview
Date - 26th February, 2023, (Sunday), Time - 10:00 am to 05:00 pm
1. Head Mistress (3-5 Yrs. Exp.)
2. PGT (3-5 Yrs. Exp.) - Chemistry, Physics, Commerce, English
3. TGT (3-5 Yrs. Exp.) - Science, S.St., English
4. PRT (2-3 Yrs. Exp.) - Maths, Computer
5. Others (2-3 Yrs. Exp.) - Music Teacher
6. Pre-Primary Coordinators (3-5 Yrs. Exp.) - 2 Posts
7. Pre-Primary Teachers (2-3 Yrs. Exp.) - 3 Posts
8. Computer Teacher (Robotics & AI) (2-3 Yrs. Exp.)
- Those who cannot attend may share the profile at jobs@dpschampa.com
- Candidates are requested to bring one recent colour passport size photograph
- Interested Candidates can attend a walk-in-Interview at:
Venue - Hotel Sagar Royale, SCR-90, Unit-3, Kharavela Nagar, Housing Board Square, Bhubaneswar - 01, Odisha
Work Location - Champa, Chhattisgarh | Call & Whatsapp ! 8435304007
/www.dpschampa.com | /dpschampa | linkedin.com/school/dpschampa

ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା

# କାର୍ଯ୍ୟକାଳ ବୃଦ୍ଧି ସମସ୍ୟା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ନ୍ୟାଶନାଲ ମାଇନିଂ ଡେଭଲପ୍‌ମେଣ୍ଟ କର୍ପୋରେଶନ (ଏନ୍‌ଏମ୍‌ଡିସି)ର ସିଏମ୍‌ଡି ସୁମିତ ଦେବଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ପାଇଁ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି। ଉକ୍ତ ପ୍ରସ୍ତାବ ସେଣ୍ଟ୍ରାଲ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍(ସିପିଏସ୍‌ଇ)ର ବୋର୍ଡ ସ୍ତରରେ ଦାୟିତ୍ୱ ନିର୍ବାହ କରୁଥିବା ଅଧିକାରୀମାନଙ୍କ ଚାକିରି କାର୍ଯ୍ୟକାଳ ବୃଦ୍ଧିଜନିତ ସମସ୍ୟାକୁ ସାମ୍ନାକୁ ଆଣିଛି। ଅବସର ପରେ ଦେବଙ୍କ କାର୍ଯ୍ୟକାଳ ଗୋଟିଏ ବର୍ଷ ବଢ଼ାଇବା ପ୍ରସ୍ତାବର ବୈଧତା ଏବଂ ଯୁକ୍ତିଯୁକ୍ତତାକୁ ନେଇ କାର୍ମିକ ମନ୍ତ୍ରଣାଳୟ ଚିନ୍ତାପ୍ରକଟ କରିଛି। କାର୍ମିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ଆଇନଗୁଡ଼ିକ ସାଧାରଣତଃ କାର୍ଯ୍ୟକାଳ ବଢ଼ାଇବା ଲାଗି ଅନୁମତି ଦେଇ ନ ଥାଏ ଏବଂ କେବଳ ରୁଗ୍‌ଣ ସିପିଏସ୍‌ଇର ସୁଧାର ପାଇଁ ଅତ୍ୟନ୍ତ ଭଲ କାମ କରୁଥିବା କାର୍ଯ୍ୟରତ ବୋର୍ଡ ସ୍ତରୀୟ ଅଧିକାରୀମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥାଏ। ଯେହେତୁ ଏନ୍‌ଏମ୍‌ଡିସି ଏକ ରୁଗ୍‌ଣ ସିପିଏସ୍‌ଇ ନୁହେଁ, ସେଥିପାଇଁ ଦେବଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାରେ ଇସ୍ପାତ ମନ୍ତ୍ରଣାଳୟ ପ୍ରସ୍ତାବର ବୈଧତା ଉପରେ ପ୍ରଶ୍ନ ଉଠିଛି। ଏହାସହ ଏନ୍‌ଏମ୍‌ଡିସି ପାଇଁ ଖାଲିଥିବା ସିଏମ୍‌ଡି ପଦବୀ ପୂରଣ କରିବା ଲାଗି ବିଜ୍ଞାପନ ଦେବାରେ ବିଳମ୍ବକୁ ନେଇ କାର୍ମିକ ମନ୍ତ୍ରଣାଳୟ ଚିନ୍ତାପ୍ରକଟ କରିଛି। ତେବେ ଦେବଙ୍କ କାର୍ଯ୍ୟକାଳ ବୃଦ୍ଧିର ପ୍ରସ୍ତାବ ସିଏମ୍‌ଡି ପଦବୀ ଲାଗି ଚୟନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବାକୁ ଏକ ପ୍ରୟାସ ହୋଇପାରେ କି? କାର୍ମିକ ମନ୍ତ୍ରଣାଳୟର ଦୃଷ୍ଟିକୋଣ ଏହି ଦିଗକୁ ସୂଚିତ କରୁଥିବା ମନେହେଉଛି। କାରଣ, ଆପଏଣ୍ଟମେଣ୍ଟ କମିଟି ଅଫ୍ କ୍ୟାବିନେଟ୍ (ଏସିସି) ଦ୍ୱାରା ବିଜ୍ଞାପନ ଦେବା ଓ ଖାଲି ପଦବୀ ପୂରଣ କରିବା ପାଇଁ ନିର୍ଦ୍ଧାରିତ ତଥା ସ୍ୱୀକୃତ ସମୟସୀମାକୁ ଅନୁସରଣ କରିବାରେ ଇସ୍ପାତ ମନ୍ତ୍ରଣାଳୟ ବିଫଳ ହୋଇଛି। ତେବେ ଉକ୍ତ ସମସ୍ୟା ସମାଧାନ କରିବା ଲାଗି ଇସ୍ପାତ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇପାରିବ। କାରଣ ଦେବ ଏନ୍‌ଏମ୍‌ଡିସିର ସିଏମ୍‌ଡି ପଦବୀରୁ ଅବସର ନେବା ପୂର୍ବରୁ ମନ୍ତ୍ରଣାଳୟ ହାତରେ ଆଉ ଦେଢ଼ମାସ ସମୟ ଅଛି।

### ରାଜନୀତିରେ ଅଭିଳାଷ

ଭାରତରେ ଅବସରପ୍ରାପ୍ତ ଅମଲାତନ୍ତ୍ରୀମାନେ ଦୀର୍ଘବର୍ଷ ଧରି ରାଜନୀତିରେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିଆସିଛନ୍ତି। ଏହି ଧାରା ଆଗାମୀ କର୍ନାଟକ ବିଧାନସଭା ନିର୍ବାଚନରେ ଚାଲୁରହିବ ବୋଲି ଜଣାପଡୁଛି। ଏହି ନିର୍ବାଚନ ପାଇଁ ଅନେକ ଅବସରପ୍ରାପ୍ତ ବାବୁମାନେ ଭାଜପା, କଂଗ୍ରେସ ଓ ଆପ୍ ସମେତ ସବୁ ପ୍ରମୁଖ ରାଜନୈତିକ ଦଳରୁ ଟିକେଟ ପାଇବାକୁ ଚାହୁଁଛନ୍ତି। ସୂତ୍ରରୁ ପ୍ରକାଶ,ପୂର୍ବତନ ଆଇପିଏସ୍ ଅଧିକାରୀ ଭାସ୍କର ରାଓ ଖାକି ଛାଡ଼ି ଖଦିକୁ ଆପଣାଇଛନ୍ତି। ସେ ଆମ୍ ଆଦମୀ ପାର୍ଟିରେ ଯୋଗ ଦେଇଛନ୍ତି ଓ ବାସଭାନ୍‌ଗୁଡ଼ି ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବାର ସମ୍ଭାବନା ଅଛି। ଅବସରପ୍ରାପ୍ତ ସୂଚନା କମିଶନର ତଥା ଆଇଆର୍‌ଏସ୍ ଅଧିକାରୀ ସୁଦାମ ଦାସ ମଧ୍ୟ ଇସ୍ତଫା ଦେଇଛନ୍ତି ଏବଂ ସେ ନିଲମଙ୍ଗଳ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଟିକେଟରେ ଲଢ଼ିବାକୁ ଚାହୁଁଛନ୍ତି। ଆଶ୍ଚର୍ଯ୍ୟର ବିଷୟ, ତାଙ୍କ ପୂର୍ବରୁ କମିଶନର ଥିବା ଅଧିକାରୀ ଏଲ୍.କ୍ରିଷ୍ଣମୂର୍ତ୍ତି ସେହି ନିର୍ବାଚନମଣ୍ଡଳୀରୁ ଟିକେଟ ପାଇବାକୁ ଆଶାୟୀ ଅଛନ୍ତି। ଜଣାପଡ଼ିଛି, ନିର୍ବାଚନ ପାଖେଇ ଆସୁଥିବାରୁ ଅଧିକ ସଂଖ୍ୟକ ବାବୁ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପାଖରେ ପହଞ୍ଚୁଛନ୍ତି ଏବଂ ଦଳଗୁଡ଼ିକ ଟିକେଟ ନିଶ୍ଚିତ କଲେ ସେମାନେ ଚାକିରିରୁ ଇସ୍ତଫା ଦେବାକୁ ପ୍ରସ୍ତୁତ ଅଛନ୍ତି। ଦେଖିବାକୁ ଗଲେ ପ୍ରଶାସନରେ ସଫଳତା ପାଇଥିବା ବାବୁମାନଙ୍କ ମଧ୍ୟରୁ ସମସ୍ତେ ନୁହନ୍ତି, ବରଂ କେତେଜଣ ଅବସର ପରେ ରାଜନୀତି କ୍ୟାରିୟରରେ ସଫଳ ହୋଇଛନ୍ତି। ରାଜନୀତିରେ ସଫଳତା ପାଇବାକୁ ହେଲେ ପ୍ରଶାସନିକ ଅଭିଜ୍ଞତାଠାରୁ ଅଧିକ କିଛି ଆବଶ୍ୟକ। ଏଥିପାଇଁ ରାଜନୀତିକୁ ଲମ୍ଫ ଦେଇ ନେତା ହେବାର ଦୃଢ଼ ଅଭିଳାଷ ରଖୁଥିବା ବାବୁମାନେ ମନେରଖିବା ଉଚିତ ଯେ, ଭୋଟରମାନଙ୍କ ସହ ସମ୍ପର୍କ ସ୍ଥାପନ କରିବା ଲାଗି ଏକ ଦୃଢ ରାଜନୈତିକ ବିଚକ୍ଷଣ ବିଚାର ଓ ଦକ୍ଷତାର ଗୁରୁତ୍ୱ ରହିଛି।

### ନୂଆ ବିବାଦର ସମ୍ଭାବନା

ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ତାଙ୍କ ପ୍ରମୁଖ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ଦାୟିତ୍ୱ ମୁକ୍ତ କରିଛନ୍ତି । ବିଶେଷକରି ରାଜ୍ୟର ରାଜ୍ୟପାଳମାନେ ବାବୁମାନଙ୍କୁ ନେଇ ସେମାନଙ୍କର ପସନ୍ଦର ଟିମ୍ ଗଢିଥାନ୍ତି। ଉଲ୍ଲେଖଯୋଗ୍ୟ, ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଜଗଦୀପ ଧନ୍‌କଡ(ଏବେ ଭାରତର ଉପରାଷ୍ଟ୍ରପତି ଅଛନ୍ତି)ଙ୍କର ମମତା ବାନାର୍ଜୀ ସରକାର ସହ ଅନେକ ଘଟଣାକୁ ନେଇ ବହୁ ବିବାଦ ଦେଖାଦେଇଥିଲା ଓ ତାହା ତାଙ୍କ କାର୍ଯ୍ୟକାଳକୁ କ୍ଷତି ପହଞ୍ଚାଇଥିଲା। ସେ ବି ରାଜଭବନରେ ତାଙ୍କ ପସନ୍ଦର ଟିମ୍ ଗଠନ କରିଥିଲେ। ସୂତ୍ରରୁ ଜଣାପଡ଼ିଛି, ରାଜ୍ୟ ଭାଜପା ମୁଖ୍ୟ ଚକ୍ରବର୍ତ୍ତୀଙ୍କୁ ବାହାରକରିବା ପାଇଁ ବୋଷଙ୍କ ଉପରେ ଚାପ ପକାଇ ଆସୁଥିଲେ। ରାଜ୍ୟ ସରକାରଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବା ପାଇଁ ବରିଷ୍ଠ ବାବୁମାନେ ରାଜ୍ୟପାଳଙ୍କୁ ଭୁଲ୍ ବାଟରେ ନେଉଛନ୍ତି ବୋଲି ତାଙ୍କର ଅଭିଯୋଗ ଥିଲା। ତେବେ ଏପର୍ଯ୍ୟନ୍ତ ବୋଷଙ୍କ ସହ ମମତାଙ୍କ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଅଛି। ଯଦି ସେ ବିଶ୍ୱାସ କରନ୍ତି ଯେ, ରାଜଭବନର କାର୍ଯ୍ୟକଳାପକୁ ନିୟନ୍ତ୍ରଣକୁ ନେବା ଲାଗି ଭାଜପା ଚେଷ୍ଟାକରୁଛି, ତେବେ ଏହି ସମ୍ପର୍କ ବିଗିଡ଼ି ଯାଇପାରେ। ଏହାସହ ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ଚକ୍ରବର୍ତ୍ତୀଙ୍କୁ ବିଦାକରିବା ଦ୍ୱାରା ଲଢ଼େଇ ଆରମ୍ଭ ହେବାର ବହୁ ସମ୍ଭାବନା ଅଛି। ଟିଏମ୍‌ସି ସରକାରର ନିକଟ ଇତିହାସକୁ ଦେଖିଲେ ପୁନର୍ବାର ବିବାଦ ଯେ ପ୍ରକାଶ ନ ପାଇବ ତାହା ଆଶା କରିବା ବୃଥା। ଗତବର୍ଷ ଅଗଷ୍ଟରେ ୧୯୯୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଚକ୍ରବର୍ତ୍ତୀ ରାଜ୍ୟପାଳ ଲା ଗଣେଶନଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତି ପାଇଥିଲେ। ଗଣେଶନଙ୍କ ସ୍ଥାନରେ ଆନନ୍ଦ ବୋଷ ଅବସ୍ଥାପିତ ହେବା ପରେ ବି ଚକ୍ରବର୍ତ୍ତୀ ସେହି ପଦବୀରେ ରହିଥିଲେ।

Email: dilipcherian@gmail.com

# ତରଳୁଛି ବରଫ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଜାତିସଂଘ ସୁରକ୍ଷା ପରିଷଦରେ ସମୁଦ୍ର ପତ୍ତନ ବୃଦ୍ଧି ଉପରେ ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ କହିଛନ୍ତି ଯେ, ସମୁଦ୍ର ଜଳ ପତ୍ତନ ବୃଦ୍ଧି ସମଗ୍ର ବିଶ୍ୱରେ କୋଟି କୋଟି ଲୋକଙ୍କ ନିମନ୍ତେ 'ଅବାଞ୍ଛିତ' ବିପଦ ସୃଷ୍ଟିର କାରଣ ପାଲଟିଛି। ବିଶ୍ୱ ଅର୍ଥନୈତିକ ଫୋରମ 'ପ୍ରକୃତି ଏବଂ ଜଳବାୟୁ କେନ୍ଦ୍ର' ପୂର୍ବାନୁମାନ କରିଛି ଯେ, ୨୧୦୦ ମସିହା ସୁଦ୍ଧା ସମୁଦ୍ର ପତ୍ତନରେ ବୃଦ୍ଧି ହେତୁ ଉପକୂଳବର୍ତ୍ତୀ ନିମ୍ନାଞ୍ଚଳରେ ଲୁଣିଜଳର ପ୍ରବେଶ ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ୪୧ କୋଟିରୁ ଅଧିକ ଲୋକ ବିପନ୍ନ ହେବେ। ଏପରି ଅନେକ ପ୍ରାକୃତିକ ବିପର୍ଯ୍ୟୟର ପ୍ରମୁଖ କାରଣ ହେଉଛି ବିଶ୍ୱତାପନ ପ୍ରଭାବରେ ମେରୁ ଅଞ୍ଚଳୀୟ ବରଫ ସିଟ୍ ଓ ପର୍ବତ ଶୃଙ୍ଗସ୍ଥ ହିମବାହ ସବୁ ତରଳିବାର ପରିଣାମ ଏବଂ ଉଷ୍ମତା ବୃଦ୍ଧି ଯୋଗୁ ସମୁଦ୍ର ଜଳର ବିସ୍ତାରଣ। ତାପମାତ୍ରା ବୃଦ୍ଧି ସମ୍ପ୍ରତି ଆଣ୍ଟାର୍କଟିକା ସମୁଦ୍ରରେ ରେକର୍ଡ ପରିମାଣରେ ବରଫାବୃତ ଅଞ୍ଚଳର ହ୍ରାସ ଘଟାଇଛି। ୟୁରୋପୀୟ ସ୍ପେସ୍ ଏଜେନ୍ସି ପ୍ରକାଶ କରିଛି, ଏବେ ଆଣ୍ଟାର୍କଟିକାର ବରଫାଞ୍ଚଳ ଧାରରୁ ଏକ ବିଶାଳ ବରଫଖଣ୍ଡ ୱେଡେଲ ସାଗରରୁ ପୃଥକ୍ ହୋଇ ୧୭୫ କି.ମି. ଲମ୍ବ, ୨୫ କି.ମି. ପ୍ରସ୍ଥର ପୃଥିବୀର ସର୍ବବୃହତ ଭାସମାନ ବରଫଖଣ୍ଡର ସୃଷ୍ଟି ହୋଇଛି। ଏପରି ଅନେକ ବୃହତ ଆଣ୍ଟାର୍କଟିକା ବରଫଖଣ୍ଡ ସୃଷ୍ଟି ବିଷୟରେ ବୈଜ୍ଞାନିକମାନେ ଉପଗ୍ରହ ଚିତ୍ରରୁ ଚିହ୍ନଟ କରୁଛନ୍ତି। ଅନ୍ୟ ଏକ ଆତଙ୍କ ସଞ୍ଚାରକାରୀ ରିପୋର୍ଟ ହେଉଛି , ଜର୍ମାନୀର ବରଫ ଆଚ୍ଛାଦିତ ଆଲ୍ପସ ପର୍ବତର ହିମବାହ ସବୁ ଏବେ ଆଶାତୀତ ଭାବରେ ତରଳୁଛି। ସର୍ବଶେଷ ତଥ୍ୟ ଦର୍ଶାଏ ଯେ ପୃଥିବୀର ଅନ୍ୟ ସ୍ଥାନ ତୁଳନାରେ ଉତ୍ତର ମେରୁସ୍ଥ ଆର୍କଟିକ ଅଞ୍ଚଳ ତିନି ଗୁଣ ଦ୍ରୁତ ବେଗରେ ଉତ୍ତପ୍ତ ହେଉଛି, ଯାହା ଆଗାମୀ ଦିନରେ ସମ୍ପୂର୍ଣ୍ଣ ବରଫ ଶୂନ୍ୟ ହେବାର ଆଶଙ୍କା ସୃଷ୍ଟି କରୁଛି।

ପୃଥିବୀର ପ୍ରାୟ ୨,୨୦,୦୦୦ ସଂଖ୍ୟାର ସମସ୍ତ ପାର୍ବତ୍ୟାଞ୍ଚଳସ୍ଥ ହିମବାହ ଉପରେ ଉପଲବ୍ଧ ଉପଗ୍ରହ ତଥ୍ୟକୁ ନେଇ ନେଚର୍ ପତ୍ରିକା ଏକ ଗବେଷଣା ନିବନ୍ଧ ପ୍ରକାଶ କରିଛି । ଏଥିରେ ଦର୍ଶାଇଛି ଯେ,୧୫ ବର୍ଷ ପୂର୍ବ ତୁଳନାରେ ଏବେ ପ୍ରତିବର୍ଷ ୩୧ ପ୍ରତିଶତ ଅଧିକ ହାରରେ ହିମବାହ ଏବଂ ବରଫସବୁ ତରଳି ଯାଉଛନ୍ତି। ବିଶ୍ୱରେ ତରଳୁଥିବା ବରଫର ଅର୍ଦ୍ଧେକ ହିଁ ଆମେରିକା ଓ କାନାଡାରେ ଘଟୁଛି, ଏବଂ ଆଲାସ୍କାର ତରଳିବା ହାର ହେଉଛି ସର୍ବାଧିକ। ବରଫ ତରଳି ଜଳରେ ପରିଣତ ହେବା ପରିଣାମରେ ୧୯୯୩ ପରଠାରୁ ବିଶ୍ୱର ହାରାହାରି ସମୁଦ୍ର ପତ୍ତନ ପ୍ରତିବର୍ଷ ପ୍ରାୟ ୩ ମିମିରୁ କିଛି ଅଧିକ ହାରରେ ବୃଦ୍ଧିପାଇ ଏପର୍ଯ୍ୟନ୍ତ ଦ୍ୱିଗୁଣିତ ହେଲାଣି। ବିଶ୍ୱ ପାଣିପାଗ ସଂଗଠନର '୨୦୨୨ରେ ବିଶ୍ୱ ଜଳବାୟୁର ପରିସ୍ଥିତି' ଉପରେ ପ୍ରସ୍ତୁତ ଅସ୍ଥାୟୀ ରିପୋର୍ଟ ଅନୁଯାୟୀ ଜାନୁୟାରୀ ୨୦୨୦ ଠାରୁ ଏହା ପ୍ରାୟ ୧୦ ମିମି ହାରରେ ବୃଦ୍ଧି ପାଇ



୨୦୨୨ରେ ଏକ ନୂତନ ରେକର୍ଡ ସ୍ତରକୁ ଆସିଛି। ୧୮୮୦ରେ ରେକର୍ଡ ହେବା ଆରମ୍ଭ ପରଠାରୁ ବିଶ୍ୱ ସମୁଦ୍ର ପତ୍ତନରେ ଏପର୍ଯ୍ୟନ୍ତ ପ୍ରାୟ ୨୧ ସେମି ବୃଦ୍ଧି ଘଟିଛି। ଯେଉଁ ଦ୍ରୁତ ଗତିରେ ଗ୍ରୀନ୍‌ଲାଣ୍ଡ ବରଫ ସିଟ୍ ତରଳୁଛି, ତାହା ବର୍ତ୍ତମାନର ସମୁଦ୍ର ପତ୍ତନର ୨୦% ବୃଦ୍ଧିର କାରଣ ବୋଲି ଉଡ୍ସ ହୋଲ ଓସେନୋଗ୍ରାଫିକ ଅନୁଷ୍ଠାନ ବ୍ୟକ୍ତ କରିଛି। ବିଶ୍ୱ ଜଳବାୟୁ ଢାଞ୍ଚାର ଏପରି ନକାରାତ୍ମକ ପରିବର୍ତ୍ତନ ପ୍ରାକୃତିକ ପରିସଂସ୍ଥା ଏବଂ ଜୀବଜଗତ ଉପରେ ପ୍ରଭାବ ବିସ୍ତାର କରୁଛି।

ତାପମାତ୍ରା ବୃଦ୍ଧି ଏବଂ ବରଫ ତରଳିବା ପୃଷ୍ଠଭୂମିରେ ଥିବା ପ୍ରମୁଖ କାରଣ ହେଉଛି ବିସ୍ଫୋରିତ ଜନସଂଖ୍ୟାର ବର୍ଦ୍ଧିତ ଆବଶ୍ୟକତା ପୂରଣ ତଥା ଶିଳ୍ପ ପ୍ରସାର, ଅର୍ଥନୈତିକ ପ୍ରଗତି ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଦୃଷ୍ଟିରୁ ଶକ୍ତି ବ୍ୟବହାରରେ ଯଥେଷ୍ଟ ବୃଦ୍ଧି ଘଟିବା। ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ନିମନ୍ତେ କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନ ଉତ୍ସ ମୁଖ୍ୟ ଭୂମିକା ନିର୍ବାହ କରୁଛି। ଜୀବାଶ୍ମ ଇନ୍ଧନର ଦହନରେ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ ହେଉଛି, ଯାହା ବାୟୁମଣ୍ଡଳରେ ଜମିରହି ପୃଥିବୀର ତାପମାତ୍ରା ବୃଦ୍ଧିକରୁଛି। ୨୦୧୮ରେ ବିଶ୍ୱ ଅଙ୍ଗାରକାମ୍ଳ ନିର୍ଗମନର ୮୯% ଜୀବାଶ୍ମ ଇନ୍ଧନ ଏବଂ ଶିଳ୍ପ ଉତ୍ସରୁ ହିଁ ଉତ୍ପନ୍ନ ହୋଇଥିଲା। ଏପରି ଅପ୍ରାକୃତିକ, ମାନବୀୟ ପ୍ରକ୍ରିୟା ଦ୍ୱାରା ଉତ୍ତାପ ବୃଦ୍ଧି ଘଟି ପ୍ରାକ୍-ଶିଳ୍ପବିପ୍ଳବ ତୁଳନାରେ ସମ୍ପ୍ରତି ତାପମାତ୍ରା ହାରାହାରି ୧.୨ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଲାଣି, ଯାହାର ପରିଣାମରେ ବିଶ୍ୱ ଜଳବାୟୁରେ ବିନାଶକାରୀ ବିପର୍ଯ୍ୟୟ ସଂଘଟିତ ହେଉଛି। ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟରତ ଆନ୍ତଃ ସରକାରୀ ଗୋଷ୍ଠୀ (ଆଇପିସିସି)ର ଅନୁସନ୍ଧାନ ବ୍ୟକ୍ତ କରେ ଯେ ଜୀବାଶ୍ମ ଇନ୍ଧନରୁ ଉତ୍ସର୍ଜନ ହେଉଥିବା ବାଷ୍ପସବୁ ହିଁ ବିଶ୍ୱତାପନର କାରଣ। ଏହି କ୍ରମରେ ଏକ ଗମ୍ଭୀର ଘଟଣା ହେଉଛି ମହାସାଗର ଓ ସମୁଦ୍ର ଜଳ ପତ୍ତନର କ୍ରମବୃଦ୍ଧି, ଯାହା ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ କ୍ଷୁଦ୍ର ଦ୍ୱୀପ ରାଷ୍ଟ୍ରଗୁଡିକରେ ଆଗାମୀ ସମୟରେ ପ୍ରଳୟଙ୍କରୀ ପରିସ୍ଥିତି ସୃଷ୍ଟିର ସମ୍ଭାବନା ବହନ କରେ। ଭାରତ, ବାଂଲାଦେଶ, ଚାଇନା, ଇଜିପ୍ଟ, ନେଦରଲାଣ୍ଡ, ଆମେରିକା, ବ୍ରାଜିଲ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ, ଯେପରିକି ଟୋଙ୍ଗା, ଟୁଭାଲୁ ଏବଂ ଫିଜି, ଅଧିକ ବିପଦପୂର୍ଣ୍ଣ ଦେଶଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ।

ସମୁଦ୍ର ପତ୍ତନ ବୃଦ୍ଧି ଉପକୂଳ ଆର୍ଦ୍ରଭୂମି ଓ ନିମ୍ନାଞ୍ଚଳକୁ ଜଳମଗ୍ନ ତଥା ଉପକୂଳ ଅବକ୍ଷୟକୁ ତ୍ୱରାନ୍ୱିତ କରୁଛି ଏବଂ ବନ୍ୟା ସୃଷ୍ଟିରେ ସହାୟକ ହେଉଛି ; ଏହାଦ୍ୱାରା ସମୁଦ୍ର ତଟବର୍ତ୍ତୀ ସ୍ଥଳଭାଗ ଓ ନିକଟସ୍ଥ ଭୂତଳ ଜଳ ମଧ୍ୟକୁ ଲୁଣି ଜଳର ପ୍ରବାହରେ ବୃଦ୍ଧି ଘଟୁଛି। ଗୁଟେରସ ସତର୍କ କରିଛନ୍ତି ଯେ, ବଢୁଥିବା ସମୁଦ୍ର ପତ୍ତନର ପ୍ରଭାବ କ୍ରମଶଃ ଅଧିକ ଅସ୍ଥିରତା ଏବଂ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଆଗକୁ ସମଗ୍ର ଜନସଂଖ୍ୟାର ଏକ ବିଶାଳ ଭାଗ ଉପକୂଳରୁ ସ୍ଥାନାନ୍ତରିତ ହେବା ପରି ଦୃଶ୍ୟର ଆମେ ମୂକସାକ୍ଷୀ ରହିବୁ ତଥା ମଧୁର ଜଳ, ଜମି ଏବଂ ଅନ୍ୟାନ୍ୟ ସମ୍ବଳ ଉପଲବ୍ଧି ନିମନ୍ତେ ତୀବ୍ର ପ୍ରତିଯୋଗିତା ମଧ୍ୟ ଦେଖିବୁ। ଏହା ଉପକୂଳରେ ଜଳ, ଖାଦ୍ୟ ଏବଂ ସ୍ୱାସ୍ଥ୍ୟସେବାର ଉପଲବ୍ଧିକୁ ବିପଥଗାମୀ କରିବା ସହିତ ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ, ବନ୍ଦର, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାନୁଷ୍ଠାନ ପରି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ କ୍ଷତିଗ୍ରସ୍ତ କିମ୍ବା ସମ୍ପୂର୍ଣ୍ଣ ନଷ୍ଟ କରିପାରେ। ଲବଣାକ୍ତ ଜଳର ଅନୁପ୍ରବେଶ କୃଷି, ମତ୍ସ୍ୟଚାଷ ଏବଂ ପର୍ଯ୍ୟଟନ ଶିଳ୍ପଗୁଡିକର ସମଗ୍ର ଅର୍ଥନୀତିରେ ଅବନତି ଘଟାଇ ଏସବୁ କ୍ଷେତ୍ରରେ ନିଯୁକ୍ତି ସୁଯୋଗକୁ ସଂକୁଚିତ ଏବଂ ଜୀବନଜୀବିକାକୁ ବିପନ୍ନ କରିବ। ହେନ୍ତାଳ ବନ ପରି ଉପକୂଳ ପରିସଂସ୍ଥା ଓ ଏହାର ଜୈବବିବିଧତା କ୍ଷତିଗ୍ରସ୍ତ ହେବ। ପ୍ୟାରିସ ଚୁକ୍ତିନାମା (୨୦୧୫) ଅନୁଯାୟୀ ତାପମାତ୍ରା ବୃଦ୍ଧି ୧.୫ ଡିଗ୍ରୀରେ ଯଦି ସୀମିତ ହୋଇରହେ ତେବେ ମଧ୍ୟ ସମୁଦ୍ର ପତ୍ତନର ଏପରି ବୃଦ୍ଧି ଯଥେଷ୍ଟ କ୍ଷୟକ୍ଷତି ସାଧନ କରିବ।।

ଜୀବଜଗତ ଇତିହାସର ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ ନିମନ୍ତେ ବିଶ୍ୱ ରାଜନୈତିକ ନେତୃବର୍ଗଙ୍କର ଦୃଢ଼ ପ୍ରତିବଦ୍ଧତା ଏକାନ୍ତ ଅପରିହାର୍ଯ୍ୟ। ବରଫ ଓ ହିମବାହ ତରଳିବା ସହିତ ସମୁଦ୍ର ପତ୍ତନ ବୃଦ୍ଧି ଏବଂ ଏହା ସହ ଜଡିତ ବିବିଧ ବିପର୍ଯ୍ୟୟ ଅଧିକ ଉଗ୍ର ହେବା ପୂର୍ବରୁ ଜୀବାଶ୍ମ ଇନ୍ଧନର ବ୍ୟବହାର ଏବଂ ଏଥିରୁ ନିର୍ଗତ ସବୁଜଗୃହ ବାଷ୍ପର ସର୍ବାଧିକ ହ୍ରାସ ଆମର ଇପ୍ସିତ ଲକ୍ଷ୍ୟ ହେବା ବାଞ୍ଛନୀୟ। ସ୍ୱଚ୍ଛ, ଅକ୍ଷୟ ଶକ୍ତି ବ୍ୟବହାରକୁ ତ୍ୱରାନ୍ୱିତ କରିବା ସହିତ ସବୁଜିମାର ବୃଦ୍ଧି ନିମନ୍ତେ ବୃକ୍ଷରୋପଣ ଏବଂ ବୈଷୟିକ 'ଅଙ୍ଗାରକାମ୍ଳ ଅପସାରଣ' କୌଶଳ ପରି ପ୍ରତ୍ୟକ୍ଷ ହ୍ରାସ ପଦ୍ଧତି ସବୁର ନିୟୋଜନ ଦୃଶ୍ୟପଟ୍ଟ ପରିବର୍ତ୍ତନରେ ସହାୟକ ହେବ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ-୯୪୩୭୦୭୬୧୦୦**

# ଏବେକୁ ଏତେ, ଆଗକୁ କେତେ



ଦ୍ୱିତୀ ଚନ୍ଦ୍ର ସାହୁ

ସକାଳର ପାଗ ସ୍ଥାୟୀ ରହେନି। କ୍ରମଶଃ ବଦଳିଯାଏ। ଆଜିକାଲି ପାଗ ସହ ମଣିଷର ଅବସ୍ଥା ବି ସେମିତି। ପାଗ ସହ ମଣିଷକୁ ତୁଳନା କରିବାର ଯଥେଷ୍ଟ କାରଣ ଅଛି। ପାଣିପାଗ ଓ ମଣିଷର ମାନସିକ ଅବସ୍ଥା ସ୍ଥିର ନ ଥାଏ। ସମୟାନ୍ତରରେ ବଦଳିଥାଏ। ଆମେ କଥା କଥାକେ ଓଳିଆରୁ ଗଜା ବୋଲି କହି ପିଲାଟିକୁ ମୂଲ୍ୟାୟନ କରୁ। ପିଲାଟି ବିଗିଡିଗଲା। ଆଉ ଜମା ସୁଧୁରିବନି। ତିନି ପାଞ୍ଚିରୁ ଗଲା। ଚାରି ଦଉଡିକଟା ହୋଇଗଲା। ଫୁଲ୍ ବାଲୁଙ୍ଗା ହୋଇଗଲା। ମାଟି କରିଦେଲା ନିଜର ଭବିଷ୍ୟତ। ବିଛୁଆତି ଦୁଇ ପତ୍ରରୁ କୁଣ୍ଡାଇ ହୁଏ। ଥରେ ହୁଗୁଳା ହୋଇଗଲେ ଆଉ କ'ଣ ସୁଧୁରିବ ପିଲା। ଏବେକୁ ଏତେ ତ, ଆଗକୁ କେତେ ? ନାହିଁ ନ ଥିବା କାମରେ ହାତ ଦେଲା ମାନେ ପିଲାଟା ବିଗିଡି ଗଲା। ପିଲାଦିନର ଦୁଷ୍ଟାମିକୁ ନେଇ ଅଜସ୍ର ମତାମତ ଦେଉ। ତାକୁ ବଳେଇ ବଳେଇ ଶୁଣେଇ ଦେଉ ମଧ୍ୟ। ଏମିତି ନାକରା କଥା ଶୁଣିଶୁଣି ବଡ଼ ହୋଇଥିବା ପିଲାଟି ବି କରିସ୍ମା କରିପାରେ। ଦଣ୍ଡାବାଲୁଙ୍ଗା ହୋଇ ବୁଲୁଥିବା ପିଲାଟିକୁ ଲୋକେ ଭୋଟ ନାଦି ଦିଅନ୍ତି। ସେ ରାତାରାତି ନେତା ହୋଇଯାଏ। ମନ୍ତ୍ରୀ ପଦ ଯୋଗାଡ଼ ହୋଇଗଲେ ତେଣିକି ସମାଜ ତାକୁ ସଲାମ କରେ। କେବଳ ସେତିକି ନୁହଁ ଦିନରାତି ଚୋରିନାରୀ କରି ବଢିଥିବା ଲୋକଟି ଅମାପ ସମ୍ପତ୍ତିର ମାଲିକ ହୋଇଗଲା ପରେ ଖୁବ୍ ସମାଜ ସେବାରେ ମନ ବଳାଏ। ଡାକି ଡାକି ଲୋକଙ୍କୁ ସେବା କରେ। ବିଭିନ୍ନ ଧର୍ମ କାର୍ଯ୍ୟରେ ଯୋଗ ଦିଏ। ମନ୍ଦିର ତୋଳେ। ଦୁଇ ହାତ ଖୋଲି ଦାନ କରେ। ତା' ପରେ ସେହି ସମାଜ ହିଁ ଗତକାଲିର ଲୁଟେରାକୁ ଭଗବାନ ଭଳି ସମ୍ମାନ ଦିଏ। କି ଚମତ୍କାର ଦେଖ। ଦସ୍ୟୁ ରତ୍ନାକରରୁ ବାଲ୍ମୀକି ପାଲଟିଗଲା ଲୋକଟି। କେତେ ଭକ୍ତି ଓ ସମ୍ମାନ। ଏମିତି ତିନିତୁଣ୍ଡରେ ଛେଳି କୁକୁର ପାଲଟିଯାଏ।

ଭାରତୀୟ ଗଣତନ୍ତ୍ର ହେଉ କି ସମାଜତନ୍ତ୍ରରେ ଏମିତି ଚିତ୍ର କିଛି ନୂଆ ନୁହେଁ। ଅପରପକ୍ଷେ ମଣିଷର ପାଣିପାଗ ବି ଦେଖିଲେ ଅଜବ ଲାଗେ। ତୁଳସୀ ଦୁଇପତ୍ରରୁ ବାସେ ପରା। କେଡ଼େ ସୁଧାର ପିଲା। ଖାଣ୍ଟି ସୁନା ମୁଣ୍ଡାଟା। କେତେ ଶାନ୍ତଶିଷ୍ଟ। ମାଛିକୁ ମ' କହିବାର ନାହିଁ। କାହା ସଙ୍ଗେ ବସାଉଠା ନାହିଁ। ପାଠ ଓ ଘର ପରିବାର ଭଲ ତ ସେ ଭଲ। ବଡ଼ମାନଙ୍କ ପ୍ରତି ଅଗାଢ଼ ଭକ୍ତି। କିନ୍ତୁ ବଡ଼ ହେଲେ ଅନେକଙ୍କ ବଦଳିଯାଏ ଚରିତ୍ର। ନିଜେ ଭଲ ତ ସବୁ ଭଲ। ଆଗ ପଇସା ପଛେ ସମ୍ପର୍କ। ଆଉ କାହାରି ଚିନ୍ତା ନ ଥାଏ। ପାର୍ଥିବ ସମ୍ପତ୍ତିର ଲୋଭରେ ସେ ମାଡ଼ିଚାଲେ ଆଗକୁ ଆଗକୁ। ମା'ବାପାଙ୍କୁ ବି ଏଡେଇ ଦେଇ ଚାଲିଯାଏ। ଜନ୍ମମାଟି କଥା ଭୁଲିଯାଏ। ଏମିତି ବି ପରିସ୍ଥିତି ହୁଏ ଗଣ୍ଡମୂର୍ଖ ଓ ହୁଣ୍ଡା ନାମରେ ପରିଚିତ ପୁଅଟି ହିଁ ମା'ବାପାଙ୍କ ଯତ୍ନ କରେ। ନିଦାବିଷ୍ଟୁ ସାଜିଥିବା ପୁଅର ଆଉ ଦେଖା ମିଳେନି। ଏବେକା ସମାଜରେ ଏମିତି କିଛି ବିକଳ ଚିତ୍ର। ଯିଏ ପଢିଲା ସେ ବଢିଲା। ଶ୍ରେଷ୍ଠ ବି ହେଲା। ଅଥଚ ହୃଦୟହୀନ ପାଲଟିଗଲା। ଏକୋଇରବଳା ବିଶିକେଶନ ବୋଲି ଯାହାକୁ ମା'ବାପା ଖୁଆଇପିଆଇ ବଡ଼ କରିଥାଏ ବଡ଼ହେଲା ପରେ ସେ ଯାବତୀୟ ମିଛ ସୁଖର



ଭ୍ରମରେ ପର ପାଲଟିଯାଏ। ଭବିଷ୍ୟତ ସେଇଆ କେବେ ହୋଇପାରେନା ଯେଉଁଥିରେ ଆତ୍ମୀୟଙ୍କ ଦୁଃଖର ଲହଡି ଭାଙ୍ଗୁଥାଏ। ନିଜସ୍ୱ ସମୃଦ୍ଧିର ଗ୍ରାଫ୍ ଉପରକୁ ଉଠିପାରେ ଅକ୍ଳେଶରେ ଅଥଚ ନକ୍ସା ତିଆରି ପଛର ଅନୁଭବୀଙ୍କ ବେଦନାରେ ଗ୍ରାଫ୍‌ର ରେଖା ଅଙ୍କାବଙ୍କା ବି ହୋଇପାରେ କାଳର କରାଳ ଗତିରେ। ଭାଗ୍ୟକୁ ହାତରେ ଧରି ଫୁତ୍‌କାର କରୁଥିବା ସଫଳ କର୍ମକାରମାନେ ବି ସମୟ ନିକଟରେ ବୋଲ ମାନନ୍ତି। ହୃଦୟହୀନ ସନ୍ତାନଙ୍କ ଭାଗ୍ୟରେଖାରେ ବି ମାର୍କଦଶା ଆସିଯାଏ। ସେତେବେଳେ ଭାଗ୍ୟଧାରୀମାନେ ଭାଗ୍ୟ ଅପେକ୍ଷା ଆପଣାର ଲୋକଙ୍କୁ ଖୋଜିବସନ୍ତି।

ଭଲର ପରିଭାଷା ଖୋଜିବାକୁ କୌଣସି ଅଭିଧାନ ଆବଶ୍ୟକ ନାହିଁ। ହୃଦୟବାନ୍ ବ୍ୟକ୍ତି ସମସ୍ତଙ୍କ ହୃଦୟରେ ଘର କରି ରହିପାରେ। ଅଚିରେ ଆପଣାପଣର ରଜ୍ଜୁରେ ବାନ୍ଧିପାରେ। ସବୁ ସଫଳ ମଣିଷ ଭଲ ମଣିଷ ହୋଇ ନ ପାରନ୍ତି। ଅନେକ ସଫଳ ମଣିଷଙ୍କ ନିକଟରେ ଗୁଣଚିହ୍ନା ହୃଦୟଟି ଥାଇପାରେ କିନ୍ତୁ ବେଦନାଚିହ୍ନା ହୃଦୟଟି ନ ଥାଇପାରେ। ଏହି କ୍ରମରେ ଯାବତୀୟ କର୍ମ, ଯୋଜନା ଓ ଲକ୍ଷ୍ୟରେ ଆମର ତତ୍କାଳିକ ମୂଲ୍ୟାୟନ ଅଧିକାଂଶ ସମୟରେ ଠିକ୍ ହୋଇ ନ ଥାଏ। ଭଲ ଖରାପ ହୋଇଯାଏ। ଖରାପ ବି ଭଲ ହୋଇପାରେ। ବେଳେବେଳେ ଗୋଟେ ମୁହୂର୍ତ୍ତରେ ଜୀବନର ମୋଡ଼ ବୁଲିଯାଏ। ଗୋଟେ ଘଟଣା, ଗୋଟେ ଚରିତ୍ର ଓ ଗୋଟେ ଜୀବନ୍ତ ଉଦାହରଣ ମଣିଷକୁ କୋଉଠିରୁ କୋଉଠିକୁ ନେଇ ପହଞ୍ଚାଇ ଦେଇପାରେ। ନିଜେ ମଣିଷ ଜାଣିପାରେନା ତା'ର ସ୍ଥିତି କ'ଣ ହୋଇପାରେ। ନିଜର ଭାଗ୍ୟକୁ କାଗଜକଲମରେ ସଜାଡି ସୁନ୍ଦର ନକ୍ସା କରିବା ଭିତରେ ସମୟର ମାପ ଖଇଚା କରିଦେଇପାରେ। ମଣିଷ ଜାଣେ ସେ ନିଜେ ସବୁକିଛି ନୁହେଁ। ସବୁକିଛି ହେବା ପାଇଁ ପରିଶ୍ରମ, ବୁଦ୍ଧି, ଭାଗ୍ୟ ଓ ଚାରିପାଖର ମଣିଷମାନଙ୍କ କୃପା ବି ଲୋଡା ପଡିଥାଏ। ଏତେସବୁ ପରେ ବି ଖେଳ ବିଗିଡିଯାଏ। ସମୟ ସହ ତାଳ ଦେଇ ଆଗକୁ ବଢିଲେ ବି କେଉଁ ଏକ ମୁହୂର୍ତ୍ତରେ ଭାଗ୍ୟର ଗତିପଥ ବଦଳିଯାଏ। ବାସ୍ତବରେ ଅଧିକ ସମ୍ବେଦନଶୀଳତା ହିଁ ସନ୍ତାନ, ପରିସ୍ଥିତି ଓ ଲକ୍ଷ୍ୟପଥକୁ ବିଗାଡି ଦେଇଥାଏ। ସବୁ କ୍ଷେତ୍ରରେ ଗୋଟେ ଧୈର୍ଯ୍ୟ ଆବଶ୍ୟକ। ଆଗକୁ ବଢିବାକୁ ହେଲେ ଅସୀମ ଧୈର୍ଯ୍ୟ ଲୋଡ଼ା। ଗୋଟେ ଭଲ ସମ୍ପର୍କ ରଖିବାକୁ ହେଲେ ଧନସମ୍ପତ୍ତିର ଆବଶ୍ୟକତା ନ ଥାଏ। କେବଳ ଲୋଡ଼ା ଥାଏ ଭଲ ପାଇବା, ବିଶ୍ୱାସ ଓ ଅସୀମ ଧୈର୍ଯ୍ୟ। ସଫଳତା ବିଳମ୍ବ ହୋଇପାରେ ଅସମ୍ଭବ ନୁହେଁ। ସାମ୍ପ୍ରତିକ ସ୍ଥିତିକୁ ନେଇ ସାମଗ୍ରିକ ଆକଳନ କରି ଶେଷ ରାୟ ଶୁଣାଉ - ଏବେକୁ ଏତେ, ଆଗକୁ କେତେ ! ଏଭଳି ମାନସିକତା ଅପେକ୍ଷା ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଉପରେ ଅଧିକ ଦୃଢ଼ ଆଶାବାଦୀ ରହିବା ଆବଶ୍ୟକ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା,**
**ମୋ -୯୪୩୭୯୦୯୬୭୧**

## ଏଇ ଭାରତରେ

କୁହାଯାଏ ହନୁମାନ ହେଉଛନ୍ତି କଳି ଯୁଗର ଏକମାତ୍ର ଜୀବିତ ଦେବତା। ତାଙ୍କ ଆରାଧନା ଓ ହନୁମାନ ଚାଳିଶା ପଢ଼ିଲେ ବିପତ୍ତି ଟଳିଯାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ସାରା ଦେଶରେ ହନୁମାନଙ୍କ ପୂଜା କରାଯାଉଛି। କିନ୍ତୁ ଉତ୍ତରାଖଣ୍ଡର ଏମିତି ଏକ ଗାଁ ରହିଛି ଯେଉଁଠି ହନୁମାନଙ୍କ ପୂଜା ତ ଦୂରର କଥା, ତାଙ୍କ ନାମ ନେବା ଅପରାଧ ବୋଲି ବିବେଚନା କରାଯାଏ। ଏହି ଗାଁର ନାମ ଦ୍ରୁନାଗିରି। ଏହାକୁ ମଧ୍ୟ ଦ୍ରୋଣଗିରି କୁହାଯାଏ। ଉକ୍ତ ଗାଁରେ ଥିବା ଏଭଳି ଅଜବ ବିଶ୍ୱାସକୁ ନେଇ ଏକ ଲୋକକଥା ରହିଛି। ରାମ-ରାବଣ ଯୁଦ୍ଧ ସମୟରେ ମେଘନାଦଙ୍କ ବାଣରେ ଲକ୍ଷ୍ମଣ ଚେତାଶୂନ୍ୟ ହେବା ପରେ ତାଙ୍କ ପାଇଁ ଚେରମୂଳି ଖୋଜିବା ଲାଗି ହନୁମାନ ଏହି ଗାଁରେ ପହଞ୍ଚିଥିଲେ। ସେଠାରେ ଜଣେ ମହିଳା ତାଙ୍କୁ ଗାଁରେ ଥିବା ପର୍ବତ ଦେଖାଇ ଦେଇ ଆବଶ୍ୟକ ଚେରମୂଳି ଥିବା କହିଥିଲେ। ହେଲେ ହନୁମାନ ତାହା ଚିହ୍ନି ନ ପାରି ପୂରା ପର୍ବତକୁ ଉଠାଇ ନେଇଗଲେ। ସେବେଠାରୁ ଗାଁ ଲୋକ ହନୁମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ତାଙ୍କ ପୂଜା ବାରଣ କରିବା ସହ ତାଙ୍କ ନାମ ନେବାକୁ ଅପରାଧ ବୋଲି ଗ୍ରହଣ କରିନେଇଛନ୍ତି। ଗାଁ ଲୋକେ ଯିଏ ଯେଉଁଠି ଥିଲେ ବି ଯଦି ଏହା କରନ୍ତି ସେମାନଙ୍କୁ ସମାଜରୁ ଅଲଗା କରିଦିଆଯାଏ,ଏପରି କି ହନୁମାନ ପୂଜା କରିବା ଜଣାପଡ଼ିଲେ ଗାଁରୁ ବାହାର କରିଦିଆଯାଏ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଫେବୃୟାରୀ ୧୯୯୮

- ଅସ୍ତ୍ରଶସ୍ତ୍ର ତଦାରଖ ନେଇ ସୃଷ୍ଟି ହୋଇଥିବା ସଙ୍କଟର ଅବସାନ ଲାଗି ଇରାକ ଏବଂ ଜାତିସଂଘ ମଧ୍ୟରେ ସ୍ୱାକ୍ଷରିତ ଐତିହାସିକ ଚୁକ୍ତିକୁ ଆମେରିକାର ରାଷ୍ଟ୍ରପତି ବିଲ କ୍ଲିଣ୍ଟନ ଗ୍ରହଣ କରିଛନ୍ତି।
- ଉତ୍ତର ପ୍ରଦେଶର ବିବାଦୀୟ ରାଜ୍ୟପାଳ ରୋମେଶ ଭଣ୍ଡାରୀଙ୍କୁ ବହିଷ୍କାର ପାଇଁ ଆଲ୍ଲାହାବାଦ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଆଗତ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | | | 8 |
| 2 | | | | 4 | 8 | 9 | | |
| | | 8 | | | | 5 | 3 | |
| | | | | 9 | | | | 5 |
| | 4 | 1 | 2 | | | 7 | | |
| | 8 | | | | 3 | 4 | | |
| | | | | | | 2 | | |
| | 6 | | 1 | 8 | | | 5 | |
| | | 5 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 1 | 6 | 3 | 4 | 5 | 2 | 8 |
| 4 | 8 | 5 | 7 | 2 | 9 | 3 | 6 | 1 |
| 3 | 6 | 2 | 8 | 1 | 5 | 7 | 9 | 4 |
| 6 | 1 | 8 | 9 | 5 | 2 | 4 | 3 | 7 |
| 9 | 3 | 7 | 1 | 4 | 6 | 2 | 8 | 5 |
| 5 | 2 | 4 | 3 | 7 | 8 | 6 | 1 | 9 |
| 1 | 5 | 6 | 2 | 9 | 7 | 8 | 4 | 3 |
| 2 | 7 | 3 | 4 | 8 | 1 | 9 | 5 | 6 |
| 8 | 4 | 9 | 5 | 6 | 3 | 1 | 7 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଚାରରେ ଅଯଥା ବ୍ୟୟ

ମହାଶୟ,

ରାଜ୍ୟ ସରକାର ବିକାଶ ପାଇଁ ବିଭିନ୍ନ ଉନ୍ନତିମୂଳକ ଯୋଜନା ପ୍ରଣୟନ କରୁଛନ୍ତି ତନ୍ମଧ୍ୟରୁ କେତେକ ପ୍ରକଳ୍ପର କାର୍ଯ୍ୟ ସମାହିତ ହୋଇ କାର୍ଯ୍ୟକାରୀ ହେଉଛି, ଆଉ କିଛି ପ୍ରକଳ୍ପ ନିର୍ମାଣ ଅବସ୍ଥାରେ ଅଧାପନ୍ତରିଆ ରହିଯାଉଛି । ଏହାଦ୍ୱାରା ଲକ୍ଷ୍ୟ ପୂରଣ ନ ହୋଇ ରାଜ୍ୟ ପ୍ରଗତିରେ ବାଧା ସୃଷ୍ଟି ହେଉଛି। ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୌଣସି ପ୍ରକଳ୍ପ ନୂତନ ଭାବେ ଆରମ୍ଭ କାଳରେ ଶୁଭ ଉଦ୍‌ଘାଟନ ଉତ୍ସବ ପାଳିତ ହୁଏ । ପ୍ରକଳ୍ପଟି ପୂର୍ଣ୍ଣାଙ୍ଗ ହେବା ପରେ ଏହାର ଉଦ୍‌ଘାଟନ ଉତ୍ସବ ମନାଇବା କାର୍ଯ୍ୟ ମଧ୍ୟ ପାଳନ କରାଯାଏ। ଏହି ସବୁ ଉତ୍ସବ ବହୁ ଆଡମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଥାଏ । ଏଥିପାଇଁ ଅତିଥିମାନଙ୍କୁ ନିମନ୍ତ୍ରଣ ଓ ଅଭ୍ୟର୍ଥନା କରିବାର ବ୍ୟବସ୍ଥା ହୁଏ । ବାଜା ଓ ବାଣ ବ୍ୟବସ୍ଥା କରାଯାଏ। ଫୁଲ ଓ ରଙ୍ଗିନ ଆଲୋକମାଳାରେ ମଣ୍ଡପଟି ସଜାଯାଏ । ବାଉଁଶ ଓ କପଡା ଦ୍ୱାରା ମଣ୍ଡପ ଏବଂ ସୁନ୍ଦର ତୋରଣ ନିର୍ମାଣ କରାଯାଇ ପ୍ରକଳ୍ପ ସ୍ଥାନଟିକୁ ଆକର୍ଷଣୀୟ କରାଯାଏ । ମାଇକ ଶବ୍ଦରେ ସେ ସ୍ଥାନଟି ପ୍ରକମ୍ପିତ ହୋଇଥାଏ । ଲୋକମାନଙ୍କୁ ବିଭିନ୍ନ ସ୍ଥାନରୁ ଗାଡ଼ିରେ ଅଣାଯାଏ। ଉପରୋକ୍ତ ଉତ୍ସବ ପାଇଁ ରାଜକୋଷରୁ ବହୁ ଅର୍ଥ ବ୍ୟୟ ହୁଏ । ଉକ୍ତ ପରିପ୍ରେକ୍ଷୀରେ ନିରାଡ଼ମ୍ବର ପରିବେଶରେ ଉତ୍ସବ ମନାଇ ଅଯଥା ଖର୍ଚ୍ଚ ନ କରିବା ଉଚିତ । ବରଂ ଉକ୍ତ ଧନ ପ୍ରକଳ୍ପ କାର୍ଯ୍ୟରେ ଲାଗିଲେ ରାଜ୍ୟର ଅଧିକ ବିକାଶ ହୁଅନ୍ତା।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସ୍କନ୍ଧେ କର ଭିଡ଼ି ନିବିଡ଼େ
ତନୁରେ ତନୁ ବଜାଇ ଧୀରେ
ନ ଚାହିଁ ଫେରି ଯା'ନ୍ତି ଚଳି
କାନନ ପଥ ଛୁଇଁ,
ଜୀବିତ କରି ନିଦାଘ ବନଭୂଇଁ!
-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### କୋଟିଏ ୮୫ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ

**ଛେଣ୍ଡିପଦା, ୨୪।୨ (ନି.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ ଏକ ବ୍ୟାଙ୍କରୁ ୧ କୋଟି ୮୫ ଲକ୍ଷ ଟଙ୍କା ହଡପ ହୋଇଥିବା ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ୩ ଦିନ ହେବ ଉକ୍ତ ବ୍ୟାଙ୍କରେ ଅଡିଟ ଚାଲିଥିବା ବେଳେ ୧ କୋଟି ୮୫ ଲକ୍ଷ ୫୦ ହଜାର ଟଙ୍କାର ହିସାବ ମିଳି ନ ଥିଲା। ଏ ନେଇ ଅଡିଟର୍ ବ୍ୟାଙ୍କର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ବ୍ୟାଙ୍କର ରିଜିଓନାଲ ହେଡ୍ ଅତୁଲ୍ୟ କୁମାର ପାଇଯୋଶୀ ଛେଣ୍ଡିପଦା ଶାଖାକୁ ଆସି ଘଟଣାର ତଦନ୍ତ କରିବା ସହିତ ଏଥିରେ କର୍ମଚାରୀ ଆକାଶ ଭାରତୀଙ୍କ ସମ୍ପୃକ୍ତି ଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହିତ ସମ୍ପୃକ୍ତ କର୍ମଚାରୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଥାନା ଅଧିକାରୀ ଧୀରେନ କୁମାର ବେହେରା କହିଛନ୍ତି, ଡିପୋଜିଟ ପାଇଁ ଆସୁଥିବା ଟଙ୍କା ବ୍ୟାଙ୍କରେ ଜମା ନ କରି ସମ୍ପୃକ୍ତ କର୍ମଚାରୀ ତାହାକୁ ଆତ୍ମସାତ କରିଛନ୍ତି। ଏ ନେଇ ତଦନ୍ତ ଜାରି ରହିଛି। ପ୍ରମାଣ ମିଳିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପ୍ରାଣୀଧନ ଚିକିତ୍ସା ପ୍ରତି ଅବହେଳା

- ସ୍ଥାୟୀ ଚିକିତ୍ସକ ନିଯୁକ୍ତି ଦିଗରେ ଦୃଷ୍ଟି ଦିଆଯାଉନି
- ୧୦ ବର୍ଷ ହେଲା ସରୁନି ନୂଆ କୋଠା ନିର୍ମାଣ
- ଜରାଜୀର୍ଣ୍ଣ ଅବସ୍ଥାରେ ପୁରୁଣା କାର୍ଯ୍ୟାଳୟ


୧୦ ବର୍ଷ ହେଲା ନିର୍ମାଣାଧୀନ କୋଠା।

**ମାଧପୁର, ୨୪।୨**

ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସରକାର ପ୍ରାଣୀଧନ ପାଳନକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିପାଇଁ ଚାଷୀମାନଙ୍କୁ ବ୍ୟାଙ୍କ ଜରିଆରେ ଋଣ ସହାୟତା ଯୋଗାଇ ଦେଉଛନ୍ତି। ହେଲେ ସେହି ପ୍ରାଣୀଧନଙ୍କ ସ୍ୱାସ୍ଥ୍ୟର ଯତ୍ନ ଓ ସୁରକ୍ଷା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ବିଭିନ୍ନ ଅଞ୍ଚଳରେ ପ୍ରାଣୀଧନ ଚିକିତ୍ସାଳୟ ଥିଲେ ହେଁ କେଉଁଠି ଭିତ୍ତିଭୂମି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ତ ଆଉ କେଉଁଠି ଡାକ୍ତର, କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହେଉଛି। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକର ମାଧପୁର ପ୍ରାଣୀଧନ ଚିକିତ୍ସାଳୟ ଏହାର ଏକ ଉଦାହରଣ।

ମାଧପୁର ପ୍ରାଣୀଧନ ଚିକିତ୍ସାଳୟ ଉପରେ ପ୍ରାୟ ୬ ପଞ୍ଚାୟତର ଚାଷୀମାନେ ସେମାନଙ୍କ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। କିନ୍ତୁ ଏହି ଚିକିତ୍ସାଳୟ କୋଠା ଅବସ୍ଥା ଭଲ ନାହିଁ। ଛାତ ନଷ୍ଟ ହେବାକୁ ବସିଥିବା ବେଳେ ପରିମଳ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏଠାରେ ନିଯୁକ୍ତି ପାଇଥିବା ପ୍ରାଣୀଧନ ଚିକିତ୍ସକ ଅଧିକାଂଶ ସମୟ ଆଠମଲ୍ଲିକ କାର୍ଯ୍ୟାଳୟରେ ରହୁଥିବାରୁ ମାଧପୁରରେ ପ୍ରାଣୀଧାନଙ୍କ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି। ସେହିପରି ଦୀର୍ଘ ୧୦ ବର୍ଷ ହେଲା ଦଶଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ କୋଠା ନିର୍ମାଣ କରାଯାଇଥିଲେ ହେଁ ତାହା ଏଯାଏ ଅସମ୍ପୂର୍ଣ୍ଣ ରହିଛି। ଏପରିକି କବାଟ, ଝରକା ନଷ୍ଟ ହେବାକୁ ବସିଲାଣି। ନିମ୍ନମାନର କାର୍ଯ୍ୟ ଯୋଗୁ ଛାତରୁ ପାଣି ଗଳୁଥିବା ଅଭିଯୋଗ ହେଉଛି। ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ହୋଇ ନ ଥିବା ବେଳେ ଭଲ ରାସ୍ତା ନାହିଁ। ତେଣୁ ମାଧୁପର ପ୍ରାଣୀଧନ ଚିକିତ୍ସାଳୟରେ ଜଣେ ସ୍ଥାୟୀ ଚିକିତ୍ସକ ନିଯୁକ୍ତି ସହ ତୁରନ୍ତ ନୂଆ କାର୍ଯ୍ୟାଳୟ କାର୍ଯ୍ୟ ଶେଷ କରିବା ଓ ପୁରୁଣା କାର୍ଯ୍ୟାଳୟ କୋଠା ମରାମତି କରିବାକୁ ଚାଷୀମାନେ ଦାବି କରିଛନ୍ତି।

#### ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି



ଜିଲା ପରିଷଦ ବୈଠକରେ ଏ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ନୂଆ କୋଠା ନିର୍ମାଣ ଶେଷ ସହ ତାହାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଦାବି କରିଛି।

-ରଶ୍ମିରେଖା ମାହାର, ଜିଲା ପରିଷଦ ସଦସ୍ୟା

#### ବିଡିଓଙ୍କୁ ଚିଠି କରାଯାଇଛି



ଆଠମଲ୍ଲିକରେ ବିଭିନ୍ନ ସରକାରୀ କାର୍ଯ୍ୟ ରହୁଥିବାରୁ ସେଠାରେ ରହିବାକୁ ପଡୁଛି। ମାଧପୁରରେ ରହିବାର କୌଣସି ବ୍ୟବସ୍ଥା ନାହିଁ। ଡାକ୍ତରଖାନା ଅବସ୍ଥା ମଧ ଭଲ ନାହିଁ। ନିର୍ମାଣାଧୀନ କୋଠା ସମ୍ପର୍କରେ ବିଡିଓଙ୍କୁ ଚିଠି ମାଧମରେ ଅବଗତ କରାଯାଇଛି।

-ଡାକ୍ତର ସରିତା ବେହେରା, ପ୍ରାଣୀଧନ ଚିକିତ୍ସକ

#### ନୂଆ କୋଠା ବ୍ଲକ ଅଧୀନକୁ ଆସିଛି



ପୂର୍ବରୁ ନିର୍ମାଣାଧୀନ କୋଠା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିଲା। ଚଳିତବର୍ଷ ଏହା ବ୍ଲକ ଅଧୀନକୁ ଆସିଛି। କିନ୍ତୁ ଏ ସଂକ୍ରାନ୍ତରେ ବିଭାଗ ତରଫରୁ ଅବଗତ କରାଯାଇ ନାହିଁ।

-ସୌଭାଗ୍ୟ ବେହେରା, ବିଡିଓ, ଆଠମଲ୍ଲିକ

## ଶତ ପ୍ରତିଶତ ଏଚ୍ଆଇଭି ପରୀକ୍ଷା ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୨୪।୨**

ଅନୁଗୋଳ ଜିଲା ଏଡ୍ସ ନିୟନ୍ତ୍ରଣ ଏବଂ ପ୍ରତିରୋଧ କମିଟି ବୈଠକ ଗୁରୁବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗର୍ଭବତୀଙ୍କ ପ୍ରଥମ ତିନିମାସ ମଧ୍ୟରେ ଶତ ପ୍ରତିଶତ ଏଚ୍ଆଇଭି ପରୀକ୍ଷା ଓ ମଙ୍ଗଳବାର, ଶୁକ୍ରବାର ହେଉଥିବା ମମତା ଦିବସ କାର୍ଯ୍ୟକ୍ରମର ଆଇସିଟିସି କାଉନସେଲରମାନେ ଠିକ୍ ଭାବେ ତଦାରଖ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ନୋଡାଲ ଅଫିସର ମାଧ୍ୟମରେ ୧୯୦୭ ଟୋଲ ଫ୍ରି ନମ୍ବର ଜରିଆରେ ସେହି ଅନୁଷ୍ଠାନଗୁଡ଼ିକ ଏଚଆଇଭି ଏଡ୍ସ ସମ୍ପର୍କିତ ତଥ୍ୟ ପାଇପାରିବେ। ପ୍ରତ୍ୟେକ ମାସରେ କେତେ ପ୍ରଶ୍ନକର୍ତ୍ତାଙ୍କ ଉତ୍ତର ଦିଆଗଲା ତାହାର ଏକ ବିବରଣୀ ରଖିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଜିଲା ଏଡ୍ସ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ବିଶ୍ୱ ବିହାରୀ ମହାନ୍ତି, ଏଡିଏମ୍ଓ (ପରିବାର କଲ୍ୟାଣ) ଡାକ୍ତର ଦିଲୀପ କୁମାର ପଟ୍ଟନାୟକ, ଏଡ୍ସ ପ୍ରତିକାର ଓ ନିୟନ୍ତ୍ରଣ ୟୁନିଟ୍ ଅଧିକାରୀ ଡାକ୍ତର ପ୍ରମିଳା ହୋତା, ଡିପିଏମ୍ ଦୀପକ ପଟ୍ଟନାୟକ, ଜେଏସ୍‌ପିଏଲ ଓ ମହାନଦୀ କୋଇଲା ଖଣି କର୍ତ୍ତୃପକ୍ଷ, ସାମାଜିକ ସଙ୍ଗଠନ କର୍ମକର୍ତ୍ତାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଆରଟି ସେଣ୍ଟରର ସିନିୟର ମେଡିକାଲ ଅଫିସର ଡାକ୍ତର ଶାଶ୍ୱତ ସାଗର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ତଦନ୍ତ ବାଟବଣା କରୁଛନ୍ତି ରାଜ୍ୟ ସରକାର

### ଭାଜପା ଜିଲା ସଙ୍ଗଠନ ସମୀକ୍ଷା ବୈଠକରେ ଅଭିଯୋଗ

**ଅନୁଗୋଳ ଅଫିସ, ୨୪।୨**

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ସଙ୍ଗଠନର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପ୍ରବାସ ଯୋଜନାର ପର୍ଯ୍ୟବେକ୍ଷକ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଥିବା କହିବା ସହ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କ ହତ୍ୟା ଘଟଣାରେ ସରକାର ତଦନ୍ତକୁ ବାଟବଣା କରୁଥିବା ଅଭିଯୋଗ କରିଥିଲେ। ଜିଲା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଯୋଗଦେଇ ସାଙ୍ଗଠନିକ ସମୀକ୍ଷା ଓ ଆଲୋଚନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ପ୍ରଧାନ, ଅଗସ୍ତି ବେହେରା, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲାର ସମସ୍ତ ପଦାଧିକାରୀ, ମଣ୍ଡଳ ସଭାପତି, ପ୍ରଭାରୀ, ଜିଲା ମୋର୍ଚ୍ଚା ସଭାପତିଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



ଭାଜପା ସାଙ୍ଗଠନିକ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ଶୃଙ୍ଖଳିତ ଦୋଳଯାତ୍ରା ନିଷ୍ପତ୍ତି

**ଆଠମଲ୍ଲିକ, ୨୪।୨ (ଡି.ଏନ.ଏ.)**

ଆଠମଲ୍ଲିକ ଅଞ୍ଚଳର ଇଷ୍ଟଦେବୀ ମା ମାହେଶ୍ୱରୀଙ୍କ ଦୋଳଯାତ୍ରା ମାର୍ଚ୍ଚ ୭ ତାରିଖରେ ପାଳନ କରାଯିବ। ଏହାକୁ ଶୃଙ୍ଖଳିତ କରିବାକୁ ଦେବୋତ୍ତର କମିଟି ପକ୍ଷରୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ତହସିଲ ସଭାଗୃହରେ ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ତହସିଲଦାର ଯଶୋବନ୍ତି ଦେହୁରୀ, ସହକାରୀ ଜିଲାପାଳ କୁଳମଣି ଦଳେଇ, ଆଇଆଇସି ନିରୋଦ କୁମାର ଦାସ, ଏନ୍.ଏ.ସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ବିଧାୟକଙ୍କ ପ୍ରତିନିଧି ନିରଞ୍ଜନ ରଣା, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଦେବୋତ୍ତର କମିଟି ସଭ୍ୟ ପୀତବାସ ସାହୁ, ସୁଶାନ୍ତ କୁମାର ମହାପାତ୍ର, ଅଞ୍ଜନ ପ୍ରଧାନ, ଦେବୋତ୍ତର ସହାୟକ ନଗେନ ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ରାତି ୯ଟା ୩୦ରେ ମନ୍ଦିରରୁ ମା' ମାହେଶ୍ୱରୀଙ୍କୁ ରୁପା ପାଲିଙ୍କିରେ ବସାଇ ବିରାଟ ପାଟୁଆରେ ସହର ପରିକ୍ରମା କରି ଦୋଳମଣ୍ଡପକୁ ନିଆଯିବ ବୋଲି ସ୍ଥିର ହୋଇଥିଲା। ତହସିଲଦାର ଦେହୁରୀ ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

# ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

**ଅନୁଗୋଳ ଅଫିସ, ୨୪।୨**

ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟର ଦୁଇ ଦିନିଆ କର୍ମଶାଳା ପାଲଲହଡା ଜିତା ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଇଡା, ପେଚାମୁଣ୍ଡି, ବନ୍ଧାଭୂଇଁ, ନିଜିଗଡ଼, ଈଶ୍ୱରନଗର ଏବଂ ସିଗଡ଼ ଆଦି ପଞ୍ଚାୟତରୁ ମହିଳା ସଙ୍ଗଠନମାନେ ଏଥିରେ ଯୋଗଦାନ କରିବା ସହ ମାଣ୍ଡିଆ, ଗଙ୍ଗେଇ, ସୁଆଁ, କାଙ୍ଗୁ ଆଦି ଲଘୁ ଶସ୍ୟରୁ, ମାଣ୍ଡିଆ ଖିରି, ଲଡୁ, ବରା, ପକୁଡି, ସର୍ବତ, ସ୍ନାକ୍ସ, ଦହିବରା, କାକରା, ଆରିଶା ଆଦି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ପରିବେଷଣ ସହ ପ୍ରସ୍ତୁତ ପ୍ରଣାଳୀ ଉପସ୍ଥାପନ କରିଥିଲେ। ପ୍ରଥମ ଦିନରେ ତହସିଲଦାର ଲମ୍ବୋଦର ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଓଡ଼ିଶା ମିଲେଟ ମିଶନ ଦ୍ୱାରା ମାଣ୍ଡିଆର ଉପକାରିତା ଏବଂ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟର ଚାହିଦା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ତିମ ଦିବସରେ ଅମୁଲ୍ୟ ଚୌଧୁରୀ, ବ୍ଲକ କୃଷି ଅଧିକାରୀ, ସରପଞ୍ଚ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ରୋଗ ପ୍ରତିରୋଧକ ଶକ୍ତି ବଢାଉଥିବା ପ୍ରକାଶ କରିଥିଲେ। ଏହାକୁ କିପରି ଅଧିକ ଲୋକାଭିମୁଖୀ କରାଯାଇ ପାରିବ ସେ ସମ୍ପର୍କରେ ଜିତାର ବ୍ଲକ କୋଅର୍ଡିନେଟର ଶ୍ରଦ୍ଧାଞ୍ଜଳି ସାହୁ ତାଲିମ ଦେଇଥିଲେ। ଜିତା ସମ୍ପାଦିକା ଅନୁପମା ରାଉତ ଯୋଗଦେଇ ସଭା ପରିଚାଳନା କରିବା ସହ ମାଣ୍ଡିଆର ଉପକାରିତା ସମ୍ପର୍କରେ ମତାମତ ଦେଇଥିଲେ। ଜିତାର କର୍ମୀ ସନ୍ତୋଷ ପ୍ରଧାନ, ମନ୍ଦୋଦରୀ ସାହୁ, ଝୁନୁଲତା ମହାନ୍ତି, ଗୋଲେଖ ବାରିକ, ପଦ୍ମାବତୀ ବାରିକ, କାଜଲ ପ୍ରଧାନ, ସୌମ୍ୟ ମହାନ୍ତି, ଏକଲବ୍ୟ ମାଟିଆରୀ, କୋଷାଧ୍ୟକ୍ଷା ଅନିତା ମାଟିଆରୀ ପ୍ରମୁଖ ସହଯୋଗ କରିଥିଲେ।

# କୋଲ୍ ୱାସେରି ସ୍ଥାନାନ୍ତର ଦାବିକୁ ସମର୍ଥନ


ଘଣ୍ଟପଡ଼ା ପଞ୍ଚାୟତବାସୀ ଆନ୍ଦୋଳନ କରୁଛନ୍ତି।

**ତାଳଚେର, ୨୪।୨ (ନି.ପ୍ର.)**

ତାଳଚେର ବ୍ଲକ ଘଣ୍ଟପଡ଼ା ପଞ୍ଚାୟତରେ ଥିବା ଗ୍ଲୋବାଲ କୋଲ ୱାସେରିକୁ ସ୍ଥାନାନ୍ତର ପାଇଁ ଘଣ୍ଟପଡ଼ା ପଞ୍ଚାୟତବାସୀ ଆନ୍ଦୋଳନ ଚଳାଇଥିବା ବେଳେ ଏହାକୁ ତେଣ୍ଟୁଲୋଇ ପଞ୍ଚାୟତବାସୀ ସମର୍ଥନ ଦେଇଛନ୍ତି। ପଞ୍ଚାୟତ ପକ୍ଷରୁ ଏ ନେଇ ଏକ ଦାବିପତ୍ର ତାଳଚେର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଏହି କୋଲ୍ ୱାସେରି ପ୍ଲାଣ୍ଟ ଯୋଗୁ ସ୍ଥାନୀୟ ଅଞ୍ଚଳ ଧୂଳିଧୂଆଁରେ ପରିପୂର୍ଣ୍ଣ ହୋଇଯାଉଛି। ପରିବେଶ ପ୍ରଦୂଷିତ ହେଉଛି। କୋଇଲା ବୋଝେଇ ଟ୍ରକ୍ ଚଳାଚଳ ଦ୍ୱାରା ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ୱାସେରିକୁ ତୁରନ୍ତ ଜଗନ୍ନାଥ ମାଇନ୍ସକୁ ସ୍ଥାନାନ୍ତର କରାଯାଉ। ଏଥିସହ ସରକାରୀ ନିୟମ ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ୯୦ ପ୍ରତିଶତ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ। କମ୍ପାନୀରେ କାର୍ଯ୍ୟରତ ଅଞ୍ଚଳର ଲୋକଙ୍କୁ ସ୍ଥାୟୀ କରାଯାଉ। ପର୍ଯ୍ୟାପ୍ତ ପରିମାଣରେ ଚାରା ରୋପଣ କରାଯାଉ। ୱାସେରି ନିକଟରେ ଥିବା ସ୍କୁଲର ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉ। କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ଇପିଏଫ୍ ପ୍ରଦାନ କରାଯାଉ। ଲୋକଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଗୁଡ଼, କଦଳୀ ପ୍ରଦାନ କରାଯାଉ। କୋଇଲା ପରିବହନରେ ସ୍ଥାନୀୟ ଲୋକଙ୍କୁ ସୁଯୋଗ ଦିଆଯାଉ। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ତେଣ୍ଟୁଲୋଇ ପଞ୍ଚାୟତ ପକ୍ଷରୁ ସରପଞ୍ଚ ସୁରେଶ ଚନ୍ଦ୍ର ବେହେରା ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2023008, ତା.22.02.2023ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାଜଆଠଗଡ଼-2x85 କି.ମି. ମାର୍ଗରେ ବୁଢ଼ାପଙ୍କ-ସାଳଗାଁ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ପରିସୀମା ଅଧୀନସ୍ଥ ବିଭିନ୍ନ ନିର୍ମାଣ ସ୍ଥଳ/ସେକ୍ସନଗୁଡ଼ିକ ଠାରେ ପ୍ରକଳ୍ପ ନିରୀକ୍ଷଣ ସେବା (PSS) ପ୍ରଦାନ ନିମନ୍ତେ ପ୍ରକଳ୍ପ ନିରୀକ୍ଷଣ ସେବା ଏଜେନ୍ସି (PSSA)ଙ୍କ ନିଯୁକ୍ତି ନିମନ୍ତେ ପ୍ରସ୍ତାବ ପାଇଁ ଅନୁରୋଧ (RFP)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 375.81 ଲକ୍ଷ
EMD (ଟଙ୍କାରେ): 3,37,900/-
କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.03.2023 ରିଖ 1200 ଘଣ୍ଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-174/CF/22-23

झारखण्ड सरकार
ग्रामीण कार्य विभाग, मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक–　　दिनांक–
**निविदा स्थगित संबंधित सूचना**
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, **जमशेदपुर** के निविदा आमंत्रण संख्या– **253/2022-23/RWD/JAMSHEDPUR,** दिनांक– 04.02.2023, **PR NO.- 289280** के द्वारा प्रकाशित निविदा में आईडेन्टीफिकेशन संख्या– **RWD/JAMSHEDPUR/26/SRPKG-02/2022-23** एवं **RWD/JAMSHEDPUR/27/SRPKG-03/2022-23** द्वारा निविदा को अपरिहार्य कारणवश स्थगित किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 291150 (Rural Work Department) 22-23 (D)

कार्यपालक अभियंता का कार्यालय
पेयजल एवं स्वच्छता प्रमंडल,झुमरीतिलैया
**सूचना**
इस कार्यालय के निविदा संख्या 29/JMT/2022-23, पीआर नं0 **290525** के द्वारा Proposed Construction of Guest House (IB) at Urwan near old IB Jhumritelaiya से संबंधित प्रकाशित निविदा को अपरिहार्य कारणवश रद्द किया जाता है।
(ई0 चन्द्रशेखर)
कार्यपालक अभियंता,
पेयजल एवं स्वच्छता प्रमंडल,
झुमरीतिलैया
PR 291202 Drinking Water and Sanitation(22-23).D

**ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୩-୧୨/୧୩/୧୪/୧୫ ତାରିଖ: ୨୩।୦୨।୨୦୨୩
ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ: ୦୨ (ଦୁଇ)** ବର୍ଷ ଅବଧି ପାଇଁ **https://www.ireps.gov.in/website**ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ଗୁଡ଼ିକର ଲିଜିଂ।
(୧) ବର୍ଗ: ପାର୍ସଲ। କାଟାଲଗ୍ ନଂ.: ଲିଜ୍–କେଜିପି–୨୩–୧୨। ନିଲାମ ତାରିଖ: ୨୮।୦୨।୨୦୨୩। ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା। ନିଲାମ ସମାପ୍ତିର ସମୟ: ୧୭.୧୦ ଘଟିକା।
(୨) ବର୍ଗ: ପାର୍ସଲ। କାଟାଲଗ୍ ନଂ.: ଲିଜ୍–କେଜିପି–୨୩–୧୩। ନିଲାମ ତାରିଖ: ୦୩।୦୩।୨୦୨୩। ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା। ନିଲାମ ସମାପ୍ତିର ସମୟ: ୧୩.୦୦ ଘଟିକା।
(୩) ବର୍ଗ: ପାର୍ସଲ। କାଟାଲଗ୍ ନଂ.: ଲିଜ୍–କେଜିପି–୨୩–୧୪। ନିଲାମ ତାରିଖ: ୦୯।୦୩।୨୦୨୩। ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା। ନିଲାମ ସମାପ୍ତିର ସମୟ: ୧୩.୨୦ ଘଟିକା।
(୪) ବର୍ଗ: ପାର୍ସଲ। କାଟାଲଗ୍ ନଂ.: ଲିଜ୍–କେଜିପି–୨୩–୧୫। ନିଲାମ ତାରିଖ: ୧୦।୦୩।୨୦୨୩। ନିଲାମ ଆରମ୍ଭ ସମୟ: ୧୦.୦୦ ଘଟିକା। ନିଲାମ ସମାପ୍ତିର ସମୟ: ୧୪.୫୦ ଘଟିକା।
ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
**ସ୍ଥାନ: ଖଡ଼ଗପୁର　　ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର,**
**ତାରିଖ: ୨୩।୦୨।୨୦୨୩　　ଖଡ଼ଗପୁର**
ଦକ୍ଷିଣ ପୂର୍ବ ରେଳପଥ (PR-1154)
ଆମେ ହର୍ଷର ସହ ସେବା କରୁ

See Career Appointment on every Wednesday & Saturday

**ଆଗ୍ରହର ଅଭିବ୍ୟକ୍ତି (ଇଓଆଇ)**
**ବାଙ୍ଗିରିପୋଷି, ଓଡ଼ିଶାଠାରେ ଆଂଶିକ ଭାବେ ରେଳପଥ ଏବଂ ଅଣ-ରେଳପଥ ଜମିରେ ଗତି ଶକ୍ତି ମଲ୍ଟି ମୋଡାଲ କାର୍ଗୋ ଟର୍ମିନାଲ (ଜିସିଟି)ର ନିର୍ମାଣ ନିମନ୍ତେ**
ନଂ. ସିଓଏମ୍/ଜି.୨୭/ଜିସିଟି/ବିଜିୱାଇ　　ତାରିଖ: ୨୦।୦୨।୨୦୨୩
• **ଆବେଦନକାରୀଙ୍କ ବର୍ଗ:** ବ୍ୟକ୍ତିବିଶେଷ/ଏକକ ସ୍ୱତ୍ୱାଧିକାର ସଂସ୍ଥା, ହିନ୍ଦୁ ଅବିଭାଜିତ ପରିବାର (ଏଚ୍‌ୟୁଏଫ୍), ଭାଗୀଦାରି ପ୍ରତିଷ୍ଠାନ, କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ ପଞ୍ଜୀକୃତ କମ୍ପାନୀ, ସୀମିତ ଉତ୍ତରଦାୟିତା ଭାଗୀଦାରି (ଏଲ୍ଏଲ୍‌ପି), ପଞ୍ଜୀକୃତ ସୋସାଇଟି/ପଞ୍ଜୀକୃତ ନ୍ୟାସ, ଯୌଥ ଉଦ୍ୟୋଗ (ଜେଭି)/କନ୍‌ସୋର୍ଟିୟମ୍, ସରକାରୀ/ଅର୍ଦ୍ଧ–ସରକାରୀ ଏଜେନ୍ସି ଏବଂ ରାଜ୍ୟ/କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବୈଧାନିକ ନିକାଶ (ବିକାଶ କର୍ତ୍ତୃପକ୍ଷ ଏବଂ ପୌର ନିକାଶ ସମେତ)। • **ଇଓଆଇର ବିବରଣୀ:** ଅପ୍‌ଲୋଡ୍ ହୋଇସାରିଛି: **www.ser.indianrailways.gov.in** • **ଯୋଗ୍ୟତା:** ବିନିର୍ମାଣ, ପରିବହନ କିମ୍ବା ଲଜିଷ୍ଟିକ୍ସ ଏବଂ ତତ୍–ସମ୍ପର୍କିତ ବ୍ୟବସାୟରେ ଅତି କମ୍‌ରେ ଦୁଇ ବର୍ଷର ଅଭିଜ୍ଞତା। ନେଟ୍ ସମ୍ପତ୍ତି ନିର୍ମାଣର ଅଟକଳ ପରିବ୍ୟୟ ଅତିକମ୍‌ରେ ୫୦% ହୋଇଥିବା ଆବଶ୍ୟକ। • **ସ୍ଥାନ:** ବାଙ୍ଗିରିପୋଷି ରେଳ ଷ୍ଟେଶନ/ଡେଡ୍ ଏଣ୍ଡ ପାର୍ଶ୍ୱବର୍ତ୍ତୀ ଖାଲି ଅନାବଶ୍ୟକ ରେଳପଥ ଜମି ଏବଂ ପ୍ରସ୍ତାବିତ ସାଇଟ୍‌ର ପାର୍ଶ୍ୱବର୍ତ୍ତୀ ତଥା ସଂଲଗ୍ନ ପର୍ଯ୍ୟାପ୍ତ ଅଣ–ରେଳପଥ ଜମି। • **କାର୍ଯ୍ୟର ପରିସର:** ପକ୍ଷ/ପ୍ରତିଷ୍ଠାନ (ଯାହାଙ୍କୁ ଗତି ଶକ୍ତି ମଲ୍ଟି ମୋଡାଲ କାର୍ଗୋ ଅପରେଟର/ଜିସିଟିଓ କୁହାଯିବ)ଙ୍କୁ ଆଂଶିକ ଭାବେ ରେଳପଥ ଜମିରେ ଏବଂ ଆଂଶିକ ଭାବେ ପ୍ରସ୍ତାବିତ ରେଳପଥ ଜମି ପାର୍ସଲ ସହିତ ସଂଲଗ୍ନ ପର୍ଯ୍ୟାପ୍ତ ଆକାରର ଅଣ–ରେଳପଥ ଜମିରେ ଏକ ନୂଆ ଗତି ଶକ୍ତି କାର୍ଗୋ ଟର୍ମିନାଲ ନିର୍ମାଣ ତଥା ବିକଶିତ କରିବାକୁ ହେବ। ସଂଯୋଗ ପାଇଁ ଉଦ୍ଦିଷ୍ଟ ଅଂଶକୁ ଛାଡ଼ି, ରେଳପଥ ଜମି ପାଇଁ ବାର୍ଷିକ ଜମି ଲାଇସେନ୍ସ ଦେୟ ରେଳପଥର ବଳବତ୍ତର ଜମି ନୀତି ଅନୁଯାୟୀ ପ୍ରଯୁଜ୍ୟ ହେବ, ଅନ୍ୟପକ୍ଷରେ ଅଣ–ରେଳପଥ ଜମି କ୍ଷେତ୍ରରେ, ଆଗ୍ରହୀ ପକ୍ଷମାନଙ୍କୁ ମାଲିକାନା, ପ୍ରକୃତ ଜମି ମାଲିକଙ୍କଠାରୁ ଲିଜ୍ ମାଧ୍ୟମରେ କିମ୍ବା ସମ୍ମତି–ପତ୍ର ମାଧ୍ୟମରେ ଅଣ–ରେଳପଥ ଜମିର ଅଧିକାର ହାସଲ କରିବାକୁ ହେବ। ପ୍ରସ୍ତାବିତ ଟର୍ମିନାଲ ପାଇଁ ସର୍ବାଧିକ କେତେ ପରିମାଣର ରେଳପଥ ଜମି ଏବଂ/କିମ୍ବା ଅଣ–ରେଳପଥ ଜମି ଆବଶ୍ୟକ ତଥା ପ୍ରାସଙ୍ଗିକ ହେବ ସେ ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ ଜିସିଟିଓମାନେ ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନ ରହିବେ। ଏପରି ପ୍ରସ୍ତାବିତ ଟର୍ମିନାଲ ପାଇଁ ରୈଖିକ ସଂଯୋଗ ନିମନ୍ତେ ଆବଶ୍ୟକ ଅଣ–ରେଳପଥ ଜମିକୁ ଆବେଦନକାରୀଙ୍କ ବିଶେଷ ଅନୁରୋଧକ୍ରମେ ଆବେଦନକାରୀ/ଜିସିଟିଓଙ୍କ ଖର୍ଚ୍ଚରେ ରେଳପଥ ପ୍ରଶାସନ ଦ୍ୱାରା ଅଧିଗ୍ରହଣ କରାଯାଇପାରେ। ଜିସିଟିଓ ସାଇଡିଂ/ସାଇଡିଂଗୁଡ଼ିକ ସମେତ ନ୍ୟୁନତମ ଅତ୍ୟାବଶ୍ୟକ ଭିତ୍ତିଭୂମିଗତ ସୁବିଧା ଯେପରିକି ଟ୍ରାକ୍, ସିଗ୍ନାଲିଂ, ଓଏଚ୍ଇ ଇତ୍ୟାଦି ସହିତ ପୂର୍ଣ୍ଣ ଦୈର୍ଘ୍ୟ ଲୋଡିଂ/ଅନ୍‌ଲୋଡିଂ ଲାଇନ୍, ହ୍ୱାର୍ଫ, ଶେଡ୍, ଆପ୍ରୋଚ୍ ରୋଡ୍ ସଂଯୋଗ ଏବଂ ବିଭିନ୍ନ ମୂଲ୍ୟ ସମ୍ବର୍ଦ୍ଧିତ ସେବା ତଥା ଅନ୍ୟାନ୍ୟ ସମ୍ବନ୍ଧୀୟ ଟ୍ରାଫିକ୍ ସୁବିଧା ଓ ଭିତ୍ତିଭୂମି ଯେପରିକି ପଣ୍ୟାଗାର, ପ୍ରକ୍ରିୟାକରଣ, ପ୍ୟାକେଜିଂ, ପାର୍କିଂ ଏରିଆ ଇତ୍ୟାଦି ପକ୍ଷ/ଜିସିଟିଓଙ୍କ ଖର୍ଚ୍ଚରେ ନିର୍ମାଣ ଏବଂ ବିକଶିତ କରିବେ। ସୁବିଧା ଏବଂ ଭିତ୍ତିଭୂମି ସମେତ ସଂଯୋଗ ଅଂଶ ରେଳପଥର ବିଦ୍ୟମାନ ଚଳାଚଳ ଉପରେ ପ୍ରତିକୂଳ ପ୍ରଭାବ ପକାଉ ନ ଥିବା ଆବଶ୍ୟକ। • **ଚୁକ୍ତିର ଅବଧି: ୩୫ ବର୍ଷ।** • **ଲାଭ:** ପକ୍ଷ ଟେଣ୍ଡରିଂ ମାଧ୍ୟମରେ ମନୋନୟନ ସମୟରେ ସେମାନେ କୋଟ୍ କରିଥିବା ବିଡ୍ ଅନୁଯାୟୀ ଟର୍ମିନାଲରେ ଯା'ଆସ କରୁଥିବା ସମସ୍ତ ଅନ୍ତର୍ଗାମୀ ଓ ବହିର୍ଗାମୀ ରେକ୍‌ର ଟର୍ମିନାଲ୍ ଶୁଳ୍କ ତଥା ଟର୍ମିନାଲ୍ ଆକ୍ସେସ୍ ଶୁଳ୍କରେ ଭାଗକୁ ଉପଭୋଗ କରିବେ। • **ଅନ୍ୟ ବ୍ୟବସାୟର ପରିସର:** ଜିସିଟିଓଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ମୂଲ୍ୟ ସମ୍ବର୍ଦ୍ଧିତ ସେବା ନିମନ୍ତେ ୟୁଜର ଚାର୍ଜ/ଦେୟରେ ରେଳପଥ କୌଣସି ହସ୍ତକ୍ଷେପ କରିବ ନାହିଁ। • **ମନୋନୟନ ପଦ୍ଧତି:** ପକ୍ଷ/ଏଜେନ୍ସିର ମନୋନୟନ ଦୁଇ ପ୍ୟାକେଟ୍ ଏକକ ପର୍ଯ୍ୟାୟ ପ୍ରଣାଳୀ ଅଧୀନରେ ଏକ ସ୍ୱଚ୍ଛ ମୁକ୍ତ ଏବଂ ପ୍ରତିଯୋଗିତାମୂଳକ ଟେଣ୍ଡରିଂ ମାଧ୍ୟମରେ କରାଯିବ। • **ରେଳପଥ ପରିଷଦର ନୀତି ପାଇଁ:** ନୀତିର ଅଧିକ ବିବରଣୀ ପାଇଁ, "ଗତି ଶକ୍ତି ମଲ୍ଟି–ମୋଡାଲ କାର୍ଗୋ ଟର୍ମିନାଲ୍ (ଜିସିଟି)–୨୦୨୨ ତାରିଖ ୦୬।୧୨।୨୦୨୨ ଉପରେ **www.indianrailways.gov.in**ରେ ଉପଲବ୍ଧ ରେଳପଥ ପରିଷଦର ମାଷ୍ଟର ସର୍କୁଲାର ଦେଖାଯାଇପାରେ। • **ଦାଖଲର ଶେଷ ତାରିଖ: ତା୨୦।୦୩।୨୦୨୩ରିଖ ମଧ୍ୟରେ। ତା୨୦।୦୩।୨୦୨୩ରିଖ ପରେ କୌଣସି ଅଫରକୁ ଗ୍ରହଣ କରାଯିବ ନାହିଁ।** • **ଇଓଆଇ ଦାଖଲ:** ବ୍ୟକ୍ତିଗତ ପ୍ରସ୍ତାବ ସମେତ ବିବରଣୀ ୱେବ୍‌ସାଇଟ୍: **www.ser.indianrailways.gov.in**ରେ ଅପ୍‌ଲୋଡ୍ ହୋଇସାରିଛି, ଯାହାକୁ ଏକ ଜଉମୁଦଦିଆ ଲଫାପାରେ **ତା୨୦।୦୩।୨୦୨୩ରିଖ ମଧ୍ୟରେ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନଜରଙ୍କ କାର୍ଯ୍ୟାଳୟ, ଡିଆର୍ଏମ୍ ବିଲ୍ଡିଂ, ପୋଷ୍ଟ ଓ ଥାନା: ଖଡ଼ଗପୁର, ଜିଲ୍ଲା: ପଶ୍ଚିମ ମେଦିନାପୁର, ପିନ୍–୭୨୧୩୦୧**ରେ ଦାଖଲ କରାଯାଇପାରିବ। • **ଅନ୍ୟ କୌଣସି ଅନୁସନ୍ଧାନ ପାଇଁ: ଫ୍ରେଟ୍ ସେଲ୍/ଖଡ଼ଗପୁର ଡିଭିଜନ ସହିତ ମୋବାଇଲ ନଂ.୯୦୦୨୦୮୧୯୫୦/୯୦୦୨୦୮୧୯୧୬**ରେ କେବଳ କାର୍ଯ୍ୟାଳୟ ନିର୍ଘଣ୍ଟ ସମୟରେ ଯୋଗାଯୋଗ କରନ୍ତୁ। ଅଫର ଦାଖଲ କରିବା ପୂର୍ବରୁ ସ୍ଥାନ, ନୀତି ମାର୍ଗଦର୍ଶିକା ଏବଂ ୱେବ୍‌ସାଇଟ୍: **www.ser.indianrailways.gov.in** ପରିଦର୍ଶନ କରିବା ଲାଗି ଆଗ୍ରହୀ ପକ୍ଷମାନଙ୍କୁ ଅନୁରୋଧ କରାଯାଉଛି। ***ଇଓଆଇ ଦାଖଲ ଯାଞ୍ଚ/ମନୋନୟନ/କାର୍ଯ୍ୟ/ପ୍ରକଳ୍ପ ପ୍ରଦାନର କୌଣସି ଅଧିକାର କିମ୍ବା ବାଧ୍ୟତାକୁ ଆକର୍ଷିତ କରି ନ ଥାଏ।***
(PR-1157)　　ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

## ସଂକ୍ଷେପରେ

### ମିନାବଜାର ପୂଜା ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ପାଳିତ

**ଢେଙ୍କାନାଳ ଅଫିସ,୨୪।୨:** ଢେଙ୍କାନାଳର ଶ୍ରୀଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମିନାବଜାରର ବାର୍ଷିକ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା, ଯଜ୍ଞ, ପଣା ଭୋଗ ଓ ୧୦୮ ଆଳତି ପାରମ୍ପରିକ ନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ଲାଗି ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ପୂଜକ ନରୋତ୍ତମ ଦାସ, ଶୁଭେନ୍ଦୁ ନନ୍ଦ ପୂଜାକାର୍ଯ୍ୟ କରିଥିବାବେଳେ ନରେନ୍ଦ୍ର ସାହୁ, ଗଣେଶ ବାରିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜା ପ୍ରତିଷ୍ଠାନ ଟ୍ରଷ୍ଟ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ପୂଜା କମିଟି ସଭାପତି ରବିନାରାୟଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ନିରୋଦ ସାହୁ, ଟ୍ରଷ୍ଟି ପ୍ରଫୁଲ୍ଲ ବେହେରା, ପୂଜା କମିଟି ସମ୍ପାଦକ ପୀତବାସ ସାହୁ, କୋଷାଧ୍ୟକ୍ଷ ଦିଲୀପ ସାହୁ, ବୀରବର ସାହୁ, ଦୟାନିଧି ବେହେରା, ଉଦୟନାଥ ବେହେରା, ଶ୍ରୀକାନ୍ତ ମହାପାତ୍ର, ବେଣୁଧର ସାହୁ, ରବିନାରାୟଣ ପଟ୍ଟନାୟକ, ପ୍ରଦୀପ ସାହୁ, ସଦାନନ୍ଦ ସାହୁ, ସୁଧାଂଶୁ ସାହୁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟସେବା ସ୍ଥିତି ସଙ୍ଗିନ

- ଢେଙ୍କାନାଳ ଜିଲା ଚିକିତ୍ସାଳୟ
- ଅବ୍ୟବସ୍ଥା ଧରିଲା ମିଳିତ ଟିମ୍
- ୫୨ ସ୍ଥାନରେ ଅଛନ୍ତି ୨୭ ଡାକ୍ତର
- ୮ଟା ପୂର୍ବରୁ କାହାରି ଦେଖାମିଳୁନାହିଁ

**ଢେଙ୍କାନାଳ ଅଫିସ, ୨୪।୨**



ମିଳିତ ଟିମ୍ ପକ୍ଷରୁ ସିଡିଏମ୍ଓଙ୍କୁ ଘେରାଉ କରାଯାଇଛି।

ସାତ ମହଲା କୋଠା। ଖର୍ଚ୍ଚ ହୋଇଛି ୫୦ କୋଟି ଟଙ୍କା। ତଳେ ଛିଡ଼ା ହୋଇ ଦେଖିଲେ ଆଖି ପାଉନାହିଁ। ବାହାରୁ ଝଟକୁଥିବା ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟସେବାର ମୁଖ୍ୟ ପ୍ରତିଷ୍ଠାନର ଭିତର ଅବସ୍ଥା କିନ୍ତୁ ଜମାରୁ ଭଲ ନୁହେଁ। ରୋଗୀଙ୍କୁ ଗୁଣାତ୍ମକ ସେବା ପ୍ରଦାନ ତ ଦୂରର କଥା, ଖାଦ୍ୟ ମଧ ଠିକ୍ ସମୟରେ ଦିଆଯାଉନାହିଁ। ଅଧା ଡାକ୍ତର ପଦବୀ ଖାଲି ପଡ଼ିଛି। ୫୨ ସ୍ଥାନରେ ୨୭ ଡାକ୍ତର ଥିବାବେଳେ ସେମାନଙ୍କ ମଧ୍ୟରୁ ଅନେକଙ୍କ ପୂର୍ବାହ୍ନ ୮ଟା ପୂର୍ବରୁ ଦେଖାମିଳୁନାହିଁ। ଆବଶ୍ୟକ ସମୟରେ ସେବା ନ ପାଇ ରୋଗୀ କଲବଲ ହେଉଥିବା ଅଭିଯୋଗ ହୋଇଆସୁଛି। ଶୁକ୍ରବାର ସକାଳେ ୭ଟାରେ ଜିଲା ଓକିଲ ସଂଘ ଆହ୍ୱାନରେ ଜିଲା ଶିଳ୍ପ ଓ ବାଣିଜ୍ୟ ସଂଘ, ଜିଲା ସାମ୍ବାଦିକ ସଂଘ, ସଚେତନ ନାଗରିକ ଫୋରମ୍ ଏବଂ ବୁଦ୍ଧିଜୀବୀଙ୍କ ଏକ ମିଳିତ ଟିମ୍‌ର ଅଚାନକ ପରିଦର୍ଶନ ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ବାସ୍ତବତାକୁ ପଦାକୁ ଆଣିଛି। ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟସେବାରେ ସୁଧାର ନ ଆସିଲେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ବୁଦ୍ଧିଜୀବୀମାନେ ଚେତାବନୀ ଦେଇଛନ୍ତି।

ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ହତାଦର କରାଯାଉଥିବା ଅଭିଯୋଗ ଆସିବାପରେ ସକାଳ ୭ଟାରେ ଉକ୍ତ ଟିମ୍ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ଯାଞ୍ଚ କରିଥିଲା। ସକାଳ ୮ଟା ସୁଦ୍ଧା ମେଡିକାଲରେ କୌଣସି ଡାକ୍ତର କାମରେ ଯୋଗ ଦେଇ ନ ଥିଲେ। ଏପରି କି ରୋଗୀଙ୍କୁ ଜଳଖିଆ ମଧ ଦିଆଯାଇ ନ ଥିଲା। ବିଭିନ୍ନ ଡାକ୍ତରୀ ପରୀକ୍ଷା ପାଇଁ ବ୍ୟବସ୍ଥା ଥିଲେ ମଧ ତାହା କାର୍ଯ୍ୟକ୍ଷମ ହେଉନାହିଁ। ରୋଗୀଙ୍କ ସୁବିଧା ପାଇଁ ଥିବା ଲିଫ୍ଟ କାମ କରୁନାହିଁ। ଉପର ମହଲାରେ ଥିବା ୱାର୍ଡଗୁଡ଼ିକରେ ରାତିରେ ରୋଗୀଙ୍କୁ ଖାଦ୍ୟ ପ୍ରଦାନ କରାଯାଉ ନାହିଁ। ଉକ୍ତ ଟିମ୍ ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିବାବେଳେ ସବୁଠି ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଏହାର ପ୍ରତିବାଦରେ ସଂଘର କର୍ମକର୍ତ୍ତାମାନେ ସିଡିଏମ୍ଓ ଡା. ଅଶୋକ କୁମାର ଦାସ, ଏଡିଏମ୍ଓଙ୍କୁ ଘେରାଉ କରିଥିଲେ। ବାରମ୍ବାର ଅଭିଯୋଗ, ଆନ୍ଦୋଳନ ପରେ ବି କାହିଁକି ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାରେ ସୁଧାର ଆସୁନାହିଁ ବୋଲି ସେମାନେ ସିଡିଏମ୍ଓଙ୍କୁ ପ୍ରଶ୍ନ କରିଥିଲେ। ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରୁ ନ ଥିବା ଡାକ୍ତର, କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ ମାଧ୍ୟମରେ ଏହାର ଉଚିତ୍ ଜବାବ ଦିଆଯିବ ବୋଲି ଉକ୍ତ ଟିମ୍ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଡାକ୍ତର ଆସୁନାହାନ୍ତି



ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡ୍ୟୁଟିରେ ଥିବା ଡାକ୍ତରମାନେ ନିୟମିତ ଆସୁନାହାନ୍ତି। ଡାକ୍ତର, କର୍ମଚାରୀମାନେ କାମରେ ଖିଲାପ କଲେ ପରିସ୍ଥିତି ଭୟାବହ ହେବ।

**-ସଞ୍ଜୟ କୁମାର ମିଶ୍ର, ଜିଲା ଓକିଲ ସଂଘ ସଭାପତି**

### ରୋଗୀଙ୍କୁ ଔଷଧ ମିଳୁନାହିଁ



ୱାର୍ଡରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ ୨୪ ଘଣ୍ଟା ପରେ ବି ଔଷଧ କିମ୍ବା ଖାଦ୍ୟ ଦିଆଯାଉନାହିଁ। ଡାକ୍ତରମାନେ ଠିକ୍ ଭାବେ ଦେଖୁନାହାନ୍ତି। ଏପରି ଅବହେଳା ବିରୋଧରେ ସହରବାସୀ ରାଜରାସ୍ତାକୁ ଓହ୍ଲାଇବେ।

**-ପ୍ରସନ୍ନ ପଟ୍ଟନାୟକ, ସଭାପତି, ଜିଲା ସାମ୍ବାଦିକ ସଂଘ**

### ଜିଲା ଚିକିତ୍ସାଧିକାରୀଙ୍କୁ ଜଣାଇଛୁ



ଜିଲା ମୁଖ୍ୟ ଚିକିତ୍ସାଳୟରେ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ଜିଲା ଚିକିତ୍ସାଧିକାରୀଙ୍କୁ ଲିଖିତ ଭାବେ ଜଣାଯାଇଛି।। ଏହାର ସମାଧାନ ଯେପରି ହେବ ସେ ଦିଗରେ ଉଦ୍ୟମ କରାଯିବ।

**-ରାଜେନ୍ଦ୍ର ଦାସ, ସଭାପତି, ଜିଲା ଶିଳ୍ପ ଓ ବାଣିଜ୍ୟ ସଂଘ**

### ଡ୍ୟୁଟିରେ ଖିଲାପ କଲେ ଦରମା କାଟ



ଜିଲାରେ ମୋଟ ୨୪୪ ଡାକ୍ତର ପଦବୀ ମଧ୍ୟରୁ ୯୮ଟି ଖାଲି ପଡ଼ିଛି। ଜିଲା ଚିକିତ୍ସାଳୟରେ ୫୪ ପଦବୀ ଥିବାବେଳେ ୨୭ ଜଣ ଡାକ୍ତର ଅଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ଡ୍ୟୁଟିରେ ଖିଲାପ କରୁଥିବା ଡାକ୍ତରଙ୍କ ଦରମା କାଟ କରିବାକୁ ଏଡିଏମ୍ଓ (ମେଡିକାଲ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**-ଡା. ଅଶୋକ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ**

## ଡାକ୍ତରଖାନାରେ ସାପ ଛାଡ଼ି ରୋଗୀ ଚମ୍ପଟ



**ଢେଙ୍କାନାଳ ଅଫିସ, ୨୪।୨**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସାପ କାମୁଡ଼ାର ଶିକାର ହୋଇଥିବା ଜଣେ ରୋଗୀ କାମୁଡ଼ିଥିବା ସାପକୁ ଡବାରେ ବନ୍ଦ କରି ଆଣିଥିଲେ। ତେବେ ଚିକିତ୍ସା ପରେ ସେ ସାପକୁ ଛାଡ଼ି ଚମ୍ପଟ ମାରିଥିଲେ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଡାକ୍ତରଖାନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସାପ କାମୁଡ଼ି ଦେଇଥିଲା। ଏହାପରେ ସେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଏଥିସହ କାମୁଡ଼ିଥିବା ସାପକୁ କୌଶଳକ୍ରମେ ଏକ ଡବାରେ ବନ୍ଦ କରି ସାଙ୍ଗରେ ନେଇ ଆସିଥିଲେ। ସାପକୁ ଦେଖିବାକୁ ଚିକିତ୍ସାଳୟରେ ଭିଡ଼ ଜମିଥିଲା। ହେଲେ ଚିକିତ୍ସିତ ହେବା ପରେ ରୋଗୀଜଣକ ସାପକୁ ଡାକ୍ତରଖାନାରେ ଛାଡ଼ି ପଳାଇଥିଲେ। ଜଣେ ମହିଳା ଡବାରେ ବନ୍ଦ ଥିବା ସାପ ସମ୍ପର୍କରେ ଡାକ୍ତରଖାନା କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ସୂଚନାପାଇ ସର୍ପ ଉଦ୍ଧାରକାରୀ ଦଳର ସଦସ୍ୟ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ସଦର ରେଞ୍ଜ୍ ବନ କର୍ମଚାରୀଙ୍କ ଉପସ୍ଥିତିରେ ଏହାକୁ ମେଘା ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

## ବାଲ୍ୟ ବିବାହ ରୋକିଲେ ଶିଶୁ ସୁରକ୍ଷା କର୍ମୀ

**ଢେଙ୍କାନାଳ ଅଫିସ,୨୪।୨:** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କେରଜୋଳି ପଞ୍ଚାୟତ ଗୋପପୁର ଗ୍ରାମରେ ଶୁକ୍ରବାର ଚାଇଲ୍ଡ ଲାଇନ ସଦସ୍ୟ ଓ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଚଢ଼ାଉ କରି ଏକ ନାବାଳିକାଙ୍କ ବିବାହ ରୋକିଛନ୍ତି। ବାଲ୍ୟ ବିବାହ ଚାଲିଥିବା ସୂଚନା ପାଇ ବ୍ଲକ ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ କବିତା ଦାସଙ୍କ ନିର୍ଦ୍ଦେଶକ୍ରମେ ସେକ୍ଟର ସୁପରଭାଇଜର ପୂଜା ନନ୍ଦ ଓ ଶିଶୁ ସୁରକ୍ଷା କର୍ମୀ ପଦ୍ମଚରଣ ବେହେରା ପହଞ୍ଚି ନାବାଳିକାଙ୍କ ପରିବାରକୁ ବୁଝାଶୁଝା କରିଥିଲେ। ବାଲ୍ୟ ବିବାହ ଏକ ଦଣ୍ଡନୀୟ ଅପରାଧ ବୋଲି କହିଥିଲେ। ଫଳରେ ବିବାହ ବନ୍ଦ ହୋଇଥିଲା।

## 'ସମାରୋହ ଏକତା ସୂତ୍ରରେ ବାନ୍ଧି ରଖିଛି'



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

### ବଣସିଂହ ସ୍କୁଲର ଶତାବ୍ଦୀ ସମାରୋହ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ,୨୪।୨**

ଢେଙ୍କାନାଳ ସଦର ବ୍ଲକ ବଣସିଂହ ସରକାରୀ ଉପ୍ରା ବିଦ୍ୟାଳୟର ଶତାବ୍ଦୀ ସମାରୋହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶତାବ୍ଦୀ ସମାରୋହ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧିରଖି ପାରିଛି। ବଣସିଂହ, ଶଙ୍କରପୁର, ଭୂଇଁପୁର ମୌଜାର ମେଧାବୀ ଛାତ୍ରୀଛାତ୍ର, ଚାଷୀ, ଶିକ୍ଷକ, ଇଞ୍ଜିନିୟର ଅଞ୍ଚଳର ଗୌରବ ବଢ଼ାଇଛନ୍ତି ବୋଲି ଏମପି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଏଭଳି ସମାରୋହ ଆୟୋଜନ ବିଦ୍ୟାଳୟର ଉନ୍ନତି ଦିଗରେ ସହାୟକ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ଯୋଗଦେଇ ଶିକ୍ଷକ, ଗୁରୁଜନଙ୍କ କଥାମାନି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ମାୟାଧର ଶତପଥୀ, ଅଞ୍ଚଳର ପ୍ରଥମ ଇଞ୍ଜିନିୟର ଘନଶ୍ୟାମ ଶତପଥୀ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶତାବ୍ଦୀ ସମାରୋହ କମିଟି ସଭାପତି ଜୟନ୍ତ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିକ୍ରମ ସେଠୀ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ବିପିନ ବିହାରୀ ଶତପଥୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଆୟୋଜନ କମିଟି ଉଦ୍ୟୋକ୍ତା ମନୋଜ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୂଚନାଯୋଗ୍ୟ, ୧୯୦୦ ମସିହାରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ ୧୨୩ ବର୍ଷରେ ପଦାର୍ପଣ କରିଛି। ଏହି ଶତାବ୍ଦୀ ସମାରୋହ ୩ଦିନ ଧରି ଚାଲିବ।

## ଡକାୟତି ଯୋଜନା ପଣ୍ଡ, ୫ ଗିରଫ

**ଢେଙ୍କାନାଳ ଅଫିସ, ୨୪।୨**

ଡକାୟତି କରିବା ପାଇଁ ଯୋଜନା କରୁଥିବାବେଳେ ଢେଙ୍କାନାଳ ଜିଲା କାମାକ୍ଷାନଗର ପୋଲିସ ହାତରେ ଧରାପଡ଼ିଛି ଏକ ୫ଜ ଣିଆ ଗ୍ୟାଙ୍ଗ୍। ସେମାନେ ହେଲେ କାମାକ୍ଷାନଗର ଥାନା ଗୋରାଡ଼ିଆ ଗ୍ରାମର ରଜନୀକାନ୍ତ ମଲ୍ଲିକ (୩୦), ବାଦଲ ମଲ୍ଲିକ ଓରଫ ବାଇନ (୨୪), ନୀଳକଣ୍ଠ ମଲ୍ଲିକ ଓରଫ କାଳିଆ (୩୫), ସୁଶାନ୍ତ ମଲ୍ଲିକ ଓରଫ ଗୁରୁ (୩୪) ଏବଂ ଅଜିତ ମଲ୍ଲିକ (୩୧)। ସେମାନଙ୍କଠାରୁ ୨ଟି ବାଇକ୍, ୪ ମୋବାଇଲ, ୨ ଛୁରି, ଗୋଟିଏ ପିସ୍ତଲ, ୨ ଅଫୁଟା ଗୁଳି, ବୋମା ତିଆରି ସରଞ୍ଜାମ ଆଦି ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ଏକାଧିକ ଡକାୟତି ମାମଲାରେ ସାମିଲ ଥିବା ଶୁକ୍ରବାର କାମାକ୍ଷାନଗର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି।

ଜିରାଳ ନିକଟ ବ୍ରାହ୍ମଣୀ ନଦୀ ଉପରେ ଚାଲିଥିବା ସେତୁ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଏସ୍‌ପି ସିଙ୍ଗ୍‌ଲା କନଷ୍ଟ୍ରକ୍‌ଶନ କ୍ୟାମ୍ପରୁ ଡକାୟତି କରିବା ପାଇଁ ଅଭିଯୁକ୍ତମାନେ ଜିରାଳ କଲେଜ ନିକଟ କାଜୁ ବଗିଚା ପଡ଼ିଆରେ ଗୁରୁବାର ଯୋଜନା କରୁଥିବା ଗୋଇନ୍ଦା ସୂଚନା ମିଳିଥିଲା। ଏହାପରେ ପୋଲିସ ଚଢ଼ାଉ କରି ସମ୍ପୃକ୍ତ ୫ଜଣ ଧରିଥିଲା। ଏ ନେଇ ଥାନାରେ ନଂ. ୬୪/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ କାମାକ୍ଷାନଗର ଥାନା ଅଞ୍ଚଳରେ ପୂର୍ବରୁ ଘଟିଥିବା ଏକାଧିକ ଡକାୟତି ମାମଲାରେ ସାମିଲ ଅଛନ୍ତି। ସେମାନେ ସମ୍ପୃକ୍ତ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ଭୟଭୀତ କରାଇ ଦାଦାବଟି ମାଗୁଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଚଢ଼ାଉରେ ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ, ଏସ୍‌ଆଇ ସ୍ୱର୍ଣ୍ଣଲତା ସାହୁ, ଏଏସ୍‌ଆଇ ଜିତେନ୍ଦ୍ର ପ୍ରଧାନ ସାମିଲ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

## ୨୦୦ ଅଭିନବ ଚିନ୍ତାଧାରା ଚୟନ

**ଢେଙ୍କାନାଳ ଅଫିସ,୨୪।୨**

### ହ୍ୟୁମାନ-ମେଶିନ ଇଣ୍ଟରଫେସ୍ ଦୂରୀକରଣ ପ୍ରଦର୍ଶନୀ

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଗତ ୧୬ ତାରିଖରୁ ଚାଲିଥିବା ହ୍ୟୁମାନ-ମେଶିନ ଇଣ୍ଟରଫେସ୍ ଦୂରୀକରଣ ପ୍ରଦର୍ଶନୀର ୫ମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ମେରାମଣ୍ଡଳୀ, ସାହିବାବାଦ, ଖୋପୋଲି ଓ ହୋସୁ ପ୍ଲାଣ୍ଟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କର୍ମକ୍ଷେତ୍ରରେ ହ୍ୟୁମାନ-ମେଶିନ ଇଣ୍ଟରଫେସ୍ ଦୂରୀକରଣ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିବାବେଳେ ୫୦୮ ଅଭିନବ ଚିନ୍ତାଧାରା ପଞ୍ଜୀକୃତ କରାଯାଇଥିଲା। ତନ୍ମଧ୍ୟରୁ ଚୟନ କମିଟି ଦ୍ୱାରା ୨୦୦ଟି ଚୟନ କରାଯାଇଛି। ପ୍ରଦର୍ଶନୀରେ ସେଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ସେଫ୍‌ଟି ଅଫିସ, ଏସ୍‌ଏମ୍‌ଏସ୍-୧ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସୁରକ୍ଷା, ସ୍ୱାସ୍ଥ୍ୟ ଓ ନିରନ୍ତରତାର ବିଭାଗ ଉପସଭାପତି ସଞ୍ଜୀବ ପଲ, ଏସ୍‌ଏଚ୍ ଆଣ୍ଡ୍‌ସ୍ ଉପସଭାପତି ରାଜୀବ ମଙ୍ଗଲ, ଟିଏସ୍‌ଏମ୍ ଅପେରଶନ ଉପସଭାପତି ସୁବୋଧ ପାଣ୍ଡେ, ସୁରକ୍ଷା ମୁଖ୍ୟ ନିରଜ ସିହ୍ନା, ଅଗମ କୁମାର ପ୍ରମୁଖ ଯୋଗ ଦେଇଥିଲେ।

କମ୍ପାନୀରେ କାର୍ଯ୍ୟ ବେଳେ ମେଶିନଜନିତ ଦୁର୍ଘଟଣା ଏଡ଼ାଇବା ଲାଗି ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗର ୬,୫୦୦ରୁ ଅଧିକ ଶ୍ରମିକ, ସୁପରଭାଇଜର, ସୁରକ୍ଷା ପ୍ରଫେଶନାଲ ଓ ଲାଇନ ମ୍ୟାନେଜର ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ପ୍ରଦର୍ଶନୀରୁ ସାଉଁଟିଥିବା ଅନୁଭୂତିକୁ କର୍ମକ୍ଷେତ୍ରରେ ଲଗାଇଲେ ସୁରକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇପାରିବ ବୋଲି ବିଭାଗୀୟ ମୁଖ୍ୟମାନେ ପରାମର୍ଶ ଦେଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳ ଡିଭିଜନ ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ସ ବିଭାଗ ଉପନିର୍ଦ୍ଦେଶକ ଡ. ରମେଶ ବେହେରା, ଢେଙ୍କାନାଳ ଜୋନ୍ ସହକାରୀ ନିର୍ଦ୍ଦେଶକ ଇଂ. ପୁଷ୍ପାମିତ୍ର ଜେନା, ଟିଏସ୍‌ଏମ୍ ମୁଖ୍ୟ, ସେୟାର୍ଡ ସର୍ଭିସେସ୍ ବେଦପ୍ରକାଶ ଠାକୁର, ଟିଏମ୍‌ଏସ୍ ମୁଖ୍ୟ ସୁରକ୍ଷା ଅଧିକାରୀ ଅଗମ କୁମାର ଉପସ୍ଥିତ ରହି ପ୍ରଦର୍ଶନୀକୁ ପ୍ରଶଂସା କରିଥିଲେ। ଢେଙ୍କାନାଳ, ଅନୁଗୋଳ ଜିଲାର ବିଭିନ୍ନ ଶିଳ୍ପସଂସ୍ଥାର ଅଧିକାରୀ, ଲାଇନ୍ ମ୍ୟାନେଜରଙ୍କ ସମେତ ୪୦୦ ଶ୍ରମିକ ପ୍ରତିନିଧି ଉପସ୍ଥିତ ଥିଲେ। ୫ଟି ବର୍ଗରେ ବିଜେତା କାଇଜେନ୍‌ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତିକା ପ୍ରଦର୍ଶନ କରୁଛନ୍ତି।

## ନିୟମିତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୨୪।୨**




ବୈଠକରେ ଉପସ୍ଥିତ ଏମ୍‌ପି, ଜିଲାପାଳ, ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ।

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ ଓ ସମନ୍ୱୟ ପର୍ଯ୍ୟାଲୋଚନା କମିଟି (ଦିଶା) ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ଏଥିରେ ଅଧ୍ୟକ୍ଷତା କରି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କିତ ରିପୋର୍ଟ ନିୟମିତ ଭାବେ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଜନପ୍ରତିନିଧିଙ୍କ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା, ଜିଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା, ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଶିକ୍ଷାଦାନ ପଦ୍ଧତିକୁ ଅଧିକ କ୍ରିୟାଶୀଳ କରାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଜିଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନା ଓ ପ୍ରକଳ୍ପର ସଫଳତା ସମ୍ପର୍କରେ ଭିଜୁଆଲ ଡକ୍ୟୁମେଣ୍ଟ ପ୍ରସ୍ତୁତ କରି ଉତ୍ସାହିତ କରିବା, ଦଳଗତ ମନୋଭାବ ନେଇ କାର୍ଯ୍ୟ କରିବା, ଜନସାଧାରଣଙ୍କ ଅଭିଯୋଗ ଶୁଣି ଏହାର ସମାଧାନ କରିବାକୁ ଜିଲାପାଳ ସରୋଜ କୁମାର ସେଠୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାରେ ଡାକ୍ତର ଅଭାବ ପୂରଣ ପାଇଁ ଅବସରପ୍ରାପ୍ତ ଡାକ୍ତରଙ୍କୁ ନିଯୁକ୍ତ ଦିଆଯିବ। ସମସ୍ତ ନିର୍ବାଚନମଣ୍ଡଳୀରେ ଉତ୍ତମ ଚିକିତ୍ସା ପାଇଁ ଚିକିତ୍ସାଳୟ ନିର୍ମାଣ ହେବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଯେପରି ହିତାଧିକାରୀମାନେ ଉତ୍ତମ ସେବା ପାଇପାରିବେ, ସେଥିପ୍ରତି ଧ୍ୟାନ ଦିଆଯାଉଛି ବୋଲି ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ପ୍ରକାଶ କରିଥିଲେ। ୫-ଟିରେ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ, ସ୍କୁଲର ରକ୍ଷଣାବେକ୍ଷଣ, ପରିଷ୍କାର ପରିଚ୍ଛନ୍ନତା, ବନବିଦ୍ୟାଳୟରେ ନୈତିକ ଶିକ୍ଷାଦାନ, ମଧ୍ୟାହ୍ନ ଭୋଜନର ସୁପରିଚାଳନା ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ସୂଚନା ଦେଇଥିଲେ। ମୋ ସ୍କୁଲ ଅଭିଯାନରେ ମୋଟ ୧୭ କୋଟି ଟଙ୍କା ଗ୍ରହଣ କରାଯାଇଛି। ସରକାରୀ ବିଦ୍ୟାଳୟ ପ୍ରତି ଅଭିଭାବକ ଓ ପିଲାଙ୍କ ଆଗ୍ରହ ବଢୁଛି ବୋଲି ସେ ପ୍ରକାଶ କରିଥିଲେ। ବୈଠକରେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ ଦରୱାନ, ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ ଦତ୍ତ, ବିଧାୟକଙ୍କ ପ୍ରତିନିଧି ନରୋତ୍ତମ ସାହୁ, ସମସ୍ତ ଜିଲା ପରିଷଦ ସଭ୍ୟ, ଏନ୍‌ଏସି ଓ ବ୍ଲକର ଚେୟାରମ୍ୟାନ ଯୋଗଦେଇଥିଲେ।

### ଦିଶା କମିଟି ବୈଠକ

## ୨ ଗାଡ଼ିରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ଅନୁଗୋଳ ଅଫିସ, ୨୪।୨: ଅନୁଗୋଳ ଜିଲା ବନ୍ତଲା ଥାନା ମାଧପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମାଧପୁରର ନରେନ୍ଦ୍ର କୁମାର ସାହୁ ୨ଟି ଗାଡ଼ି ଭଡ଼ାରେ ଆଣି ଗୁଜୁରାଣ ମେଣ୍ଟାଉଥିଲେ। କିନ୍ତୁ କେହି ଦୁର୍ବୃତ୍ତ ତାଙ୍କ ଗାଡ଼ିରେ ନିଆଁ ଲଗାଇ ଦେଇଥିବା ସେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ମହିଳା ମୃତ

କଣିହାଁ,୨୪।୨(ଡି.ଏନ.ଏ.)- କଣିହାଁ ବ୍ଲକ ଏନ୍‌ଟିପିସି ଥାନା ପଥରମୁଣ୍ଡା ଗ୍ରାମ ନିକଟସ୍ଥ ପୋଖରୀରେ ବୁଡ଼ି ଶୁକ୍ରବାର ଟୋଲକବେଡା ହଟିଂରେ ରହୁଥିବା ତେଜ ଶବର(୫୫)ଙ୍କ ମୃତ୍ୟୁ ହୋଇଛି। ଅପରାହ୍ନରେ ସେ ଗାଧାଇବାକୁ ଯାଇ ଫେରି ନ ଥିଲେ। ଏ ନେଇ ଥାନାରେ ସମ୍ପର୍କୀୟ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ କଣିହାଁ ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଭ୍ରମର ମହାନ୍ତିଙ୍କ ସମେତ ଏକ ଟିମ୍ ଆସି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ନଂ. ୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସ୍ମିତାଞ୍ଜଳୀ ପ୍ରଧାନ କହିଛନ୍ତି।

### ସ୍ମେଲଟର ପ୍ଲାଣ୍ଟ ଷ୍ଟୋରରୁ ଚୋରି

ବଆଁରପାଳ, ୨୪।୨ (ଡି.ଏନ.ଏ.)- ବଆଁରପାଳ ବ୍ଲକ ନାଲ୍‌କୋ ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଉଛି। ନାଲ୍‌କୋ କଲୋନୀର ଏକ କ୍ୱାର୍ଟର୍ସରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି କରିଥିବା ବେଳେ ଗତ ୨୦ ତାରିଖରେ ସ୍ମେଲଟର ପ୍ଲାଣ୍ଟ ଷ୍ଟୋରରୁ ବହୁ କେବୁଲ ଓ କପର ଚୋରି ହୋଇଥିବା ଅଭିଯୋଗ ହୋଇଛି। ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଷ୍ଟୋର ମଧ୍ୟରୁ କିଭଳି ଏହି ଚୋରି ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେତେଜଣ ସୁରକ୍ଷା କର୍ମଚାରୀ ଏଥିରେ ସମ୍ପୃକ୍ତ ଥିବା ଆଲୋଚନା ହେଉଛି। ପାରାଦୀପ ସିଆଇଏସଏଫର ଜଣେ ବରିଷ୍ଠ ଅଧିକାରୀ ଏହାର ତଦନ୍ତ ପାଇଁ ଆସିଥିବା ସୂଚନା ମିଳିଛି। ନାଲ୍‌କୋ ତରଫରୁ ଏ ନେଇ ଥାନାରେ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ନାଲ୍‌କୋ ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ହେମନ୍ତ କୁମାର ବର୍ମା କହିଛନ୍ତି, ବାହାରେ ଅଛି, ଏହାର ସତ୍ୟାସତ୍ୟ ଉପରେ ତଦନ୍ତ ଚାଲିଛି।

### ସାଇବର ଠକେଇ ଅଭିଯୋଗ

ଅନୁଗୋଳ ଅଫିସ, ୨୪।୨- ଅନୁଗୋଳ ଜିଲା କୋଲିୟରୀ ଥାନା ଡେରା ଅଞ୍ଚଳର ଜଣେ ଯୁବକ ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ କ୍ରେଡିଟ୍ କାର୍ଡରୁ ୨ଟି ପର୍ଯ୍ୟାୟରେ ୬୪ ହଜାର ଟଙ୍କା ଠକେଇ ହୋଇଥିବା ସେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୧୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ୨୦୨୨ ଅଗଷ୍ଟ ୨୨ରେ ଯୁବକଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ବ୍ୟାଙ୍କର କର୍ମଚାରୀ କହି ତାଙ୍କ ନିକଟରୁ କ୍ରେଡିଟ୍ କାର୍ଡର ସମ୍ପୂର୍ଣ୍ଣ ତଥ୍ୟ ମାଗିଥିଲେ। ଏହି ତଥ୍ୟ ଯୁବକ ଜଣଙ୍କ ଦେବା ପରେ ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ୯୩୦ ଟଙ୍କା ଓ ପରେ ୩ ହଜାର ଟଙ୍କା କଟି ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ପୋଲିସ ତଦନ୍ତ ଚଳାଇଛି।

### ରୋକାଗଲା ନାବାଳିକା ବିବାହ

କଣିହାଁ, ୨୪।୨ (ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳରେ ଏକ ନାବାଳିକା ବିବାହ ରୋକାଯାଇଛି। ସୂଚନା ଅନୁଯାୟୀ, ସମଲ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ତାଳଚେର ବ୍ଲକ ଧରମପୁର ଅଞ୍ଚଳର ଯୁବକ ବିବାହ କରିବାକୁ ଯୋଜନା କରିଥିଲେ। ତେବେ ଏହି ଖବର ଜିଲା ମଙ୍ଗଳ ଅଧିକାରୀଙ୍କ ସହିତ ଅନ୍ୟା ଅଧିକାରୀଙ୍କୁ କେତେଜଣ ସଚେତନ ନାଗରିକ ଦେବା ପରେ ଜିଲା ମଙ୍ଗଳ ଅଧିକାରୀଙ୍କ ପହଞ୍ଚି ବିବାହ ବନ୍ଦ କରିବା ସହିତ ସମଲ ଥାନାକୁ ଜଣାଇଥିଲେ। ଏହି ବାଲ୍ୟ ବିବାହ ବନ୍ଦ କରିବା ନେଇ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ ସହଯୋଗ କରିଥିଲେ ବୋଲି ସିଡିପିଓ ଝୁନୁବାଳା ଦେବୀ କହିଛନ୍ତି।

### ଇଲେକ୍ଟ୍ରି ଦୋକାନରୁ ଚୋରି

ଅନୁଗୋଳ ଅଫିସ, ୨୪।୨- ଅନୁଗୋଳ ଜିଲା ବନ୍ତଲା ଥାନା ଧୋକୁଟା ଅଞ୍ଚଳରେ ଥିବା ଏକ ଇଲେକ୍ଟ୍ରି ଦୋକାନରୁ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ଭବାନୀ ସାହୁ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୭୫/୨୩ର ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଧୋକୁଟା ମନ୍ଦିର ନିକଟରେ ଭବାନୀଙ୍କ ଦୋକାନ ରହିଛି। ଗତ ମଙ୍ଗଳବାର ରାତିରେ ଦୋକାନରୁ ଫ୍ୟାନ୍, ହିଟର କଏଲ, ସୁଇଚ୍, ବୋର୍ଡ, ବ୍ଲାକଟେପ୍ ଆଦି ଚୋରି ହୋଇଛି। ସେ ଦୋକାନ ବନ୍ଦ କରିବା ପରେ ଦୁର୍ବୃତ୍ତମାନେ ତାଙ୍କ ଦୋକାନରେ ପଶି ଚୋରି କରିଛନ୍ତି। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଏପ୍ରିଲ ୫ରୁ ହିଙ୍ଗୁଳା ଯାତ୍ରା, ଲୋକ ମହୋତ୍ସବ

**ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ବିଭିନ୍ନ ଖଣି କର୍ତ୍ତୃପକ୍ଷକୁ ଦାୟିତ୍ୱ**

ତାଳଚେର, ୨୪।୨ (ନି.ପ୍ର.)


ବୈଠକରେ ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତାଙ୍କ ସହ ପ୍ରଶାସନିକ ଅଧିକାରୀ ଓ ଖଣି କର୍ତ୍ତୃପକ୍ଷ ଉପସ୍ଥିତ ଅଛନ୍ତି।

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ୧୯ ତମ ଲୋକ ମହୋତ୍ସବ ନିମନ୍ତେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଗୁରୁବାର ଗୋପାଳପ୍ରସାଦସ୍ଥିତ ପୀଠ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ତାଳଚେର ଉପଜିଲାପାଳ ତଥା ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱରଞ୍ଜନ ରଥ ଏଥିରେ ଅଧକ୍ଷତା କରିବା ସହିତ ଆସନ୍ତା ଏପ୍ରିଲ ୫ଠାରୁ ଏହି ଯାତ୍ରା ଓ ଲୋକ ମହୋତ୍ସବ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦେଇଥିଲେ।

ତାଳଚେର ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପଜିଲାପାଳଙ୍କ ସୁପାରିସ କ୍ରମେ ଷ୍ଟଲ ବଣ୍ଟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଚଳିତବର୍ଷ ଷ୍ଟଲଗୁଡିକର ବିଭାଗୀକରଣ କରାଯାଇ ଆବଣ୍ଟନ କରାଯିବାକୁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଏଥିସହିତ ଷ୍ଟଲ ସଂଖ୍ୟାରେ ଶହେ ବୃଦ୍ଧି କରିବା, ପାର୍କିଂ ସ୍ଥାନ ବଢ଼ାଇବା ପାଇଁ ସ୍ଥିର କରାଯାଇଥିଲା। ଷ୍ଟଲ ନିର୍ମାଣ ଓ ସିସି କ୍ୟାମେରା ବ୍ୟବସ୍ଥା କରିବାକୁ ଭରତପୁର କଲିୟରୀକୁ ଦାୟିତ୍ୱ ଦିଆଯାଇଥିଲା। ସେହିପରି ବିଭିନ୍ନ ସ୍ଥାନରେ କୁଲର ଓ ପଙ୍ଖାର ବ୍ୟବସ୍ଥା ପାଇଁ ଭୁବନେଶ୍ୱରୀ ଓସିପି, ଲୋକ ମହୋତ୍ସବରେ ଅସ୍ଥାୟୀ ମଞ୍ଚ ନିର୍ମାଣ ଓ ସାଉଣ୍ଡ ବ୍ୟବସ୍ଥା ପାଇଁ କଣିହାଁ ଖଣି, ଷ୍ଟ୍ରିଟ ଲାଇଟଗୁଡ଼ିକରେ ଏଲଇଡି ଲାଇଟ ଲଗାଇବାକୁ ହିଙ୍ଗୁଳା କ୍ଷେତ୍ରକୁ ଦାୟିତ୍ୱ ଦିଆଯାଇଥିଲା। ଉଭାସ୍ଥଳ ଓ ଅନ୍ୟାନ୍ୟ ବ୍ୟାରିକେଡ ବ୍ୟବସ୍ଥା କରିବାକୁ ନନ୍ଦିରା କୋଇଲା ଖଣି କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। ୯ ଦିନିଆ ଏହି ଲୋକ ମହୋତ୍ସବରେ ଅଂଶଗ୍ରହଣ କରିବାକୁ ଦେଶର ବିଭିନ୍ନ ଅଞ୍ଚଳରୁ ଲୋକନୃତ୍ୟ ଅନୁଷ୍ଠାନଗୁଡ଼ିକୁ ନିମନ୍ତ୍ରଣ କରାଯିବ ବୋଲି ସ୍ଥିର କରାଯାଇଥିଲା। ମା'ଙ୍କ ଯାତ୍ରା ନିମନ୍ତେ ଏକ ସଫେଇ ସବ୍ କମିଟି ଗଠନ ସହ ବିଡିଓଙ୍କ ତତ୍ତ୍ୱାବଧାନରେ ଏହା କାର୍ଯ୍ୟ କରିବ ବୋଲି ସ୍ଥିର କରାଯାଇଥିଲା। ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱରଞ୍ଜନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ତୀର୍ଥଯାତ୍ରୀ ଚୟନ କମିଟି ବୈଠକ

ଅନୁଗୋଳ ଅଫିସ, ୨୪।୨

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଚୟନ କମିଟିର ଏକ ବୈଠକ ଅନୁଗୋଳ ଜିଲା ରାଷ୍ଟ୍ରୀୟ ସୂଚନା କେନ୍ଦ୍ରଠାରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା ଅଧକ୍ଷତା କରି ଶିରିଡି ଓ ନାସିକ ତୀର୍ଥଯାତ୍ରା ପାଇଁ ମନୋନୀତ ମୋଟ ୧୩୭ ଜଣ ତୀର୍ଥଯାତ୍ରୀଙ୍କ ସୁରକ୍ଷା ଓ ଯାତ୍ରାର ସଫଳତା କାମନା କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନା ପ୍ରଧାନ, ତାମଡା ସଚିବ ରାଜୀବ ବେହେରା, ରାଷ୍ଟ୍ରୀୟ ସୂଚନା କେନ୍ଦ୍ରର ଜିଲା ସୂଚନା ଅଧିକାରୀ ସୁବ୍ରତ କୁମାର ଚାଟାର୍ଜୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୈଳାସ ଚନ୍ଦ୍ର ବେହେରା, ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚୟନ ପ୍ରକ୍ରିୟାରେ ରାଷ୍ଟ୍ରୀୟ ସୂଚନା କେନ୍ଦ୍ରର କର୍ମଚାରୀମାନେ ସହାୟତା କରିଥିଲେ।


ବୈଠକରେ ଉପସ୍ଥିତ ପ୍ରଶାନିକ ଅଧିକାରୀମାନେ।

# ବିଉଟି କଲଚର ତାଲିମ କାର୍ଯ୍ୟକ୍ରମ

ବଇଣ୍ଡା,୨୪।୨(ଡି.ଏନ.ଏ.)




କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ନାରୀ ସୁରକ୍ଷା ସମିତି ପକ୍ଷରୁ କଦଳୀମୁଣ୍ଡାଠାରେ ଥିବା ମହିଳା ସମ୍ବଳ କେନ୍ଦ୍ର ପରିସରରେ ଚାଲିଥିବା ବିଉଟି କଲଚର ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୫ ଯୁବତୀ ଅଂଶଗ୍ରହଣ କରିଥିଲେ। ଅଳକା ଦାସ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଅତିଥି ଭାବେ ଚିନ୍ମୟୀ ବିଶ୍ୱାଳ, ପ୍ରତାପ ସାହୁ, ରଶ୍ମିତା ଦାସ, ଲକ୍ଷ୍ମଣ ପ୍ରଧାନ, ମୀରାରାଣୀ ପ୍ରଧାନ, ସଞ୍ଜିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସ୍ମିତାରାଣୀ ପ୍ରଧାନ ପରିଚାଳନା କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ

ବଇଣ୍ଡା,୨୪।୨(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ଧଉରାଗୋଠଠାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଶୁକ୍ରବାର ଆଞ୍ଚଳିକ ବିକାଶ ପରିଷଦ ହଣ୍ଡପା ଓ ବଇଣ୍ଡା ସହାୟତା ସଂଗଠନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଛି। ଏଥିରେ କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ପୁସ୍ତକ, ଖାତା, ପେନ୍ ଆଦି ବଣ୍ଟନ କରାଯାଇଥିଲା। ଜଗତ ମୋହନ ମିଶ୍ର, ଦୀପକ ସାହୁ, ସୁବାସ ସାହୁ, ରାକେଶ ମିଶ୍ରଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।


ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ କରାଯାଉଛି।

# ଆଜିଠାରୁ ବଡି ବିଲ୍ଡିଂ ଚାମ୍ପିୟନଶିପ

ଅନୁଗୋଳ ଅଫିସ, ୨୪।୨

ଅନୁଗୋଳ ଜିଲାର ୩୦ ବର୍ଷ ପୂର୍ତ୍ତି ଅବସରରେ ଶନିବାର ସଭାଘରଠାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଜିଲା କ୍ରୀଡ଼ା ସଂଘ ସହ ଜିଲା ପ୍ରଶାସନର ମିଳିତ ସହଯୋଗରେ ଏହି ଦିନିକିଆ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏଥିରେ ଅନ୍ତର୍ଜାତୀୟ ବଡି ବିଲଡର ସିଦ୍ଧାର୍ଥ ଜୟସୁଆଲ, ପୁରୀର ବାହୁବଳୀ ସେବକ ଅନୀଲ ଗୋଛିକାର ଓ ସତ୍ୟଜିତ ପଡ଼ିଆରୀ ଯୋଗଦେବେ। ଏହି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶା ସମେତ ରାଜ୍ୟ ବାହାରର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ ବୋଲି ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ ସୂଚନା ଦେଇଛନ୍ତି।

ଏହି ପ୍ରତିଯୋଗିତାକୁ ୨ଟି ଭାଗରେ ବିଭକ୍ତ କରାଯାଇଛି। ମୋଟ ୧୩ଟି ବର୍ଗରେ ପ୍ରତିଯୋଗିତା ଆୟୋଜନ କରାଯାଉଛି। ରାଜ୍ୟର ଥିବା ୪ଟି ଫେଡେରେଶନ୍‌ର ପ୍ରତିଯୋଗୀଙ୍କ ସହ ରାଜ୍ୟ ବାହାରର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଏ ନେଇ ଅଦ୍ୟାବଧି ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ନାମ ପଞ୍ଜୀକରଣ କରିଛନ୍ତି। ଚାମ୍ପିୟନଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ଥିବାବେଳେ ସୁନ୍ଦର ସ୍ୱାସ୍ଥ୍ୟରେ ପ୍ରଥମ ସ୍ଥାନ ଅଧିକାର କଲେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଅନୁଗୋଳର ବିଦ୍ଦୁର ମହାପାତ୍ର ଓ ଭୁବନେଶ୍ୱରର ଅବଦୁଲ ତଫିକ୍ ଆଜାଦ ସହଯୋଗ କରୁଛନ୍ତି।


## DISTRICT MINERAL FOUNDATION TRUST

At: Redcross Bhawan, Collectorate Campus, Angul, Odisha, PIN - 759122
Tele: 0674-230745/E-mail: dmfangul@gmail.com

### SHORT QUOTATION CALL NOTICE

**Notice No. 132/DMFT** **Dated: 22.02.2023**

No. CAD-4930: Short quotation call notice has been invited from the authorized dealer/retail outlets of computer and peripherals for supply of required Nos. of Laptops and Printers to DMFT, Angul. Interested dealers/vendors are requested to download the documents from the website: **www.angul.nic.in**. Last date for receipt of response to the short quotation call notice is 14.03.2023 upto 5.00 P.M. Bid documents are to be submitted by Speed Post/Registered Post (India Post)/Courier only.

**Sd./- CDO, ZP-cum-Chief Executive**
**DMFT, Angul**
OIPR-30027/11/0010/2223

## OFFICE OF THE MUNICIPAL COUNCIL, KHORDHA

H & UD Department, Govt. of Odisha, Khordha-752055
e-Mail:khurda_municipality@yahoo.co.in, Phone No.06755-220674

### 'e' Procurement Notice

No.513/ Date:22.02.2023

**No.C-2540:** Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

1. Tender Reference No. : KMPLTY/02/2022-23
2. Name of the Work : Civil Construction works as mentioned in website.
3. No. of Works : 07 Nos.
4. Estimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date & Time of Bidding : From Date.24.02.2023 at 12.00 Noon.
8. Last date & time for receipt of bids in the Portal : Date: 04.03.2023 upto 5.00 PM
9. Bids received online shall be opened on : Date. 10.03.2023 from 11.00 AM
10. Name and address of the Officer Inviting Bid : O/o. Executive Officer, Khordha Municipality.

Further amendments, corrigendum or other communication regarding this letter will be available only on https://tendersodisha.gov.in/nicgep/app and will not be published in print media.

**Sd./- Executive Officer, Khordha Municipality**
OIPR-13082/11/0021/2223

## OFFICE OF THE MUNICIPAL COUNCIL, BRAJRAJNAGAR

**No. 931** **Dt.24.02.2023**

### QUOTATION CALL NOTICE

No. C-2538: Sealed quotations in prescribed form are invited from the Companies or Authorised dealers like Bajaj, Philips and Havels manufacturer Electrical Materials/Accessories of spare parts supply to Brajrajnagar Municipality. The quotation will be received upto 12.30 P.M. on Dt.06.03.2023 which will be opened on the same date at 4.00 P.M. in presence of the quotationers or their authorised representatives. The quotationers must have to submit Xerox copy of the GST Clearance Certificte and PAN card along with their quotations failing which the quotation shall not be considered. The quotations can also be send by Registered Post/Speed Post which should reached the undersigned within the stipulated date & time. Quotation can also be dropped in Tender Box. Any quotation submitted/received beyond the above date and time shall not be entertained. Any quotation which will be given directly in hand in the concerned section shall not be entertained. The quotation scheduled can be obtained from the Municipal Office on payment of Rs.2000/- (Rupees two thousand) only in office hour. The payment amount is not refundable.
The authority reserves the right to accept or cancel any or all the quotations without assigning any reason thereof.

**Sd./- Executive Officer**
**Brajrajnagar Municipality**
OIPR-13099/11/0055/2223

## OFFICE OF THE REGULATED MARKET COMMITTEE, KUCHINDA

At/-Kundaposi, Po-Kuchinda, Near Fire Station, In Front of Forest Park, Sambalpur, Pin-768222, Tele phone No. (06642) 221066, Email ID:rmc.kuchinda@gmail.com

**Letter No.678** **Date:23.02.2023**
**RMC/MKTY/2022-23**

### REQUEST FOR QUOTATION (RFQ)

**Subject:** Complete engineering, supply and procurement of materials and supervision of fabrication, erection, testing, pre-commissioning and commissioning for 5nos of 10MT Solar Cold Room at different places under RMC, Kuchinda, Dist-Sambalpur.
The Sub-Collector-cum-chairman RMC, Kuchinda on behalf of the RMC, Kuchinda invites sealed RFQ from reputed expert Agencies/Companies to submit a proposal for complete engineering, supply and procurement of materials and supervision of fabrication, erection, testing, pre-commissioning, and commissioning for 5nos of 10MT Solar Cold Room at different places under RMC, Kuchinda, Sambalpur Dist-Sambalpur.
The detail Quotation call notice with specification can be seen from the Sambalpur District website **www.sambalpur.nic.in.**
An amount of Rs.10000/- (Rupees Ten thousand) only (non-refundable) towards the cost of the RFQ document shall have to be enclosed in the shape of a "Demand draft" drawn on any Nationalized Bank Payable in favour of Secretary, R.M.C, Kuchinda.
The agency/company must furnish the documents tabulated below:

| |
|---|
| 1. GST and PAN certificate of the firm |
| 2. Bank draft towards the cost of tender document |
| 3. Statement of Performance of the last 3 years along with documentary evidence (Work /Purchase orders) |
| 4.Revenue certificate in prescribed format |
| 5. List of service centres/offices in India |
| 6. Certificate recognizing technology by Government of India |

The proposal should be submitted to The Secretary, RMC, Kuchinda through Speed/Regd. Post or drop in the drop box available on the office premises by Date.28.02.2023 till 3:00 P.M.
The technical bids will be opened on dt. 04.03.2023 at 3.30 P.M, if possible, in the presence of those bidders who chose to attend.
The technical bids shall be evaluated jointly by the committee of Sub-Collector Kuchinda, RMC Secretary, Kuchinda, ADH, Kuchinda and BDO Kuchinda, among the feasible proposal, the proposal satisfying technical parameters and other conditions of ToR shall be awarded the work order.
The agency shall be solely responsible for any cost they may Incur for a site visit, transport, faxes, postage, telephones etc. in the process of submission of the proposal. The RMC, Kuchinda reserve the right at its absolute discretion to accept or reject any of the proposals without assigning any reason / reasons.
Should they require any further information they may contact the Secretary RMC, Kuchinda.

**Sd./- Sub-Collector-cum-Chairman**
**RMC, Kuchinda**

## BHUBANESWAR DEVELOPMENT AUTHORITY

Akash Shova Building, Sachivalaya Marg, Bhubaneswsar - 751001, Visit us at: http://www.bda.gov.in

No. CAD-4932

### INVITATIONS FOR BIDS (IFB)

**Bid Identification No. 196 (WE)** **Dated: 23.02.2023**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System conforming to the Detailed Tender Call Notice (DTCN) from Electrical Contractors having valid H.T. Licence registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below.

| Sl. No. | Name of Work | Estimated Cost (In Rs.) | EMD (In Rs.) | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Special repair and E.I. to Suryakiran Market Complex at Sahid Nagar, Bhubaneswar | 17,89,290.00 | 17,900.00 | 6000.00 + 18% GST | 30 Days |

2. The Bid documents will be available in the website: **https://tendersodisha.gov.in** from **01.03.2023 to 09.03.2023 upto 17.00 hours.**
3. Bids shall be received only "Online" on or before **09.03.2023 upto 17.00 hours.** The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids without assigning any reason.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in**.

OIPR-13033/11/0513/2223 **Sd./- Executive Engineer, Division-IV, BDA, BBSR**

## GOVERNMENT OF ODISHA

No. O-1904

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

### NATIONAL COMPETITIVE BIDDING THROUGH e-Procurement

**Bid Identification No. Online Tender / 78-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 78-2022-23/BPR | Road Works including 05 years Post Construction maintenance under CMRL & CUVDA for the year 2022-23 | 05 Nos. | From Rs.205.05 lakhs to Rs.583.15 lakhs | "B" Class & "A" Class as applicable | 06 (Six), 09 (Nine) & 11 (Eleven) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 78-2022-23/BPR | 02.03.2023 at 10.00 A.M. | 17.03.2023 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0123/2223 Sd./- P.K. Jena, Chief Construction Engineer, R.W. Circle, Berhampur

XXXXX-V-D-126/2019

## BHUBANESWAR MUNICIPAL CORPORATION

No.8882, Dt.24.02.2023

### COMPETITIVE BIDDING THROUGH e-Procurement NOTICE INVITING TENDER

**Bid Reference No. BMC-DD-CE-04/2022-23 Dt.**

**No.C-2536:** On behalf of the Commissioner, Bhubaneswar Municipal Corporation, City Engineer, Bhubaneswar Municipal Corporation invites Percentage Rate Bids for the work mentioned in the DTCN through e-Procurement in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid/Price Bid/BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement. Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website www.tendersodisha.gov.in by eligible bidders. The bidders should have necessary Portal Enrolment (Digital Signature Certificate) under e-procurement process of Govt. of Odisha in required class/category. For queries, if any on this DTCN, intending bidders may contact Superintending Engineer, Drainage Division, Bhubaneswar Municipal Corporation.

1. Total No. of works for which Tenders invited: 2 Nos.
2. Place of Execution: Different locations in Bhubaneswar Municipal Corporation area.
3. Estimated Cost of Individual Work: **Rs.2,26,97,463** /- to **2,34,73,489/-** and Class of Contractor - **'B' to 'A'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from **10.30 AM on Dt. 27.02.2023 to 5 PM on Dt.15.03.2023** for online bidding.
6. Last date & time of bidding on-line:**Dt.15.03.2023 at 5 PM.**
7. The Technical bid received online will be opened at **11.00 A.M on Dt.16.03.2023**
8. The bidder must possess valid and compatible **Digital Signature Certificate (DSC).**
9. The successful bidder has to furnish Additional Performance Security (APS) as detailed in the DTCN failing which the bid shall not be considered.
10. The DTCN of works shall be available in the e-procurement portal https://www.tendersodisha.gov.in for on-line bidding.
11. Subsequent reserves corrigendum, if required, shall appear in these websites.
12. Authority reserves the right to reject any or all the tenders without assigning any reason thereof subject to the limitations prescribed by Central Vigilance Commission.

**By Order of Commissioner, BMC**
**Sd./- City Engineer**
**Bhubaneswar Municipal Corporation**
OIPR-13002/11/0237/2223

# ପୁରୀରେ ଖିମ୍‌ଜୀ ଜୁଏଲର୍ସର ଏକ୍ସକ୍ଲୁସିଭ ଷ୍ଟୋର

## ରାଜ୍ୟରେ ୭ମ ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୨




ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସର ଏକ୍ସକ୍ଲୁସିଭ ଷ୍ଟୋର ଶୁକ୍ରବାର ପୁରୀ ସହରର ଭିଆଇପି ରୋଡ୍‌ସ୍ଥିତ ପୋଲିସ ଲାଇନଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖିମ୍‌ଜୀ ଜୁଏଲର୍ସର ଅଧ୍ୟକ୍ଷ ଦିନେଶ ଖିମ୍‌ଜୀ, ପରିଚାଳନା ନିର୍ଦ୍ଦେଶକ କିଶୋର ଖିମ୍‌ଜୀ, ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ଏବଂ ସୁମିତ୍ ଖିମ୍‌ଜୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ୫୦୦୦ବର୍ଗ ଫୁଟ ପରିମିତ ସ୍ଥାନରେ ଗଢ଼ି ଉଠିଥିବା ଏହି ଅତ୍ୟାଧୁନିକ ଆଉଟ୍‌ଲେଟ୍‌ରେ ସୁନ୍ଦର ଓ ମନଲୋଭା ଅଳଙ୍କାରର ବ୍ୟାପକ ସମ୍ଭାର ଉପଲବ୍ଧ। ଏପରିକି ପୁରୀ ସହରର ଅଳଙ୍କାରପ୍ରେମୀମାନେ ବର୍ତ୍ତମାନ ଏକ ନୂଆ ଶପିଂ ଡେଷ୍ଟିନେଶନ ପାଇପାରିବେ। ଏହି ପରିପ୍ରେକ୍ଷୀରେ ଖିମ୍‌ଜୀ ପକ୍ଷରୁ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୩୦,୦୦୦ଟଙ୍କାର ସୁନା ଅଳଙ୍କାର କ୍ରୟରେ ଗ୍ରାହକଙ୍କୁ ଗୋଟିଏ ମାଗଣା ସୁନାମୁଦ୍ରା ଏବଂ ୩୦,୦୦୦ ଟଙ୍କାର ହୀରା ଗହଣାର କ୍ରୟ ଉପରେ ଗ୍ରାହକଙ୍କୁ ୨ଟି ମାଗଣା ସୁନାମୁଦ୍ରା ଉପହାର ସ୍ୱରୂପ ମିଳିବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହାବ୍ୟତୀତ ଗ୍ରାହକଙ୍କୁ ପୁରୁଣା ସୁନାଗହଣା ବଦଳର ବ୍ୟାପକ ସୁଯୋଗ ଦିଆଯାଉଛି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ପୁରୀରେ ପ୍ରଥମ ଶୋ'ରୁମ୍ ଖୋଲି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ସମଗ୍ର ପୁରୀବାସୀ ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା କରି ଆମେ ଅତ୍ୟନ୍ତ ଆନନ୍ଦିତ। କାରଣ ଆମେ ପ୍ରଭୁ ଜଗନ୍ନାଥଙ୍କ ଅଳଙ୍କାରର ମରାମତି କାମରେ ପୂର୍ବରୁ ଜଡ଼ିତ ରହିଆସିଛୁ। ଏହି ଦିବ୍ୟ କାର୍ଯ୍ୟରେ ଜଡ଼ିତ ରହିବା ଆମ ପାଇଁ ସୌଭାଗ୍ୟର ବିଷୟ ଓ ଆଗକୁ ମଧ୍ୟ ଏ ଦିଗରେ ଆମର ପ୍ରୟାସ ଜାରି ରଖିବୁ। ସୂଚନାଯୋଗ୍ୟ, ଖିମ୍‌ଜୀ ଜୁଏଲର୍ସର ଫେବୃୟାରୀ ୨୪ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମି ପୁରୀରେ ପ୍ରଥମ ଏବଂ ରାଜ୍ୟରେ ୭ମ ଷ୍ଟୋର ଖୋଲିଥିବା ଜଣାପଡ଼ିଛି।

## ନ୍ୟୁ ପୋକୋ ସି୫୫ ଉନ୍ମୋଚିତ

ନୂଆଦିଲ୍ଲୀ,୨୪।୨

ଦେଶର ପ୍ରମୁଖ ଉପଭୋକ୍ତା ଟେକ୍ନୋଲୋଜି ବ୍ରାଣ୍ଡ ପୋକୋର ସି-ସିରିଜ୍ ସ୍ମାର୍ଟଫୋନ୍ ପୋକୋ ସି୫୫ର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ନୂଆ ପୋକୋ ସି୫୫ ଏକ ଷ୍ଟାଇଲିଶ ଲେଦର-ଭଳି ଷ୍ଟିଚ୍ ଡିଜାଇନ୍ ଓ ଏକ ବୃହତ୍ ୬.୭୧ ଇଞ୍ଚ ଏଚ୍‌ଡି+ ଡିସ୍‌ପ୍ଲେ ସହ ଆସୁଛି, ଯାହା ଉକ୍ତ ସେଗ୍‌ମେଣ୍ଟରେ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ସୁନିଶ୍ଚିତ କରୁଛି। ଏକ ବିଶାଳ ବ୍ୟାଟେରିକୁ ପର୍ଯ୍ୟାପ୍ତ ଶକ୍ତି ପ୍ରଦାନ କରି ଏହାର ୧୦ୱାଟ୍ ଚାର୍ଜିଙ୍ଗ୍ ସପୋର୍ଟ ଏକ ପର୍ଯ୍ୟାପ୍ତ ବ୍ୟାଟେରି ବ୍ୟାକ୍‌ଅପ୍ ଦେଉଛି। ଏକ ଷ୍ଟାଇଲିଶ ବ୍ୟାକ୍ ପ୍ୟାନେଲ ଥିବା ପୋକୋ ସି୫୫ ଏକ ଲେଦର ଭଳି ଷ୍ଟିଚ୍ ଡିଜାଇନ୍ ଓ ଏକ ରିୟର ଫିଙ୍ଗରପ୍ରିଣ୍ଟ ସେନ୍ସର ପ୍ରଦର୍ଶିତ କରୁଛି। ୩ଟି ଉତ୍ସାହଜନକ କଲର ଯଥା ଫରେଷ୍ଟ ଗ୍ରୀନ୍, କୁଲ ବ୍ଲୁ ଓ ପାୱାର ବ୍ଲାକ୍‌ରେ ଏହା ଉପଲବ୍ଧ। ଏ ସମ୍ପର୍କରେ ପୋକୋ ଇଣ୍ଡିଆର କଣ୍ଟ୍ରି ହେଡ୍ ହିମାଂଶୁ ଟଣ୍ଡନ କହିଛନ୍ତି, 'ପୋକୋ ଏହାର ସି-ସିରିଜ୍ ପୋର୍ଟଫୋଲିଓ ସହିତ ୧୦,୦୦୦ ଟଙ୍କାରୁ କମ୍ ମୂଲ୍ୟ ବର୍ଗରେ ଏକ ପ୍ରତିଧ୍ୱନିତ ସଫଳତା ଦେଖିଛି। ଆମେ ସର୍ବୋତ୍ତମ ଓ ସବୁଠାରୁ ଶକ୍ତିଶାଳୀ ସ୍ମାର୍ଟଫୋନ୍ ସହିତ ବଜେଟ ସେଗ୍‌ମେଣ୍ଟର ସ୍ତର ଉନ୍ନତ କରିବା ପାଇଁ ଉତ୍ସାହିତ ରହିଛୁ, ଯାହା ଏକ ବାସ୍ତବ ଗେମ୍ ଚେଞ୍ଜର ହେବ।

## ସଫଳ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର

ଭୁବନେଶ୍ୱର,୨୪।୨



ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ଆମ୍ରି ହସ୍ପିଟାଲରେ ନିକଟରେ ଆଉ ଏକ ବିରଳ ଅସ୍ତ୍ରୋପଚାର ସଫଳତାର ସହ ଶେଷହୋଇଛି। ଏପରିକି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମ୍ରି ହସ୍ପିଟାଲ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ବିଶେଷକରି ଓଡ଼ିଶାରେ ପ୍ରଥମକରି ରୋବୋଟିକ୍ ମେଶିନ ଜରିଆରେ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଛି। ଭୁବନେଶ୍ୱରର ଆମ୍ରି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୨ଜଣ ବୟସ୍କ ମହିଳା ଏବଂ ଜଣେ ପୁରୁଷଙ୍କର ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସୁନୀଲ ଦାଶଙ୍କ ନେତୃତ୍ୱରେ ଉକ୍ତ ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ଏକ ୩ ଜଣିଆ ଡାକ୍ତରୀ ଟିମ୍ ଡା. ଦାଶଙ୍କୁ ଆବଶ୍ୟକ ସହଯୋଗ କରିଥିଲେ। ଏପରିକି ଅସ୍ତ୍ରୋପଚାର ପରେ ସମସ୍ତ ୩ ରୋଗୀ ସୁସ୍ଥ ଅନୁଭବ କରିବା ସହ ଚଲାବୁଲା କରିଛନ୍ତି। ସମ୍ପର୍କରେ ଡା. ଦାଶ କହିଛନ୍ତି, ଓଡ଼ିଶାରେ ପ୍ରଥମକରି ଆମ୍ରି ହସ୍ପିଟାଲରେ ଆମେ ରୋବୋଟିକ୍ ସାହାଯ୍ୟରେ ଆଣ୍ଠୁ ପ୍ରତିରୋପଣ ସଫଳତାର ସହ ଆରମ୍ଭ କରିଛୁ। ମୋର ଆଶା ଯେତେ ଜଟିଳ ଆଣ୍ଠୁ ସମସ୍ୟାଜନିତ ରୋଗ ରହିଥିଲେ ମଧ୍ୟ ତାହା ରୋବୋଟିକ୍ ମେଶିନ ଦ୍ୱାରା ସହଜରେ ନିରାକରଣ କରିହେବ। ଆଣ୍ଠୁଜନିତ ବିଭିନ୍ନ ସମସ୍ୟାରେ ପ୍ରଭାବିତ ହେଉଥିବା ରୋଗୀମାନଙ୍କୁ ରୋବୋଟିକ୍ ମେଶିନ ଅତି ସହଜରେ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର କରିପାରିବ। ଏପରିକି ଅତ୍ୟାଧୁନିକ ପ୍ରଣାଳୀରେ ନିର୍ମିତ ଏହି ମେଶିନରେ ବାହୁ ଓ ହ୍ୟାଣ୍ଡ ରହିଛି, ଯାହା ନଷ୍ଟ ହୋଇଯାଇଥିବା ଟିସ୍ୟୁକୁ ଅତି ସହଜରେ ବାହାର କରି କୃତ୍ରିମ ଖଞ୍ଜା ସହିତ ଯୋଡ଼ିଥାନ୍ତି। ରୋଗୀ କମ୍ ଯନ୍ତ୍ରଣା ଅନୁଭବ କରନ୍ତି ଓ କ୍ଷତ ଶୀଘ୍ର ଶୁଖିବା ସହିତ କମ୍ ଦିନରେ ଚଳପ୍ରଚଳ କରିପାରନ୍ତି।

## କାନାରା ବ୍ୟାଙ୍କର ମେଗା ରିଟେଲ ଲୋନ୍ ଏକ୍ସପୋ

ଭୁବାନଶ୍ୱର,୨୪।୨

କାନାରା ବ୍ୟାଙ୍କର ୨ ଦିନିଆ ମେଗା ରିଟେଲ ଲୋନ୍ ଏକ୍ସପୋ ଶୁକାବାରଠାରୁ ଆରମ୍ଭ ହୋଇଯାଇଛି। ଏହା ଜେନେରାଲ ମ୍ୟାନେଜର ବି.ଏଲ୍.ମୀନାଙ୍କ ନେତୃତ୍ୱରେ ବ୍ୟାଙ୍କର ସର୍କଲ ଅଫିସ୍ ପରିସରରେ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ପ୍ରତିଷ୍ଠିତ ବିଲ୍ଡର ଏବଂ ନାମୀଦାମୀ ଗାଡ଼ିର ଡିଲରମାନେ ମଧ୍ୟ ଯୋଗଦେଇଛନ୍ତି। ଉକ୍ତ ଏକ୍ସପୋରେ ବିଭିନ୍ନ କମ୍ପାନୀ ସେମାନଙ୍କର ନୂତନ ପ୍ରଡକ୍ଟ ପ୍ରଦର୍ଶନ କରୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କାନାରା ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଋଣଗୁଡ଼ିକୁ ଗ୍ରାହକମାନେ ସୁଲଭ ଓ ସୁବିଧାରେ ପାଇପାରିବେ। ବିଶେଷକରି ବ୍ୟାଙ୍କ ଆବାସ ଋଣ, ଗାଡ଼ି ଋଣ, ଶିକ୍ଷା ଋଣ ଏବଂ ବନ୍ଧକ ଋଣ ଉପରେ ସମସ୍ତ ଶୁଳ୍କ ଛାଡ଼ କରିଛନ୍ତି। କିନ୍ତୁ ଉକ୍ତ ଶୁଳ୍କ ଛାଡ଼ ନିଷ୍ପତ୍ତି ସୀମିତ ଅବଧି ପାଇଁ ଧାର୍ଯ୍ୟ ରହିଛି। ସେହିଭଳି ବ୍ୟାଙ୍କର ଗ୍ରାହକଙ୍କ ସ୍ୱାର୍ଥ ଏବଂ ସୁବିଧାକୁ ନଜରରେ ରଖି ବ୍ୟାଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଛି। ଅପରପକ୍ଷରେ ଉକ୍ତ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଗ୍ରାହକ ଯୋଗଦେଇ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧାର ଲାଭ ଉଠାଇବେ ବୋଲି ବ୍ୟାଙ୍କ ପକ୍ଷରୁ ଆଶା କରାଯାଉଛି। ଏକ୍ସପୋର ଉଦ୍‌ଘାଟନୀ ଉତ୍ସବରେ ବ୍ୟାଙ୍କ ଦ୍ୱାରା ଆବାସ ଋଣ, ଗାଡ଼ି ଋଣ ଏବଂ ଶିକ୍ଷାଋଣ ଭଳି ସୁବିଧା ୧୫୦ ଜଣ ଲାଭାର୍ଥୀଙ୍କୁ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ଏକ୍ସପୋର ୧ମ ଦିନ ହୋଇଥିବା ବେଳେ ୨ୟ ଦିନରେ ସବୁ ବର୍ଗର ଗ୍ରାହକ ଅଂଶ ଗ୍ରହଣ କରିବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।




ଓଜୋନ୍ ଫାର୍ମାସ୍ୟୁଟିକାଲର ନୂତନ ଉତ୍ପାଦ 'କ୍ୟୁଇକ୍'ର ଉନ୍ମୋଚନ ସହ ଓଡ଼ିଶା ବଜାର ପ୍ରବେଶ ଅବସରରେ ବାମରୁ କମ୍ପାନୀର ସଭାପତି ମହମ୍ମଦ ସୟିଦ, କ୍ଲଷ୍ଟର ହେଡ୍ ସୌରଭ ବାନାର୍ଜୀ, ନିର୍ଦ୍ଦେଶକ କରଣ ସେହେଗଲ ଏବଂ ଜିଏମ୍ ମାର୍କଣ୍ଡେୟ ତିୱାରୀ ଉପସ୍ଥିତ ଅଛନ୍ତି।

## ଏଚ୍‌ପିର ଓମେନ୍ ପ୍ଲେ ଗ୍ରାଉଣ୍ଡ ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୨

ଦେଶର ପ୍ରମୁଖ ଆଇଟି ବ୍ରାଣ୍ଡ୍ ଏଚ୍‌ପିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ଡିଜାଇନ ହୋଇଥିବା 'ଓମେନ୍ ପ୍ଲେ ଗ୍ରାଉଣ୍ଡ ଷ୍ଟୋର' ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଶୁଭାରମ୍ଭ କରାଯାଇଛି। ଏପରିକି ଇ ମାର୍ଟ ଫର୍ ୟୁ ପ୍ରାଇଭେଟ୍ ଲିମିଟେଡ୍ ଆନୁକୂଲ୍ୟରେ ଏହାର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶୁକ୍ରବାର ସ୍ଥାନୀୟ ଶହୀଦନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏଚ୍‌ପି କଞ୍ଜ୍ୟୁମର ବିଜ୍‌ନେସ୍, ବରିଷ୍ଠ ନିର୍ଦ୍ଦେଶକ ଭିନୀତ ଗେହନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରି କହିଥିଲେ, ଆମର ଏହି ଷ୍ଟୋର ସମଗ୍ର ପୂର୍ବ ଭାରତରେ ବେଶ୍ ସ୍ୱତନ୍ତ୍ରତା ବହନ କରୁଛି। ଏଠାରେ ସବୁବର୍ଗର ଗେମିଂ ପ୍ରେମୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସୁବ୍ୟବସ୍ଥା କରାଯାଇଛି। ସେହିପରି ଏକ ଉତ୍ତମ ପରିବେଶ ମଧ୍ୟରେ ଗ୍ରାହକଙ୍କ ଗେମିଂ ଉତ୍କଣ୍ଠା ଚରିତାର୍ଥ କରିବାରେ ଏହା ବେଶ୍ ସହାୟକ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୀତୀଶ ସିଂଘଲ, ନ୍ୟାଶନାଲ ସେଲ୍ସ ମ୍ୟାନେଜର (ଉତ୍ତର ଓ ପୂର୍ବ) ମନୀଷ ସୁଦ୍, ଏଚ୍‌ପି ୱାର୍ଲ୍ଡ ହେଡ୍ ବିନାୟକ ସେନୋଏ, ଗୌରବ ଜେଟ୍‌ଲୀ, ସନ୍ତୋଷ ମଣ୍ଡଳ, ଜୟପ୍ରକାଶ ପାଣି, ରୋହନ ରଏ, ଆଦିତ୍ୟ ଶାହା,ସାଭେକ୍ସର ନିର୍ଦ୍ଦେଶକ ସୌରଭ ନାୟକ, ସିନିୟର ପ୍ରଡକ୍ଟ ମ୍ୟାନେଜର ସ୍ୱପ୍ନିଲ ରାଣେଙ୍କ ସମେତ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଫୁର୍‌ସତ୍

# ଘର ପ୍ରବେଶ ଦ୍ୱାରରେ କବର



**ଅମରାବତି:** କେବେ ଏମିତି ଗାଁ ଦେଖିଛନ୍ତି, ଯେଉଁଠାରେ ପ୍ରତ୍ୟେକ ଘରର ପ୍ରବେଶ ଦ୍ୱାରରେ କବର ରହିଛି। ଆନ୍ଧ୍ରପ୍ରଦେଶର ଆୟାକୋଣ୍ଡା ନାମକ ଏକ ଗାଁକୁ ଗଲେ ଅନୁଭବ କରିବେ ବୋଧେ କବର ସ୍ଥାନକୁ ଆସିଛନ୍ତି। ଏହି ଗାଁ ପୂରା କବରରେ ପରିପୂର୍ଣ୍ଣ। ପ୍ରତ୍ୟେକ ଘର ବାହାରେ ଗୋଟିଏ କିମ୍ବା ଦୁଇଟି କବର ଦେଖିବାକୁ ପାଇବେ। ଏଠାରେ ଅନ୍ୟ କିଛି ଅଜବ ପ୍ରଥା ଅଛି, ଯାହାକୁ ଲୋକମାନେ ଅନୁସରଣ କରନ୍ତି। ଆୟାକୋଣ୍ଡା କୁର୍ନୁଲ ଜିଲାଠାରୁ ୬୬ କିଲୋମିଟର ଦୂରରେ ଥିବା ଗୋନେଗାଣ୍ଡାଲ ମଣ୍ଡଳର ଏକ ପାହାଡ଼ ଉପରେ ଅବସ୍ଥିତ। କିଛି ଲୋକ ଗାଁକୁ ଇକୋଣ୍ଡା ବୋଲି ମଧ୍ୟ କହିଥାନ୍ତି। ମାଲା ଦସାରୀ ସମ୍ପ୍ରଦାୟର ପ୍ରାୟ ୨୦୦ ପରିବାର ଏଠାରେ ରୁହନ୍ତି। ଏଠାରେ କୌଣସି ଶ୍ମଶାନ ନାହିଁ। ସେମାନଙ୍କ ସମ୍ପର୍କୀୟଙ୍କ ମୃତ୍ୟୁ ପରେ ଗାଁର ଲୋକମାନେ ମୃତଦେହକୁ ଘର ଆଗରେ ସମାଧି ଦେଇଥାନ୍ତି। ଏହା ପରେ ସେଠାରେ ଏକ କବର ତିଆରି କରନ୍ତି। ପ୍ରାୟ ୨୦୦ ବର୍ଷ ଧରି, ପ୍ରତ୍ୟେକ ପରିବାର ଏହି ରୀତିନୀତି ଅନୁସରଣ କରିଆସୁଛନ୍ତି। ମହିଳା ଏବଂ ଶିଶୁମାନେ ସେମାନଙ୍କ ଚାରିପାଖରେ ରୁହନ୍ତି। ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏହି ସମାଧିଟି ସେମାନଙ୍କ ପାଇଁ ଉପାସନା ସ୍ଥାନ ପରି। ଗ୍ରାମବାସୀ କହିଛନ୍ତି, ଏହି କବରଗୁଡ଼ିକ ସେମାନଙ୍କ ପୂର୍ବପୁରୁଷଙ୍କର ଅଟେ। ଯାହାକୁ ସେମାନେ ପ୍ରତିଦିନ ପୂଜା କରନ୍ତି। ଘରେ ରନ୍ଧା ହୋଇଥିବା ଖାଦ୍ୟ ମୃତକଙ୍କ କବରକୁ ନ ଆସିବା ପର୍ଯ୍ୟନ୍ତ ପରିବାର ସଦସ୍ୟ ଖାଦ୍ୟ ସ୍ପର୍ଶ କରନ୍ତି ନାହିଁ। କେବଳ ଏତିକି ନୁହେଁ, ଯେତେବେଳେ ସେମାନେ ନୂତନ ଜିନିଷ କିଣନ୍ତି, ସେମାନେ ପ୍ରଥମେ ସେମାନଙ୍କୁ ଏହି କବରଗୁଡ଼ିକ ଆଗରେ ରଖନ୍ତି, କେବଳ ସେତେବେଳେ ବ୍ୟବହାର କରିବା ଆରମ୍ଭ କରନ୍ତି। ଏଠାରେ ଆଉ ଏକ ଅଜବ ପରମ୍ପରା ଅଛି। ଲୋକମାନେ କେବେ ବିଛଣାରେ ଶୁଅନ୍ତି ନାହିଁ।ଏହା ପଛରେ ଏକ କାହାଣୀ ମଧ୍ୟ ଅଛି। ଗ୍ରାମବାସୀଙ୍କ କହିବାନୁସାରେ, ବହୁ ପୂର୍ବରୁ ଗାଁରେ ନାଲା ରେଡ୍ଡୀ ନାମକ ଜଣେ ଜମିଦାର ଥିଲେ। ଯେତେବେଳେ ନାଲା ରେଡ୍ଡୀ ବିବାହ କରିଥିଲେ, ସେତେବେଳେ ସେ ଯୌତୁକରେ ଖଟ ପାଇଲେ ନାହିଁ। ସେବେଠାରୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି ଯେ, ସେମାନେ ଖଟ ଉପରେ ଶୋଇବେ ନାହିଁ। ସେହିଦିନଠାରୁ ଏହି ପରମ୍ପରା ପାଳନ କରାଯାଉଛି। ଏପରିକି ଗର୍ଭବତୀ ମହିଳାଙ୍କୁ ଚଟାଣରେ ଶୋଇବାକୁ ପଡ଼େ ଏବଂ ପ୍ରସବ ପରେ ମଧ୍ୟ ଚଟାଣରେ ହୋଇଥାଏ। ଲୋକମାନେ ନାଲା ରେଡ୍ଡୀଙ୍କୁ ଜଣେ ଆଧାତ୍ମିକ ଗୁରୁ ଭାବରେ ବିବେଚନା କରନ୍ତି। ତାଙ୍କର ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି ଯେଉଁଥିରେ ତାଙ୍କୁ ପୂଜା କରାଯାଏ। ଏଠାକାର ଲୋକମାନେ ଅନ୍ୟ କୌଣସି ଗାଁ କିମ୍ବା ଜାତିରେ ବିବାହ କରନ୍ତି ନାହିଁ। କିଛିଦିନ ପୂର୍ବରୁ ବାଲ୍ମିକୀ ବୋୟା ସମ୍ପ୍ରଦାୟର ଦୁଇଜଣ ଲୋକ ବସବାସ ଆରମ୍ଭ କରିଥିଲେ। କିନ୍ତୁ ରହସ୍ୟମୟ ଭାବରେ ସେମାନେ ଅଜ୍ଞାତ ରୋଗର ଶିକାର ହୋଇଥିଲେ। ଏହା ପରେ ତାଙ୍କୁ ଗାଁ ଛାଡ଼ିବାକୁ ପଡ଼ିଥିଲା।

# ଫେରୁଛନ୍ତି କରିସ୍ମା



**ମୁମ୍ବାଇ:** ବଲିଉଡରେ ୯୦ ଦଶକର ଆଗଧାଡିର ନାୟିକା ଥିଲେ କରିସ୍ମା କପୁର। ବିବାହ ପରେ ସେ ବଲିଉଡରୁ ଏକ ପ୍ରକାର ଦୂରେଇ ଯାଇଥିଲେ । ଏବେ ପୁଣିଥରେ କରିସ୍ମାଙ୍କ କରିସ୍ମା ଦେଖିବାକୁ ମିଳିବ । ଖୁବଶୀଘ୍ର କରିସ୍ମା ୱେବ୍ ସିରିଜ 'ବ୍ରାଉନ' ସହ ଅଭିନୟ ଦୁନିଆକୁ ଫେରିବାକୁ ଯାଉଛନ୍ତି। ଏଥିରେ କରିସ୍ମା ରିତା ବ୍ରାଉନ ଭୂମିକାରେ ନଜର ଆସିବେ, ଯେ କି ଜଣେ ପୋଲିସ ଅଫିସର । କରିସ୍ମା ତାଙ୍କ କ୍ୟାରେକ୍ଟରକୁ ନେଇ ବହୁତ କିଛି କଥା ହୋଇଛନ୍ତି। ରିତା ବ୍ରାଉନଙ୍କ ଚରିତ୍ର ଗ୍ଲାମର ଓ ଚକାକକରୁ ଦୂରରେ । ଏହା ଏକ ଥ୍ରୀଲର ସିରିଜ ହୋଇଥିବା ବେଳେ କରିସ୍ମା ଏହାକୁ ନେଇ ଖୁବ୍ ଏକ୍ସାଇଟେଡ୍ ଅଛନ୍ତି । ଅଭିକ ବରୁଆଙ୍କ ବ୍ରାଉନ ୱେବ ସିରିଜ ୨୦୧୬ରେ ଆସିଥିବା ବୁକ 'ସିଟି ଅଫ୍ ଡେଥ'କୁ ଭିତ୍ତିକରି ହୋଇଛି । ଏହି ସିରିଜକୁ ଅଭିନୟ ଦେବ ନିର୍ଦ୍ଦେଶନା ଦେଇଛନ୍ତି । ସିରିଜ ବ୍ରାଉନରେ କରିସ୍ମା କପୁର, ହେଲେନ, ସୋମି ରାଜଦାନ, ସୂର୍ଯ୍ୟା ଶର୍ମା ଓ କେକେ ରୈନାଙ୍କ ଭଳି କଳାକାର ନଜର ଆସିବେ। ଅଭିନୟ ଦୁନିଆକୁ ପୁଣିଥରେ ଫେରିଥିବା କରିସ୍ମା କୁହନ୍ତି, ରିତା ବ୍ରାଉନ ତାଙ୍କ ପାଇଁ ଏକ ଭିନ୍ନ ଚରିତ୍ର। ଚରିତ୍ରଟି ଗ୍ଲାମରଠାରୁ ଦୂରରେ ଥିବାରୁ ମୋତେ ଅଧିକ ପସନ୍ଦ ଆସିଛି। ତେବେ ଏହି ଚରିତ୍ରରେ ଅଭିନୟ କରିବାକୁ କରିସ୍ମା ଖୁବ ମେହନତ କରିଛନ୍ତି । ବିନା ମେକ୍‌ଅପରେ ସେ ଥକା ଦେଖାଯିବାର ଅଭିନୟ ବି କରିଛନ୍ତି। ଏହି ଚରିତ୍ରରେ ଅଭିନୟ କରିବାକୁ ସେ ବଙ୍ଗାଳି ଶିଖିବା ସହ ସିଗାରେଟ ରୋଲ କରିବା ବି ଶିଖିଯାଇଛନ୍ତି।

## କାନାଡା ନାଗରିକତ୍ୱ ଛାଡ଼ିବେ ଅକ୍ଷୟ



**ମୁମ୍ବାଇ:** ଭାରତରେ ଥାଇ ବି କାନାଡୀୟ ନାଗରିକତ୍ୱ ରଖିଥିବାରୁ ଟ୍ରୋଲ ହୋଇ ଆସୁଥିଲେ ବଲିଉଡ୍ ଖିଲାଡି କିଙ୍ଗ୍ ଅକ୍ଷୟ କୁମାର। ଏବେ ସେ କାନାଡୀୟ ନାଗରିକତ୍ୱ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏକ ସାକ୍ଷାତକାରରେ ଅକ୍ଷୟ କହିଛନ୍ତି, ଭାରତ ତାଙ୍କ ଲାଗି ସବୁକିଛି। ସେ ଯାହା ବି ରୋଜଗାର କରିଛନ୍ତି, ଏଠାରେ ରହି ଅର୍ଜନ କରିଛନ୍ତି। ଲୋକେ ଯେତେବେଳେ ନାଗରିକତ୍ୱକୁ ନେଇ ପ୍ରଶ୍ନ କରନ୍ତି ତାଙ୍କୁ ଖରାପ ଲାଗେ। କିଛି ନ ଜାଣି ସମସ୍ତେ ତାଙ୍କୁ କାଠଗଡ଼ାରେ ଛିଡ଼ା କରାନ୍ତି ବୋଲି ସେ କହିଛନ୍ତି। ଅକ୍ଷୟ କହିଛନ୍ତି, ୧୯୯୦-୨୦୦୦ ଦଶକରେ ସେ ଅନେକ ଫିଲ୍ମରେ କାମ କରିଥିଲେ। ଲଗାତାର ଭାବେ ୧୫ ଫିଲ୍ମ ଫ୍ଲପ ହୋଇଥିଲା। ଅଭିନେତା ଭାବେ ନିରାଶ ହେବା ପରେ ଆଉ କିଛି କାମ କରିବେ ବୋଲି ସେ ଭାବିଥିଲେ। ଏନେଇ ସେ କାନାଡ଼ାରେ ଥିବା ବନ୍ଧୁଙ୍କ ପରାମର୍ଶ ଲୋଡି ସେଠାକୁ ଯିବାକୁ ସ୍ଥିର କରିଥିଲେ। ଏହି ସମୟରେ ସେ କାନାଡ଼ାର ନାଗରିକତ୍ୱ ଲାଗି ଆବେଦନ କରିଥିଲେ। ମାତ୍ର ବିଧିର ବିଧାନ ଥିଲା ବିଚିତ୍ର। ଅକ୍ଷୟଙ୍କ ଅଭିନୀତ ବାକି ୨ ଫିଲ୍ମ ସୁପରହିଟ ହୋଇଥିଲା। ବନ୍ଧୁ ତାଙ୍କୁ ଭାରତ ଫେରି କାମ କରିବାକୁ କହିଥିଲେ। କାନାଡ଼ାରୁ ଫେରି ସେ ଅଭିନୟରେ ପୂରା ମନୋନିବେଶ କରିଥିଲେ। ହେଲେ ତାଙ୍କ ପାଖରେ କାନାଡ଼ା ପାସପୋର୍ଟ ଥିବା ସେ ଭୁଲିଯାଇଥିଲା। ଏବେ ସେ ଆବେଦନ କରିଛନ୍ତି। ଖୁବ୍‌ଶୀଘ୍ର ପାସପୋର୍ଟ ବଦଳି ଯିବ ବୋଲି ଅକ୍ଷୟ ସ୍ପଷ୍ଟ କରିଛନ୍ତି।

## ନିଜ ରିସେପ୍‌ଶନରେ ପହଞ୍ଚିପାରିଲେନି ବରକନ୍ୟା



**ୱାଶିଂଟନ:** ଆମେରିକାରେ ଏକ ଦମ୍ପତିଙ୍କ ବିବାହ ରିସେପ୍‌ଶନରେ ଅଜବ ଘଟଣା ଘଟିଥିଲା। ଫଳରେ ଉଭୟ ସେମାନଙ୍କ ରିସେପ୍‌ଶନରେ ଯୋଗ ଦେବାରୁ ବଞ୍ଚିତ ହୋଇଥିଲେ। କାରଣ ସେମାନେ ଏକ ବଡ଼ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କୁ ବଞ୍ଚାଇବା ପାଇଁ ଅଗ୍ନିଶମ ବାହିନୀକୁ ଡାକିବାକୁ ପଡ଼ିଥିଲା। ଆମେରିକାର ଉତ୍ତର କାରୋଲିନାରେ ଏକ ଗ୍ରାଣ୍ଡ ବୋହେମିୟନ ହୋଟେଲ ଅଛି। ଭିକ୍ଟୋରିଆ ଏବଂ ପାନଭା ଝା'ଙ୍କ ରିସେପ୍‌ଶନ ୧୬ ମହଲାରେ ଅନୁଷ୍ଠିତ ହେବାର ଥିଲା। କାର୍ଯ୍ୟସୂଚୀ ଏବଂ ବ୍ୟବସ୍ଥା ଅନୁଯାୟୀ ସବୁକିଛି ଠିକ୍‌ଠାକ ଥିଲା। ମାତ୍ର ହଠାତ୍ ଏକ ସମସ୍ୟା ଉପୁଜିଥିଲା। ବର ଏବଂ କନ୍ୟା ସେଠାରେ ପହଞ୍ଚି ୧୬ତମ ମହଲାକୁ ଯାଉଥିବାବେଳେ ଲିଫ୍ଟ ଅଟକି ଯାଇଥିଲା। ସେମାନେ ସେତେବେଳକୁ ପ୍ରଥମ ଏବଂ ଦ୍ୱିତୀୟ ମହଲା ମଧ୍ୟରେ ପହଞ୍ଚିଥିଲେ। ତାଙ୍କ ଲିଫ୍ଟ ହଠାତ୍ ବନ୍ଦ ହୋଇଗଲା। ସେମାନେ ଭାବିଲେ ସମସ୍ୟାଟି କିଛି ମିନିଟ ପାଇଁ ହୋଇଛି। ପରେ ସବୁକିଛି ଠିକ୍ ହୋଇଯିବ। କିନ୍ତୁ ତାହା ହୋଇ ନ ଥିଲା। ଉଭୟ ପରିବାରର କିଛି ସଦସ୍ୟଙ୍କ ସହ ଉଭୟ ୨ ଘଣ୍ଟା ଧରି ଲିଫ୍ଟରେ ଅଟକି ରହିଥିଲେ। କନ୍ୟାଙ୍କ ଭଉଣୀ ଲିଫ୍ଟରେ ଥିଲେ ଏବଂ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଅନ୍ୟ ୩ ଅତିଥି ମଧ୍ୟ ବରକନ୍ୟାଙ୍କ ସହିତ ସେହି ଲିଫ୍ଟରେ ଫସି ରହିଥିଲେ। ଯେତେବେଳେ ଲିଫ୍ଟ ଖୋଲିଲା ନାହିଁ, ଅଗ୍ନିଶମ ବାହିନୀକୁ ଡାକିବାକୁ ପଡ଼ିଲା। ଚାର୍ଲୋଟ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରିଥିଲେ।

ଓଏସ୍ଏଲ୍ଏସ୍ଏରେ ବିକଳ୍ପ ବିବାଦ ସମାଧାନ

# ବୃଦ୍ଧା ମା'ଙ୍କୁ ଘରକୁ ନେଲେ ପୁଅ



କଟକ ଜିଲା ଆଇନ ସେବା ପ୍ରାଧିକରଣରେ ଆପୋସ ସମାଧାନବେଳେ ଉପସ୍ଥିତ ବୃଦ୍ଧା ମାଆ, ତାଙ୍କ ପୁଅବୋହୂ ଓ ଅନ୍ୟମାନେ।

**କଟକ ଅଫିସ, ୨୪।୨:** ବିକଳ୍ପ ବିବାଦ ସମାଧାନ ମାଧ୍ୟମରେ ବୃଦ୍ଧା ମା'ଙ୍କୁ ତାଙ୍କ ପୁଅ ଘରକୁ ନେଇଛନ୍ତି। ଆପୋସ ବୁଝାମଣା ମାଧ୍ୟମରେ ରାଜ୍ୟ ଆଇନସେବା ପ୍ରାଧିକରଣ (ଓଏସ୍ଏଲ୍ଏସ୍ଏ) ଦ୍ୱାରା ଏହା କରାଯାଇଛି। ଓଏସ୍ଏଲ୍ଏସ୍ଏରୁ ମିଳିଥିବା ସୂଚନା ମୁତାବକ, ବାଲେଶ୍ୱର ଜିଲା କମର୍ଦା ଥାନା ଅନ୍ତର୍ଗତ ଆରୁହା ଗ୍ରାମର ଆନନ୍ଦିନୀ ଦାସ(୭୩)ଙ୍କୁ ତାଙ୍କ ପୁଅ ଚିକିତ୍ସା ଓ ଦେଖାଶୁଣା କରୁ ନ ଥିବା ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସମସ୍ୟା ସମାଧାନ ନିମନ୍ତେ ହାଇକୋର୍ଟ ସମ୍ପୃକ୍ତ ବୃଦ୍ଧାଙ୍କୁ ଓଏସ୍ଏଲ୍ଏସ୍ଏକୁ ପଠାଇଥିଲେ। ଗତ ୮ ତାରିଖରେ ବୃଦ୍ଧା ଓ ତାଙ୍କର ଦୁଇ ସମ୍ପର୍କୀୟ ଓଏସ୍ଏଲ୍ଏସ୍ଏରେ ପହଞ୍ଚିଥିଲେ। ପ୍ରାଧିକରଣରେ ପହଞ୍ଚିବା ପରେ ଆନନ୍ଦିନୀ ମେଡିକାଲ ଚିକିତ୍ସା ପାଇଁ ଅନୁରୋଧ କରିଥିଲେ। ଏଥିସହ ପୁଅ, ବୋହୂ ମାଡ଼ଗାଳି ଦେଉଥିବା ବିଷୟରେ କହିଥିଲେ। ଏହାପରେ ପ୍ରାଧିକରଣ ସଦସ୍ୟ ସଚିବ ବୃଦ୍ଧାଙ୍କ ଚିକିତ୍ସା ବ୍ୟବସ୍ଥା କରିବାକୁ କଟକ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆନନ୍ଦିନୀଙ୍କୁ କଟକ ବଡ଼ ମେଡିକାଲର ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ଏଥିସହ ଓଏସ୍ଏଲ୍ଏସ୍ଏ ସଦସ୍ୟ ସଚିବ ବାଲେଶ୍ୱର ଜିଲା ଆଇନ ସେବା ପ୍ରାଧିକରଣକୁ ଆନନ୍ଦିନୀଙ୍କ ଅଭିଯୋଗର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୨ ତାରିଖରେ ବାଲେଶ୍ୱର ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟରେ ଆନନ୍ଦିନୀଙ୍କ ପୁଅ ଓ ବୋହୂ ଉପସ୍ଥିତ ହୋଇଥିଲେ। ବହୁ ବୁଝାଶୁଝା ପରେ ପୁଅ ରବୀନ୍ଦ୍ର କୁମାର ଦାସ ତାଙ୍କ ମା'ଙ୍କୁ କଟକ ବଡ଼ ମେଡିକାଲରୁ ଫେରାଇ ନେବାକୁ ସହମତି ପ୍ରକାଶ କରିଥିଲେ। ମା' ମଧ୍ୟ ଘରକୁ ଯିବା ପାଇଁ ରାଜି ହୋଇଥିଲେ। ଉଭୟ ମା' ଓ ପୁଅଙ୍କୁ କଟକ ଜିଲା ଆଇନ ସେବା ପ୍ରାଧିକରଣକୁ ନିଆଯାଇଥିଲା। ଆପୋସ ବୁଝାମଣା ପରେ ପୁଅ ଭବିଷ୍ୟତରେ ମା'ଙ୍କର ସମସ୍ତ ଚିକିତ୍ସା ଓ ଦେଖାଶୁଣା କରିବେ ବୋଲି ଲିଖିତ ଭାବେ ଜଣାଇଥିଲେ। ଏହିପରି ବିକଳ୍ପ ବିବାଦ ସମାଧାନ ମାଧ୍ୟମରେ ଉଭୟ ମା' ଓ ପୁଅଙ୍କ ଖୁସି ଫେରି ଆସିଥିଲା।

# ଓଡ଼ିଆରେ ଅନୂଦିତ ହେବ ଗୀତାଞ୍ଜଳି ଶ୍ରୀଙ୍କ ଉପନ୍ୟାସ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଅନ୍ତର୍ଜାତୀୟ ବୁକର୍ ପୁରସ୍କାରପ୍ରାପ୍ତ ଉପନ୍ୟାସ 'ରେତ୍ ସମାଧି'(ଟମ୍ବ ଅଫ୍ ଦି ସ୍ୟାଣ୍ଡ)ର ଓଡ଼ିଆ ଅନୁବାଦ ହେବ। ଏହାର ଓଡ଼ିଆ ଅନୁବାଦ ପ୍ରକାଶ କରିବା ପାଇଁ ଧଉଳି ବୁକ୍ସ ଭୁବେନଶ୍ୱରକୁ ଲେଖିକା ଗୀତାଞ୍ଜଳୀ ଶ୍ରୀ ଅନୁମତି ଦେଇଥିବା ସ୍ୱତ୍ତ୍ୱାଧିକାରୀ ମନୁ ଦାସ ଜଣାଇଛନ୍ତି। ଏ ନେଇ ଏକ ଚୁକ୍ତିପତ୍ର ଲେଖିକାଙ୍କ ପ୍ରତିନିଧି ଡାଭିଡ୍ ଗଡ୍ୱିନ୍ ଆସୋସିଏଟ୍ସଙ୍କ ସହ ସ୍ୱାକ୍ଷରିତ ହୋଇଥିବା ଦାସ କହିଛନ୍ତି। ଏହା ହେବ ଅନ୍ତର୍ଜାତୀୟ ବୁକର ପୁରସ୍କାରପ୍ରାପ୍ତ ଉପନ୍ୟାସର ପ୍ରଥମ ଓଡ଼ିଆ ଅନୁବାଦ। ଏହା ପୂର୍ବରୁ ଧଉଳି ବୁକ୍ସ ବହୁ ପ୍ରଥିତଯଶା ଭାରତୀୟ ଲେଖକଙ୍କର ଅନେକ ପୁସ୍ତକ ଓଡ଼ିଆରେ ଅନୁବାଦ କରିବା ସହ ପ୍ରକାଶନ କରିଛି।

# ଦୟା ୱେଷ୍ଟ କେନାଲ ସଂଲଗ୍ନ ରାସ୍ତାର ହେବ ଉନ୍ନତୀକରଣ

**୬ ଲେନ୍ ବିଶିଷ୍ଟ କଟକ ଓ ଜଟଣୀ ରାସ୍ତା ମଧ୍ୟରେ ହେବ ସିଧାସଳଖ ଯୋଗାଯୋଗ**

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ଦୟା ୱେଷ୍ଟ କେନାଲ ସଂଲଗ୍ନ ରାସ୍ତାର ଉନ୍ନତୀକରଣ ନିମନ୍ତେ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ କରାଯିବ। ଏହାଦ୍ୱାରା କଟକ ବାରଙ୍ଗ ଏବଂ ଜଟଣୀର ରେତଙ୍ଗ ମଧ୍ୟରେ ସିଧାସଳଖ ସଡ଼କ ସଂଯୋଗ ହୋଇପାରିବ। ଏହାସହ କଟକ-ପୁରୀ ରୋଡ ଠାରୁ ରବିଟକିଜ ଏବଂ ଜୟଦେବ ବିହାର ଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ଟ୍ରାଫିକ୍ ଭିଡ ନିୟନ୍ତ୍ରଣ ହୋଇପାରିବ। ଏ ସମ୍ପର୍କରେ ଏକ ବୈଠକ ଶୁକ୍ରବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଏହି ସଡ଼କ ଉନ୍ନତୀକରଣ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି କେନାଲ ସଂଲଗ୍ନ ୪ଟି ଷ୍ଟ୍ରେଚରେ ୬ ଲେନ ବିଶିଷ୍ଟ ପ୍ରାୟ ୩୮ କିଲୋମିଟର ଦୈର୍ଘ୍ୟ ରାସ୍ତା ନିର୍ମାଣ କରାଯିବ। ଏନେଇ ଖୁବଶୀଘ୍ର ପ୍ରକ୍ରିୟା ଆରମ୍ଭ କରାଯିବ। ପ୍ରଥମ ଷ୍ଟ୍ରେଚରେ ୧୩.୭୪ କି.ମି, ଦ୍ୱିତୀୟ ଷ୍ଟ୍ରେଚରେ ୭.୨୯କି.ମି, ୩ୟରେ ୩.୧୬ ଏବଂ ଚତୁର୍ଥ ଷ୍ଟ୍ରେଚରେ ୧୩.୮୪ କି.ମି ରାସ୍ତା ଉନ୍ନତୀକରଣ ନେଇ ଯାଦବ ବୈଠକରେ ସୂଚନା ଦେଇଛନ୍ତି। ଏହି ଉନ୍ନତିକରଣ ପ୍ରକ୍ରିୟା ଜଳସମ୍ପଦ ବିଭାଗ ସହ ସମନ୍ୱୟ ରକ୍ଷା କରି ତ୍ୱରାନ୍ୱିତ କରାଯିବା ସହ ଆବଶ୍ୟକ ଥଇଥାନ କରାଯିବା ନେଇ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା କୁଆଖାଇ ଓ ଦୟାନଦୀ ମଧ୍ୟରେ ଥିବା ଅଞ୍ଚଳରେ ଉନ୍ନତୀକରଣ ନେଇ ନୂଆ ସମ୍ଭାବନା ସୃଷ୍ଟି ହେବାସହ ବମିଖାଲ, ଜି.ଜି.ପି କଲୋନୀ, ଲକ୍ଷ୍ମୀସାଗର, ପୁରୁଣା ଭୁବନେଶ୍ୱର, କପିଳେଶ୍ୱର, ସୁନ୍ଦରପଦା ଏବଂ ପଟିଆ ଓ ମଞ୍ଚେଶ୍ୱର ରେଳ ଷ୍ଟେସନ ଆଦି ଅଞ୍ଚଳକୁ ନିରବଚ୍ଛିନ ଯୋଗାଯୋଗ ସମ୍ଭବ ହୋଇପାରିବ। ଏପରିକି ସହରରେ ମଶା ଓ ମାଛି ପ୍ରାଦୁର୍ଭାବ ହ୍ରାସ ପାଇପାରିବ।

# କଟକ ଜିଲା ଅଧୀନକୁ ଆସିଲା ୨ ପ୍ରାଣୀ ଚିକିତ୍ସା କେନ୍ଦ୍ର

କଟକ ସଦର, ୨୪।୨(ଡି.ଏନ୍.ଏ.)

କଟକ ଜିଲାର ଉତ୍ତରକୂଳ ଓ ମଣିଜଙ୍ଗ ପ୍ରାଣୀ ଚିକିତ୍ସା କେନ୍ଦ୍ର ଜଗତ୍‌ସିଂହପୁର ଜିଲା ପ୍ରଶାସନ ଅଧୀନରେ ଥିଲା। ଏବେ ଏହାର ନିୟନ୍ତ୍ରଣ କଟକ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଅଧୀନକୁ ଆସିଲା ବୋଲି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପତ୍ରସଂଖ୍ୟା ୨୫୦୨/ ୨୨।୨।୨୦୨୩ରେ ଜଣାଇଛନ୍ତି।


## OFFICE OF THE ASSISTANT DIRECTOR OF TEXTILES, KHORDHA

At- Palla, PO-Pallahaat, Dist-Khurda, PIN-752056
Tele FAX-06755-220576, e-mail khurda.adt@gmail.com

### QUOTATION CALL NOTICE

Notice No - /AD Tex, Khordha/ Dated-

**No.PP-64:**Three numbers of different Sealed Quotations i.e. **1-Frame Loom 2- Weaving Accessories. 3- Four spindle Bobbin winding machine** for the year of programme 2022-23 are invited from the registered Suppliers/ Manufacturers/ Dealers/ Firms having valid PAN & GST registration with up to date Income Tax & GST clearance certificate, for supply of different handloom items. The separate envelope quoted with name & year should be **superscribed** & sealed quotations with all complete documents in a prescribed format in all respect should reach the undersigned on or before **dt.20.03.2023 by 5.30 P.M** through Registered/Speed Post only. The quotation received either in incomplete form or after due date & time will not be considered and treated as cancelled. The quotation will be opened on **dt. 21.03.2023 at 11.00 A.M** in the office of the undersigned. For more details, terms & condition etc for supply of the items, please visit the official website of the State Agency for Development of Handloom Clusters (SADHAC), Bhubaneswar- www.sadhacodisha.org or official website of Odisha State Handloom Weavers Co-operative Societies Ltd., Bhubaneswar (Boyanika) **www.boyanika.com** or official website of Sambalpuri Bastralaya Handloom Co-operative Society Ltd., Bargarh **www.sambalpuri_bastralya.com**, National Informatics Centre, Khordha **www.khurda.nic.in** and may contact the Asst. Director of Textiles, Khordha in the above listed address, email & Phone Number-9337969442. The Quotationers or their authorized representatives should remain present on that day with samples of different items failing which the quotation of the concerned agency will not be entertained for consideration. If Bidders not quoted all times for a particular Quotation shall not be considered. The authority reserves the right to reject or accept any/ all quotations without assigning any reason thereof.

Sd./- Indramani Kandi
Asst. Director of Textiles, Khordha
OIPR-31009/11/0002/2223



## WATCO OFFICE OF THE CHIEF EXECUTIVE OFFICER, WATCO

No.C-2517

Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007,
Odisha, India Telefax: - +91-674-2391444
E-mail - mail@watcoodisha.in / md@watcoodisha.in

### INVITATION FOR BID (IFB)

Bid Identification No. WATCO (W) - 44/2022-23 Dtd.20.02.2023
WATCO No.1066, Date:20.02.2023

1. Name of the work :-" INSTALLATION OF AUTOMATION SYSTEM, PLC & CHLORINATION SYSTEM WITH PROVISION OF DG SET FOR IMPLEMENTATION OF DRINK FROM TAP WITH 24 X 7 WATER SUPPLY TO DMA- 1 (NEW ESR), 2 (NEW ESR), 3 (NEW ESR), 4 (NEW ESR), 5 (NEW ESR) & 6(NEW ESR) at Vyasanagar, Jajpur.
2. Estimated cost :- (1) Rs.540.94
3. Period of completion :- 6 (Six) Months.
4. Date & time of availability of bid document in the portal :- From 11.00 AM of Dt.24.02.2023 to 5.00 PM of 06.03.2023.
5. Last date / time of receipt of bids in the portal :- 5.00 PM of 06.03.2023.
6. Date & time of opening of technical bids :- 12.30 PM of 09.03.2023.
7. Name and address of the Officer Inviting Bid :- CEO, WATCO Telefax:-0674-2391444 E-Mail: mail@watcoodisha.in md@watcoodisha.in

10. The bidders have to participate in ONLINE bidding only. Further details can be seen from the website www.tendersodisha.gov.in

Sd./- CEO, WATCO
OIPR-13194/11/0071/2223



## WATCO OFFICE OF THE CHIEF EXECUTIVE OFFICER, WATCO

No.C-2512

Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007,Odisha, India
Telefax: - +91-674-2391444
E-mail - mail@watcoodisha.in / md@watcoodisha.in

### INVITATION FOR BID (IFB)

Bid Identification No. WATCO (W) - 39 /2022-23 Dtd.20.02.2023
WATCO No.1039, Date:20.02.2023

1. Name of the work :-" Procurement of ISI marked DI K-7, K-9 socket & spigot pressure pipes conforming to IS:8329 and its subsequent amendments and ISI marked rubber gaskets (IS:5382) for push-on type flexible joints of DI pipes of different diameters for Vyasanagar Municipality , Jajpur Road."
2. Types of Bid :- Double Cover (Technical & Financial)
3. Estimated cost :- Rs.955.59 Lakh
4. Period of completion :- 3 (Three calendar) Months.
5. Class of Contractor :- Manufacturer
6. Date & time of availability of bid document in the portal :- From 11.00 AM of 24.02.2023 to 5.00 PM of 06.03.2023
7. Last date / time of receipt of bids in the portal :- 5.00 PM of 06.03.2023.
8. Date & time of opening of technical bids :- 11.00 AM of 09.03.2023.
9. Name and address of the Officer Inviting Bid :- CEO, WATCO Telefax:-0674-2391444 E-Mail: mail@watcoodisha.in md@watcoodisha.in

10. The bidders have to participate in ONLINE bidding only. Further details can be seen from the website www.tendersodisha.gov.in

Sd./- CEO, WATCO
OIPR-13194/11/0076/2223



Ref. No: SO/13018/1/2023/1171 Date: 23.02.2023

Startup Odisha

(2nd Floor, Tower-A, Odisha Startup Incubation Centre (O-Hub), Special Economic Zone Road, Infocity, Patia, Bhubaneswar-751024)

## NOTICE INVITING TENDER FOR OUTCOME BASED INTEGRATED FACILITY MANAGEMENT SERVICES

**No.CAD-4928:**Sealed quotations are invited from reputed registered agencies for Integrated Facility Management Services at STARTUP ODISHA. The last date of submission of bids is 17.03.2023 by 11.00 A.M. The tender document with all details may be downloaded from www.startupodisha.gov.in and bidders are further advised to keep referring Startup Odisha website for any updates with reference to this advertisement.

Sd./-Chief Administrative Officer
OIPR-43007/11/0035/2223



## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଢେଙ୍କାନାଳ

### ବିଜ୍ଞପ୍ତି

No. ଗ-108: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଶିଶୁଟି ଢେଙ୍କାନାଳ ଜିଲ୍ଲାର କାଠଗଡ଼ାସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର (Specialized Adoption Agency) ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତା ମାତା କିମ୍ବା ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ (୩୦ ଦିନ) ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ସବ୍ କଲେକ୍ଟର କାର୍ଯ୍ୟାଳୟ, ଢେଙ୍କାନାଳ - ୭୫୯୦୦୧, ଫୋନ୍: ୦୬୭୬୨-୨୨୩୨୪୬ କିମ୍ବା ଶିଶୁ ମଙ୍ଗଳ ସମିତି, ବଡ଼ପଣ୍ଡାସାହି, ଦୁର୍ଗା ବଜାର, ଢେଙ୍କାନାଳ, ଫୋନ୍: ୦୬୭୬୨-୨୨୫୦୦୨କୁ ଯୋଗାଯୋଗ କରନ୍ତୁ। ଏହି ସମୟ ସୀମାର ପରିସମାପ୍ତି ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁଟି କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ ଓ ପୋଷ୍ୟ ସନ୍ତାନ ଗ୍ରହଣ ଅଧିନିୟମ - ୨୦୧୭ ଅନୁଯାୟୀ ଆବଶ୍ୟକ ଥଇଥାନ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।

ନିମ୍ନରେ ଶିଶୁଟିର ବିବରଣୀ ପ୍ରଦାନ କରାଗଲା:

| କ୍ର.ନଂ. | ଶିଶୁର ନାମ | ପୁଅ/ଝିଅ | ବୟସ/ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ଫଟୋ |
|---|---|---|---|---|---|---|
| ୧ | ଅଦିତି | ଝିଅ | ୨ ଦିନ | ୧୦।୦୨।୨୦୨୩ | ଗ୍ରାମ: ଚନ୍ଦନପୁର ପୋ: ମହାଭିର ରୋଡ଼ ଥାନା: ପରଜଙ୍ଗ ଢେଙ୍କାନାଳ |  |

Sd./- District Child Protection Officer, Dhenkanal
OIPR-33030/11/0005/2223



## NOTIFIED AREA COUNCIL / ବିଜ୍ଞାପିତ ଅଞ୍ଚଳ ପରିଷଦ

Bellaguntha-761119 (Ganjam)
Phone No.06821-258244
Sri.S.Rakesh Kumar Patra (ORS)
Executive Officer

ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ)
ଦୂରଭାଷ:୦୬୮୨୧-୨୫୮୨୪୪
ଶ୍ରୀ.ଏସ.ରାକେଶ କୁମାର ପାତ୍ର (ଓ.ରା.ସେ.)
କାର୍ଯ୍ୟନିର୍ବାହୀ ଅଧିକାରୀ

E-mail ID: eonacbellaguntha@gmail.com

L.No.263// Date:22.02.2023

### QUOTATION CALL NOTICE

**No.C-2522:**Sealed quotation is invited from the intending registered distributors/agencies/companies etc. having GST/ PAN certificate for:

1. **Supply of Furniture and Fixture for Guest rooms and other places etc.**
2. **Supply of 3-seater CC Chairs and other park items such as decorative Dustbins/Gazebos etc.**
3. **Different decorative park lights for Beautification.**
4. **Supply of different quality control equipment for Engineering section of this ULB.**

The bidder shall receive the quotation paper from the NAC office from 23.02.2023 at 11.00 AM to 09.03.2023 up to 11.00 AM. The sealed quotations with rate chart, catalogue and necessary documents should reach the office of the Executive Officer, NAC, Bellaguntha on or before 09.03.2023 by 01.00 PM and the same will be opened at 03.30 PM on the same day in presence of the quotationers or their authorized representatives. The detailed quotation paper will be available at help desk by payment of Rs.500/- Rupees (Five Hundred) only as paper cost from 23.02.2023 to 09.03.2023 (from 11.00 AM to 11.00 AM except holidays. The authority reserves the rights to accept or reject any or all the quotations without assigning any reason thereof.

OIPR-13113/11/0045/2223
Sd./- Executive Officer, NAC, Bellaguntha



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

ସଂଖ୍ୟା: 2619/IND-II-PH-1137 ତାରିଖ: 21.02.2023

### ଭ୍ରମ ସଂଶୋଧନ

No. CAD-4927: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ରାଜ୍ୟ ପ୍ରଦୂଷଣ ବୋର୍ଡ, ଓଡ଼ିଶା ଦ୍ୱାରା ତା୧୫।୦୨।୨୦୨୩ରିଖ ''ଧରିତ୍ରୀ'' ଖବରକାଗଜରେ ମେସର୍ସ ଓଡ଼ିଶା ମାଇନିଂ କର୍ପୋରେସନ ଲିମିଟେଡ ଓଡ଼ିଶାର ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲ ଅନ୍ତର୍ଗତ କାଳିଆପାଣି, ଗୁରୁଜଙ୍ଗପାଳ, ଶୁକରାଙ୍ଗି, ସାରୁବିଲ ଗ୍ରାମରେସ୍ଥିତ ଦକ୍ଷିଣ କାଳିଆପାଣି ଖଣିର ବିସ୍ତାର ବିନା ଉତ୍ପାଦନ କ୍ଷମତାରେ ପରିବର୍ତ୍ତନ ନ କରି (୫୫୨.୪୫୭ ହେକ୍ଟରଠାରୁ ୭୨୦.୭୧୭ ହେକ୍ଟର ପର୍ଯ୍ୟନ୍ତ) ୧.୪୦ ମିଲିୟନ ଟନ କ୍ରୋମାଇଟ ଓର୍‌ର ବାର୍ଷିକ ଉତ୍ପାଦନ (ମୋଟ ଖନନ: ୧୬.୬୪ ମିଲିୟନ ଟନ (୧.୪୦ ମିଲିୟନ ଟନ ଉତ୍ପାଦନ (ଆର୍.ଓ.ଏମ୍.) + ବର୍ଜ୍ୟବସ୍ତୁ: ୧୫.୨୪ ମିଲିୟନ ଟନ) ଏବଂ ସିଓବି ପ୍ରକଳ୍ପର ବାର୍ଷିକ ସାମର୍ଥ୍ୟ ୪୭୪୦୦୦ ଟନ (୦.୪୭ ମିଲିୟନ ଟନ) ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ସର୍ବସାଧାରଣ ଶୁଣାଣି ତା୨୨।୦୩।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା, ସୁକିନ୍ଦା ତହସିଲ ଅନ୍ତର୍ଗତ କାଳିଆପାଣି, OMC Township ସ୍ଥିତ ସମ୍ପ୍ରଦାୟ କେନ୍ଦ୍ର (Community Centre) ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିବା ବିଷୟରେ ବିଜ୍ଞାପନ ପ୍ରକାଶ ପାଇଥିଲା। କିନ୍ତୁ ଉକ୍ତ ବିଜ୍ଞାପନରେ ଭୁଲ୍ ବଶତଃ ଦକ୍ଷିଣ କାଳିଆପାଣି ଖଣିର ବିସ୍ତାର ବିନା ଉତ୍ପାଦନ କ୍ଷମତାରେ ପରିବର୍ତ୍ତନ ନ କରି (୫୫୨.୪୫୭ ହେକ୍ଟରଠାରୁ ୭୨୦.୭୧୭ ହେକ୍ଟର ପର୍ଯ୍ୟନ୍ତ) ୧.୪୦ ମିଲିୟନ ଟନ କ୍ରୋମାଇଟ ଓର୍‌ର ବାର୍ଷିକ ଲୌହ ଉତ୍ପାଦନ (ମୋଟ ଖନନ: ୧୬.୬୪ ମିଲିୟନ ଟନ (୧.୪୦ ମିଲିୟନ ଟନ ଉତ୍ପାଦନ (ଆର୍.ଓ.ଏମ୍) + ବର୍ଜ୍ୟବସ୍ତୁ: ୧୫.୨୪ ମିଲିୟନ ଟନ) ଏବଂ ସିଓବି ପ୍ରକଳ୍ପର ବାର୍ଷିକ ସାମର୍ଥ୍ୟ ୪୭୪୦୦୦ ଟନ (୦.୪୭ ମିଲିୟନ ଟନ) ବୋଲି ପ୍ରକାଶ ପାଇଥିଲା। ଏହାକୁ ଦକ୍ଷିଣ କାଳିଆପାଣି ଖଣିର ବିସ୍ତାର ବିନା ଉତ୍ପାଦନ କ୍ଷମତାରେ ପରିବର୍ତ୍ତନ ନ କରି (୫୫୨.୪୫୭ ହେକ୍ଟରଠାରୁ ୭୨୦.୭୧୭ ହେକ୍ଟର ପର୍ଯ୍ୟନ୍ତ) ୧.୪୦ ମିଲିୟନ ଟନ କ୍ରୋମାଇଟ ଓର୍‌ର ବାର୍ଷିକ ଉତ୍ପାଦନ (ମୋଟ ଖନନ: ୧୬.୬୪ ମିଲିୟନ ଟନ (୧.୪୦ ମିଲିୟନ ଟନ ଉତ୍ପାଦନ (ଆର୍.ଓ.ଏମ୍.) + ବର୍ଜ୍ୟବସ୍ତୁ: ୧୫.୨୪ ମିଲିୟନ ଟନ) ଏବଂ ସିଓବି ପ୍ରକଳ୍ପର ବାର୍ଷିକ ସାମର୍ଥ୍ୟ ୪୭୪୦୦୦ ଟନ (୦.୪୭ ମିଲିୟନ ଟନ) ବୋଲି ପଢ଼ିବାକୁ ଅନୁରୋଧ।

ଏଥି ଜନିତ ଅସୁବିଧା ପାଇଁ ଆମେ ଦୁଃଖିତ।

OIPR-08012/11/0429/2223
ସ୍ୱା./- ସଦସ୍ୟ ସଚିବ



## OFFICE OF THE MUNICIPALITY, UMERKOTE

NABARANGPUR (ODISHA), PIN - 764073
E-mail: nac_umerkote@rediffmail.com

No. 636/MUN-UKT-2023 Date: 23.02.2023

### QUOTATION CALL NOTICE

No. C-2518: Seald quotations are invited from the different Suppliers/Agencies to supply the following stationery goods to Umerkote Municipality for the Calnedar year 2023 upto 31.12.2023. The quotationers should quote their rates including all taxes and delivery at Umerkote Municipality Office. The quotationers should submit their Sales Tax/Income Tax Clearance Certificate/Sale Tax No., GST No./TIN No./ PAN No. etc. along with the quotation. The quotations should reach through Registered Post/Speed Post to the undersigned on or before Dt.06.03.2023. by 1.00 P.M. and the same will be opened at 4.00 P.M. on the same day in presence of the quotationers or their authorized representatives at the time of opening if wish to attend. The undersigned reserve the right to accept any or reject all quotations without assigning any reason thereof.

| Sl. No. | Description of Items | Unit | Sl. No. | Description of Items | Unit |
|---|---|---|---|---|---|
| 1 | Register of Letters received | 1 | 26 | Roller / Scale | 1 |
| 2 | Register of Letters issued | 1 | 27 | Register No. 1, 2, 3,4, 5, 6, 7, 8, 9, 10, 11, 12 | 1 |
| 3 | Index Register | 1 | 28 | Rubber Band Packet | 1 |
| 4 | Peon Book | 1 | 29 | Stapler Different Size | 1 |
| 5 | Note Sheet | 100 | 30 | Pencil (HB) Packet | 1 |
| 6 | Fly Leaf (Standard Size) with Print | 1 | 31 | Stapler Pins (Different Size) Packet | 1 |
| 7 | Attendance Register | 1 | 32 | Envelope (Small/Big Size) Packet | 1 |
| 8 | Log Books of Correspondence | 1 | 33 | Phodoni/Paper Puncher (Steel) | 1 |
| 9 | Subsidiary Cash Book | 1 | 34 | Contingent Bill Form | 100 |
| 10 | Eraz-Ex (White Eraser) | 1 | 35 | Journal Book (ACNT - 2) | 1 |
| 11 | Cashiers Cash Book | 1 | 36 | Ledger (ACNT - 3) | 1 |
| 12 | Register of Bills | 1 | 37 | Payment Order (ACNT - 14) | 1 |
| 13 | Actt. Cash Book | 1 | 38 | Plastic Stick File | 1 |
| 14 | Salary Bill Register | 1 | 39 | Tag (Good Quality) Packet | 1 |
| 15 | Stock Register of Stationery | 1 | 40 | Stamp Pad Ink | 1 |
| 16 | Stock & Store Register | 1 | 41 | Stamp Pad (Big Size) | 1 |
| 17 | White Paper A4 Size Packet | 1 | 42 | Gum 300 ML Bottle/100 ml | 1 |
| 18 | Cash Book (ACNT - 1) | 1 | 43 | Flat File | 1 |
| 19 | Cheque Issue Register (ACNT - 15) | 1 | 44 | Dak Pad (Four - Fold File) | 1 |
| 20 | Receipt Register (ACNT - 9) | 1 | 45 | Guard File | 1 |
| 21 | White Paper Ordinary Packet | 1 | 46 | Cover File | 1 |
| 22 | Carbon Paper Blue Packet | 1 | 47 | Calculator | 1 |
| 23 | Pay Bill Form | 100 | 48 | Box File | 1 |
| 24 | Paper Weight | 1 | 49 | Cobra File | 1 |
| 25 | MB Book | 1 | | | |

Sd./- Executive Officer, umerkote Municipality
OIPR-13180/11/0021/2223



## OFFICE OF THE MUNICIPAL COUNCIL, NAYAGARH

### QUOTATION CALL NOTICE

No.571 Date:22.02.2023

**No.C-2525:**Sealed quotations are invited from the Registered Firms/Bidders/Agencies for "Carrying out drone survey, hydrographic survey, soil testing for preparation of DPR for "rejuvenation of water bodies" under jurisdiction of Nayagarh Municipality", as per detailed specification, terms and conditions in separate Schedule, which may be obtained from Office of the Municipal Council, Nayagarh, on any working days From 24.02.2023 to 03.03.2023 during Official hour on payment of cost of bid document of Rs. 600.00 and HMD of Rs. 2000.00 in shape of Cash Deposit Receipt of Nayagarh Municipality / Bank Draft / Pay Order, drawn on any Nationalised Bank, in favour of Executive Officer, Nayagarh Municipality, payable at Nayagarh. All quotations are to be received in the office of the undersigned during office hour up to 5.00 P.M. on date 04.03.2023. The quotations will be opened by the undersigned or authorised official on date 06.03.2023 at 11.00 A.M. in the Office of the Executive Officer, Nayagarh Municipality in presence of the quotationers or their authorised representative who wish to remain present at that time. Other terms and conditions can be seen in the DTCN documents. The authority reserves the right to reject any or all the tender without assigning any reason thereof.

Sd./- Executive Officer, Nayagarh Municipality
OIPR-13134/11/0026/2223



GOVT. OF ODISHA

## OFFICE OF THE SUPERINTENDING ENGINEER MINOR IRRIGATION DIVISION,GAJAPATI

AT/PO: PARALAKHEMUNDI, DIST: GAJAPATI
PHONE NO: 06815-222365, e-mail- eemi_gajapati@yahoo.co.in
e-Procurement Notice No.362 Date.17/02/2023
BID IDENTIFICATION NO. MIDGJP-08/2022-2023

**No.A-1186:**The Superintending Engineer, Minor Irrigation Division, Paralakhemundi on behalf of Governor of Odisha invites Percentage Rate bid in Double Cover System in ONLINE MODE for the construction of following works as detailed in the Detailed Tender Call Notice (D.T.C.N) from the eligible class of contractors.

1. Name of the work: Construction of new Check Dams under MATY Scheme/2022-23.
2. No of works: 3 Nos. ( Three )
3. Estimated cost: Varies approximately from Rs.60.00 Lakhs to Rs. 83.00 Lakhs.
4. Period of completion: 09 (Nine) calendar months
5. Date and time of availability of bid documents in the portal: from 10.00 Hours of 27.02.2023 to 17.00 Hours of 09.03.2023.
6. Last date/ time for receipt of bids in the portal: 17.00 Hours of 09.03.2023.
7. Date of opening of Technical Bid: 11.00 Hours on 10.03.2023.
8. Name and address of the Officer inviting Bid: Superintending Engineer, Minor Irrigation Division, Gajapati, At/Po- Paralakhemundi, Dist- Gajapati. PIN-761200

Further details can be seen from the e-procurement portal https://tendersodisha.gov.in

Sd./- Superintending Engineer
MI Division, Gajapati, Paralakhemundi
OIPR-32013/11/0009/2223



## ODISHA LIFT IRRIGATION CORPORATION LTD.

(A GOVT. OF ODISHA UNDERTAKING]
PLOT NO. 17/2, NAYAPALLI, BHUBANESWAR-12
Phone No. 0674-2390195, Fax No. 0674-2395844,
email ID: olicltd123@bsnl.in, olicltd@ymail.com

### Notice Inviting Request for Proposal For Selection of Facility Management Agency for providing services of IT Assistant & Commerce Assistant on outsourcing basis.

No.XWE-23/2022-1382 Dt.23.02.2023

**No.CAD-4925:**Odisha Lift Irrigation Corporation Ltd, Bhubaneswar invites sealed proposals from eligible Bidders (Firms/ Agencies) interested to provide "Facility management Services of IT Assistant & Commerce Assistant " on outsourcing basis vide a service contract to be engaged at OLIC Head Office at Bhubaneswar.

Interested Bidders can download the RFP documents containing detailed terms & conditions, scope and eligible criteria from the official website: odishalift.com from 23.02.2023 (10.00 A.M.) to 15.03.2023 (5.00 PM). The last date & time for submission of RFP is on 15.03.2023 up to 5.00 P.M. by Speed post/Registered post/Courier only, The technical bid will be opened on 16.03.2023 at 11.00 A.M. in presence of the bidder or their authorized representatives if any.

The undersigned reserves the right to accept or reject any or all the tenders, may increase or decrease the quantity without assigning any reason thereof.

Sd./- Managing Director
OLIC Ltd, Bhubaneswar
OIPR-32432/11/0028/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସିଡବ୍ଲ୍ୟୁସି ସଦସ୍ୟଙ୍କୁ ମନୋନୀତ କରିବେ ଖାର୍ଗେ

- ■ କଂଗ୍ରେସ ସମ୍ବିଧାନ ସଂଶୋଧନକୁ ଷ୍ଟିଅରିଂ କମିଟିର ମଞ୍ଜୁରୀ
- ■ ପୂର୍ବତନ ପ୍ରଧାନମନ୍ତ୍ରୀ, ଦଳ ଅଧ୍ୟକ୍ଷ ସିଡବ୍ଲ୍ୟୁସି ସଦସ୍ୟ ରହିବେ

**ନୂଆଦିଲ୍ଲୀ,୨୪।୨**

କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂଗଠନ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ସମସ୍ତ ସଦସ୍ୟଙ୍କୁ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମନୋନୀତି କରିବେ। ଶୁକ୍ରବାର ଦଳର ଷ୍ଟିଅରିଂ କମିଟି ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନେଇଛି। ଛତିଶଗଡ଼ର ରାୟପୁରରେ ଆରମ୍ଭ ହୋଇଥିବା କଂଗ୍ରେସର ୮୫ତମ ମହାଅଧିବେଶନର ପ୍ରଥମ ଦିନରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ ଦଳୀୟ ସମ୍ବିଧାନରେ ସଂଶୋଧନକୁ ଷ୍ଟିଅରିଂ କମିଟି ଅନୁମୋଦନ କରିଛି। ଏଥିରେ ମହିଳା, ଦଳିତ, ଅନୁସୂଚିତ ଜନଜାତି, ଓବିସି, ସଂଖ୍ୟାଲଘୁ ଏବଂ ଯୁବବର୍ଗଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରାଯାଇଛି। ସେମାନଙ୍କୁ ସିଡବ୍ଲ୍ୟୁସିରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ ସୁଯୋଗ ମିଳିବ। ଏଥିସହିତ ସିଡବ୍ଲ୍ୟୁସିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷମାନଙ୍କୁ ସ୍ଥାୟୀ ସଦସ୍ୟତା ପ୍ରଦାନ ଲାଗି ଷ୍ଟିଅରିଂ କମିଟି ମଞ୍ଜୁରୀ ପ୍ରଦାନ କରିଥିବା ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ସେହିପରି ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାରେ ଦଳର ନେତାଙ୍କୁ ମଧ୍ୟ ସିଡବ୍ଲ୍ୟୁସିର ସ୍ଥାୟୀ ସଦସ୍ୟତା ମିଳିବ। ଏହିପରି ଦଳୀୟ ସମ୍ବିଧାନର ୧୬ଟି ଅନୁଚ୍ଛେଦ ଓ ୩୨ଟି ନିୟମରେ ପରିବର୍ତ୍ତନ କରାଯାଇଥିବା ଜୟରାମ ସୂଚନା ଦେଇଛନ୍ତି।

ମଣ୍ଡଳରୁ ରାଜ୍ୟ ପର୍ଯ୍ୟନ୍ତ ସବୁ ସ୍ତରରେ ୫୦ ବର୍ଷରୁ କମ୍ ବୟସ ବର୍ଗର ନେତାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିବ। ସେହିପରି ଏଆଇସିସିର ସମସ୍ତ କମିଟିରେ ମହିଳା, ଅନୁସୂଚିତ ଜାତି, ଜନଜାତି, ଓବିସି, ସଂଖ୍ୟାଲଘୁ ଏବଂ ଯୁବବର୍ଗଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷିତ ରହିବ।


କଂଗ୍ରେସର ୮୫ତମ ମହାଅଧିବେଶନରେ ଯୋଗଦେବା ପାଇଁ ଶୁକ୍ରବାର ରାୟପୁରଠାରେ ପହଞ୍ଚିଛନ୍ତି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ଦଳୀୟ ନେତୃବୃନ୍ଦ।

# ସକ୍ରିୟ ରାଜନୀତିରୁ ଅବସର ନେଲେ ୟେଦୁରପ୍ପା

**ବେଙ୍ଗାଲୁରୁ,୨୪।୨**

କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦୁରପ୍ପା ଶୁକ୍ରବାର ସକ୍ରିୟ ରାଜନୀତିରୁ ଅବସର ଘୋଷଣା କରିଛନ୍ତି। ସେ ନିର୍ବାଚନ ଲଢ଼ିବେ ନାହିଁ। ତେବେ ଭାଜପାକୁ କ୍ଷମତାକୁ ଆଣିବା ଲାଗି ସେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି। ଦଳ ତାଙ୍କୁ ଅଣଦେଖା କରୁଥିବା ନେଇ ଯେଉଁ ଆଲୋଚନା ହେଉଛି, ତାକୁ ସେ ଖଣ୍ଡନ କରିଛନ୍ତି। ସେ ଭାଜପାର ସଫଳତା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିବେ। ଆଗାମୀ ନିର୍ବାଚନରେ ଭାଜପା ଜିତିବ ଏବଂ କଂଗ୍ରେସ ବିରୋଧୀ ଦଳ ରହିବ ବୋଲି ୟେଦୁରପ୍ପା ତାଙ୍କର ବିଦାୟୀ ଭାଷଣରେ କହିଛନ୍ତି।


ବି.ଏସ୍. ୟେଦୁରପ୍ପା

ୟେଦୁରପ୍ପା ୨୦୧୯ ଜୁଲାଇରୁ ୨୦୨୧ ଜୁଲାଇ ପର୍ଯ୍ୟନ୍ତ କର୍ନାଟକ ମୁଖ୍ୟମନ୍ତ୍ରୀ ଥିଲେ। ପରେ ବାସବରାଜ ବୋମାଇଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ଏବେ ୟେଦୁରପ୍ପା ବିଧାୟକ ରହିଛନ୍ତି। ସେ ମୋଟ ୪ ଥର କର୍ନାଟକର ମୁଖ୍ୟମନ୍ତ୍ରୀ ହେବା ସହ ୩ ଥର ବିଧାନସଭାରେ ବିରୋଧୀ ଦଳ ନେତା ଥିଲେ।

CLASSIFIED DISPLAY ALL EDITION - B/W (Everyday)
MORE SPACE • SAME PRICE
TARIFF
For Booking Contact 0674-2580385
9178722970, 8018240892, 7894447167, 9338226625

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗୁଜରାଟ ବିଧାନସଭା: ରହିବେ ନାହିଁ ବିରୋଧୀଦଳ ନେତା

**ଗାନ୍ଧୀନଗର,୨୪।୨**

ଗଣତାନ୍ତ୍ରିକ ବ୍ୟବସ୍ଥାରେ ଉଭୟ ଶାସକ ଏବଂ ବିରୋଧୀ ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯେଉଁଥିରେ ଶାସକ ଦଳ ନୀତି ଏବଂ ଯୋଜନା ମାଧ୍ୟମରେ ବିକାଶର ନୂତନ ଦିଗ ସୃଷ୍ଟି କରିବାକୁ ଆଲୋଚନା କରୁଥିବାବେଳେ ବିରୋଧୀ ତ୍ରୁଟି ଦର୍ଶାଇ ସରକାରଙ୍କ ଉପରେ ଚାପ ପକାଇଥାନ୍ତି। ଯଦି କୌଣସି ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ନ ଥାନ୍ତି ତେବେ ପରିସ୍ଥିତି କ'ଣ ହେବ! ତେବେ ଗୁଜରାଟ ବିଧାନସଭାରେ ସେଭଳି ପରିସ୍ଥିତି ଦେଖିବାକୁ ମିଳିଛି। ଗୁରୁବାରଠାରୁ ରାଜ୍ୟ ବିଧାନସଭା ଅଧିବେଶନ ଆରମ୍ଭ ହୋଇଛି। ଶାସକ ଦଳ ସାମ୍ନାରେ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ବିରୋଧୀ ଭୂମିକାରେ ଅଛନ୍ତି। ହେଲେ ବିରୋଧୀ ଦଳର ନେତା ନାହାନ୍ତି। ଗୁଜରାଟ ବିଧାନସଭାରେ ମୋଟ ୧୮୨ଟି ଆସନରୁ ବିରୋଧୀଦଳର ନେତା ମାନ୍ୟତା ପାଇବାକୁ ୧୦ ପ୍ରତିଶତ ହିସାବରେ ୧୮ ଜଣ ବିଧାୟକ ରହିବା ଆବଶ୍ୟକ। କିନ୍ତୁ କଂଗ୍ରେସ ୧୭ଟି ଆସନ ପାଇବାରେ ସଫଳ ହୋଇଛି। ତେବେ ବଜେଟ ଅଧିବେଶନର ପ୍ରଥମ ଦିନରେ କଂଗ୍ରେସ ଅମିତ ଚାୱଡାଙ୍କୁ ବିରୋଧୀଦଳର ନେତା କରାଯାଉ ବୋଲି ବାଚସ୍ପତି ଶଙ୍କର ଲାଲ ଚୌଧୁରୀଙ୍କୁ ଅନୁରୋଧ କରିଥିଲା। ହେଲେ ସେଭଳି ନିୟମ ନ ଥିବା ଦର୍ଶାଇ ବାଚସ୍ପତି ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ।



ସୂଚନାଯୋଗ୍ୟ ୧୯୮୫ରେ ଜନତା ପାର୍ଟି ବିରୋଧୀ ଦଳ ଭାବେ ଥିବା ବେଳେ ଦଳ ନିକଟରେ ବିରୋଧୀଦଳ ନେତା ମାନ୍ୟତା ପାଇବାକୁ ଆବଶ୍ୟକ ବିଧାୟକ ନ ଥିଲେ। କିନ୍ତୁ ସେତେବେଳର କଂଗ୍ରେସ ସରକାର ଜନତା ପାର୍ଟିର ବିଧାୟକଙ୍କୁ ବିରୋଧୀ ଦଳ ନେତା ମାନ୍ୟତା ଦେଇଥିଲା। ମାତ୍ର ଏବେ ବାଚସ୍ପତିଙ୍କ ନିଷ୍ପତ୍ତିକୁ ନେଇ କଂଗ୍ରେସ ନେତା ମନୀଷ ଦୋଶି କହିଛନ୍ତି, ଏବେର ଭାଜପା ସରକାର କଂଗ୍ରେସ ଭଳି ଉଦାର ହୋଇ ପାରିଲାନାହିଁ। ଯଦିଓ ଆମ ଦଳ ବିରୋଧୀ ଦଳର ନେତା ପଦବୀ ପାଇନାହାନ୍ତି, ତଥାପି ପୂର୍ବ ଭଳି ଜନସାଧାରଣଙ୍କ ସ୍ୱାର୍ଥ ପ୍ରସଙ୍ଗ ଉଠାଇବୁ ବୋଲି ମନୀଷ କହିଛନ୍ତି।

**ଭାଜପା ସରକାର କଂଗ୍ରେସ ଭଳି ଉଦାର ହୋଇପାରିଲା ନାହିଁ: ମନୀଷ**

# ରାୟପୁରରେ ଓଡ଼ିଶାର କଂଗ୍ରେସ ନେତୃବୃନ୍ଦ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ):** ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ୮୫ ତମ ମହା ଅଧିବେଶନରେ ଯୋଗଦେବା ଲାଗି ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଓଡ଼ିଶାର ବହୁ ନେତା ଶୁକ୍ରବାର ଛତିଶଗଡ଼ର ରାୟପୁର ଗସ୍ତରେ ଯାଇଛନ୍ତି। ଦୁଇ ବିଧାୟକ ମହମ୍ମଦ ମୋକିମ ଏବଂ ଦାଶରଥୀ ଗମାଙ୍ଗଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଧାୟକ ମଧ୍ୟ ଏହି ଗସ୍ତରେ ସାମିଲ ହୋଇଛନ୍ତି। ଏଥିଲାଗି ବିଧାନସଭା ବଜେଟ ଅଧିବେଶନରେ କୌଣସି କଂଗ୍ରେସ ନେତାଙ୍କୁ ଗୃହରେ ଦେଖିବାକୁ ମିଳି ନ ଥିଲା।


ରାୟପୁରରେ ପହଞ୍ଚିଥିବା ଓଡ଼ିଶାର କଂଗ୍ରେସ ନେତାମାନେ।

# ଅର୍ଥନୈତିକ ସର୍ଭେ ରିପୋର୍ଟରେ ବିଫଳତା ଲୁଚାଯାଇଛି: ଭାଜପା

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**



ମିଥ୍ୟା ତଥ୍ୟର ଦସ୍ତାବିଜ ହେଉଛି ଗୁରୁବାର ଉପସ୍ଥାପିତ ହୋଇଥିବା ୨୦୨୨-୨୩ର ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ। ଅର୍ଦ୍ଧସତ୍ୟ, ଗୋଲାପୀ ସ୍ୱପ୍ନ ଆଧାରିତ ଏହି ରିପୋର୍ଟରେ ଅନେକ ବିଫଳତାକୁ ରାଜ୍ୟ ସରକାର ଲୁଚାଇଛନ୍ତି। ଆସନ୍ତା ଫେବୃୟାରୀ ୨୮ରେ ଜାତୀୟ ଆୟ ୨୦୨୨-୨୩ର ୨ୟ ଅଗ୍ରିମ ଆକଳନ ପ୍ରକାଶ ପାଇବାକୁ ଥିବାବେଳେ ରାଜ୍ୟ ସରକାର ତରବରିଆ ଭାବେ ପ୍ରଥମ ଅଗ୍ରିମ ଆକଳନକୁ ଭିତ୍ତିକରି ରାଜ୍ୟର ଅଭିବୃଦ୍ଧି ହାର ପ୍ରକାଶ କରିବା ଆଦୌ ଗ୍ରହଣୀୟ ନୁହେଁ। ସେହିପରି ନିଜ ଅଭିବୃଦ୍ଧି ହାର ଓ ମୁଣ୍ଡ ପିଛା ଆୟର ତୁଳନା ଅନ୍ୟ ତୁଳନୀୟ ରାଜ୍ୟଗୁଡ଼ିକ ସହ ନ କରି ଦେଶର ଅଭିବୃଦ୍ଧି ହାର ଓ ମୁଣ୍ଡ ପିଛା ଆୟ ସହିତ ତୁଳନା କରିବା ଆବଶ୍ୟକ ବୋଲି ଭାଜପା ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟବ୍ରତ କହିଛନ୍ତି, ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ ଆର୍ଥିକ ବର୍ଷ ୨୦୧୨ ଓ ୨୦୨୧ ମଧ୍ୟରେ ଓଡ଼ିଶାର ସିଏଜିଆର୍ ୫.୭୩ ପ୍ରତିଶତ ଥିବାବେଳେ ଗୁଜରାଟ, କର୍ନାଟକ, ହରିୟାଣା, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ତାମିଲନାଡୁ ରାଜ୍ୟ ତଳେ ଓଡ଼ିଶାର ସ୍ଥାନ ରହିଛି। ଅପେକ୍ଷାକୃତ ବୃହତ୍ ରାଜ୍ୟଗୁଡ଼ିକର ଅର୍ଥନୀତିଠାରୁ କମ୍ ଅଭିବୃଦ୍ଧି ହାସଲ ରାଜ୍ୟ ସରକାରଙ୍କ ପାରିବାପଣିଆର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଅଭିବୃଦ୍ଧିର ଏହି ତାରତମ୍ୟ ନେଇ ଗତିକଲେ ମଧ୍ୟ ଦେଶର ମୁଣ୍ଡ ପିଛା ଆୟ ସହିତ ସମକକ୍ଷ ହେବା ପାଇଁ ଓଡ଼ିଶାକୁ ଆହୁରି ୨୦ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। ଭବିଷ୍ୟତ ପିଢ଼ି ପାଇଁ ଏହା ରାଜ୍ୟ ସରକାରଙ୍କ କେଉଁ ପ୍ରକାର ଉପହାର ବୋଲି ସେ ପ୍ରଶ୍ନ କରିଛନ୍ତି।

## Classified Everyday 0674-2580101, 2549949


REAL ESTATE
SALE

**3.5 Guntha (6100sqft) gharabadi Land Adjacent to NH -16 Near Grand-bazar Between Cut-tack & Bhubane-swar, Frontage, 75ft (Broker Excuse) Owner- 9040059669.** D-74823

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ଛକଠାରୁ 7K.M. ଦୂରରେ Bank Loan ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9437003399, 8908017863. D-74820

Gharabari Plots Boundary Wall at Bhingarpur, Koradakanta, Sundarapada, OEC. Deluxe Duplex Rera BMC approve at Hanspal. Flats -Patia, Gudiapokhari. 8847887273. D-2863

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

Bhubaneswar-Khurda ମଧ୍ୟରେ Pitapali Chhakaରେ sthitiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

Duplex project at Retang Medical, Station near CV Raman University, Tamando, Bhubaneswar. 7008459987. D-74819

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

New House with Shops for sale at roadside Bhagwaanpur, Dhenkanal @1.5 cr. 9556079359. D-2840


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2583

### ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open full body massage, ladies and gents. 9040171280. D-74645

Full body massage, refresh, relaxed by expert lady therapist. 8480939300. D- 2824

Newly open SPA positively health benefits with expert therapist. 7849011931. D-73684

Newly open SPA positively health benefit with expert. Contact: 8984068198. D-74517

Newly open health benefits SPA special Offer @ 999 Naya-palli. 7846814019. D-73687

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74647

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

All types body massage with hiprofile smart lady, room services available. 9937833100. D-71366

**Relax, Refresh your Body, Mind at Saikrupa Spa with best therapies. 8984068077.** D-2744


BUSINESS

ଘରେ ବସି Part time matter forwarding କାମ କରି 9000/- ରୁ 36000/- ରୋଜଗାର କରନ୍ତୁ। 8763722330. D-2825

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### AFFIDAVIT
By virtue of an affidavit sworn-in before the Executive Magistrate, Sanakhemundi, Ganjam, dt. 13.06.2022 I, Subhashree Mall, At- Mahanala, PS- Pattapur, Ganjam have changed my minor son's name from Shreeyanshu Baliarsingh to Shreeansh Baliar Thatoi. Henceforth my son will be known as SHREEANSH BALIAR THATOI for all purposes. D-74902

I Swati Prajapati W/o Bhakta Ranjan Barik, R/o-Bijay Purnachandrapur, W.No-15, Baripada, Mayurbhanj, Odisha-757001 declare by this Affid. No-233 dated 21.10.2014 that now onwards. I Shall be known as Swati B Barik for all future purposes. D-73688

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### ମନେ ପଡ଼ନ୍ତି
ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବଂଶୀଧର ଦାଶ**
ଶାମଗୁଡିଆ,ଶ୍ରୀ ବଳଦେବଜୀଉ, କେନ୍ଦ୍ରାପଡା
ଆବିର୍ଭାବ: ୧୪।୧୦।୧୯୪୭
ତିରୋଧାନ: ୧୪।୦୨।୨୦୨୩
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ- ପୁତ୍ର: ଅନିଲ, ବୋହୂ: ପ୍ରଗତି, ନାତି ଓ ନାତୁଣୀ: ପ୍ରତୀକ, ଲିବୁନ, ପ୍ରାଚୀଙ୍କ ସହ ବନ୍ଧୁ, ଜ୍ଞାତିକୁଟୁମ୍ବ
ଧ-୨୮୪୬

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃୟାରୀ ୨୫/୨୦୨୩ Bhubaneswar, Saturday, February 25/ 2023

# ପ୍ରଥମଥର ଫାଇନାଲରେ ଦକ୍ଷିଣ ଆଫ୍ରିକା

**ମହିଳା ଟି୨୦ କ୍ରିକେଟ ବିଶ୍ୱକପ**

- ରବିବାର ଅଷ୍ଟ୍ରେଲିଆକୁ ଭେଟିବ
- ତାଜମିନ ବ୍ରିଟ୍ସ ପ୍ଲେୟର୍ ଅଫ୍ ଦି ମ୍ୟାଚ୍

**କେପ୍‌ଟାଉନ୍, ୨୪।୨**

ଦକ୍ଷିଣ ଆଫ୍ରିକା ପ୍ରଥମଥରପାଇଁ ମହିଳା ଟି୨୦ କ୍ରିକେଟ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଏହି ଦଳ ଇଂଲଣ୍ଡକୁ ୬ ରନରେ ପରାସ୍ତ କରିଛି। ଦକ୍ଷିଣ ଆଫ୍ରିକାର ଟପ୍ ସ୍କୋରର ତାଜମିନ ବ୍ରିଟ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଆସନ୍ତା ରବିବାର ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ୫ ରନରେ ଭାରତକୁ ପରାସ୍ତ କରିଥିଲା। ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକା ୨୦୧୪ ଓ ୨୦୨୦ରେ ସେମିଫାଇନାଲରୁ ବିଦାୟ ନେଇଥିଲା। ଏଥର ଦଳ ପ୍ରଥମଥରପାଇଁ ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି। ଅନ୍ୟପକ୍ଷରେ ପୂର୍ବତନ ଚାମ୍ପିୟନ ଇଂଲଣ୍ଡର ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି।

ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୪ ଉଇକେଟ ହରାଇ ୧୬୪ ରନ କରିଥିବାବେଳେ ଇଂଲଣ୍ଡ ପୂରା ଓଭର ଖେଳିଥିଲେ ହେଁ ୧୫୮/୮ରେ ସୀମିତ ରହିଥିଲା। ଇଂଲଣ୍ଡ ପକ୍ଷରୁ ଟପ୍ ଅର୍ଡରରେ ଡାନିଏଲ ୱାଟ (୩୪), ସୋଫି ଡଙ୍କଲେ (୨୮) ଓ ମିଡିଲ ଅର୍ଡରରେ ନାତାଲି ସ୍କିଭର ବ୍ରଣ୍ଟ (୪୦ ) ଓ ଅଧିନାୟିକା ହିଥର ନାଇଟ (୩୧) ଲଢ଼େଇ କରିଥିଲେ ହେଁ ଶେଷଭାଗ ବ୍ୟାଟରଙ୍କ ବିଫଳତା ଯୋଗୁ ଦଳ ବିଜୟ ଲକ୍ଷ୍ୟଠାରୁ ୬ ରନ ଦୂରରେ ରହି ଯାଇଥିଲା। ଶେଷ ଓଭରରୁ ଦଳକୁ ବିଜୟ ପାଇଁ ୧୩ ରନ ଆବଶ୍ୟକ ହେଉଥିଲା। ମାତ୍ର ଶବନିମ ଇସମାଇଲଙ୍କ ତୃତୀୟ ବଲ୍‌ରେ ନାଇଟ ଆଉଟ ହେବାସହ ଇଂଲଣ୍ଡ ଚ୍ୟାଲେଞ୍ଜ ଶେଷ ହୋଇ ଯାଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆୟାବୋଙ୍ଗା ଖାକା ୪ଟି, ଶବନିମ ଇସମାଇଲ ୩ଟି ଏବଂ ନାଦିନେ ଡି'କ୍ଲାର୍କ ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଦକ୍ଷିଣ ଆଫ୍ରିକା ଓପନିଂ ଯୋଡ଼ିରେ ୯୬ ରନ ସଂଗ୍ରହ କରି ଦୃଢ଼ ଭିତ୍ତି ପକାଇଥିଲା। ୧୪ତମ ଓଭରର ୪ର୍ଥ ବଲ୍‌ରେ ଲୌରା ଉଲଭର୍ଟ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସୋଫି ଏକଲେଷ୍ଟୋନ ଇଂଲଣ୍ଡକୁ ଏହି ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ୪୪ଟି ବଲ୍ ଖେଳିଥିବା ଉଲଭର୍ଟ ୫ ଚୌକା ଓ ୧ ଛକା ସହାୟତାରେ ୫୩ ରନ ସଂଗ୍ରହ କରିଥିଲେ। ଅନ୍ୟତମ ଓପନର ତାଜମିନ ବ୍ରିଟ୍ସ ଦଳ ପକ୍ଷରୁ ସର୍ବାଧିକ ୬୮ ରନ ସଂଗ୍ରହ କରିଥିଲେ। ୫୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ବ୍ରିଟ୍ସ ନିଜ ଇନିଂସ ମଧ୍ୟରେ ୬ ଚୌକା ଓ ୨ ଛକା ମାରିଥିଲେ। ୩ ନମ୍ବର ସ୍ଥାନରେ ଆସିଥିବା ମାରିଜାନେ କାପ୍ ୧୩ ବଲ୍‌ରୁ ଦ୍ରୁତ ୨୭ (୪ ଚୌକା) ରନକରି ଅପରାଜିତ ରହିଥିଲେ ହେଁ କ୍ଲୋଏ ଟ୍ରାୟନ (୩) ଓ ନାଦିନେ ଡି'କ୍ଲର୍କ (୦)ଙ୍କ ବିଫଳତା ଯୋଗୁ ଦକ୍ଷିଣ ଆଫ୍ରିକା ଇନିଂସ ୧୬୪/୪ରେ ସୀମିତ ରହି ଯାଇଥିଲା। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ସୋଫି ଏକ୍‌ଲେଷ୍ଟୋନ ୩ଟି ଏବଂ ଲୌରେନ ବେଲ୍ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୬୪/୪ (ତାଜମିନ ବ୍ରିଟ୍ସ-୬୮, ଲୌରା ଉଲଭର୍ଟ-୫୩, ମାରିଜାନେ କାପ୍-୨୭*, ସୋଫି ଏକ୍‌ଲେଷ୍ଟୋନ-୩/୨୨, ଲୌରେନ ବେଲ-୧/୨୧)। ଇଂଲଣ୍ଡ ୨୦ ଓଭରରେ ୧୫୮/୮ (ନାତାଲି ସ୍କିଭର ବ୍ରଣ୍ଟ-୪୦, ଡାନିଏଲ ୱାଟ-୩୪, ହିଥର ନାଇଟ-୩୧, ସୋଫିଆ ଡଙ୍କଲେ-୨୮, ଆୟାବୋଙ୍ଗା ଖାକା-୪/୨୯, ଶବନିମ ଇସମାଇଲ-୩/୨୭, ନାଦିନେ ଡି'କ୍ଲାର୍କ-୧/୧୭)।




ଶଟ୍ ଖେଳିବା ଅବସରରେ ତାଜମିନ ବ୍ରିଟ୍ସ।

## ସହଦେବ ହେଲେ କାଟେଗୋରି-୨ ରେଫରି



**ଭୁବନେଶ୍ୱର, ୨୪।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ରେଫରି ସହଦେବ ମୁର୍ମୁ ସଫଳତାର ସହ ଫିଟ୍‌ନେସ୍ ଟେଷ୍ଟ ଓ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାଦ୍ୱାରା ସେ କାଟେଗୋରି-୨ ଜାତୀୟସ୍ତର ରେଫରି ହୋଇ ପାରିଛନ୍ତି। ମଧ୍ୟପ୍ରଦେଶର ଗ୍ୱାଲିୟରସ୍ଥିତ ଏଲ୍‌ନାଇପଠାରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ଏହି ପରୀକ୍ଷା ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଦେବଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଶୁଭକାମନା କରିଛନ୍ତି।

## ଜୋନାଲ ସିଷ୍ଟମ୍ ଟୁର୍ନାମେଣ୍ଟ ପ୍ରଚଳନ ହକି ଇଣ୍ଡିଆର ଯୋଜନା

**ନୂଆଦିଲ୍ଲୀ, ୨୪।୨(ପି.ଟି.):** ହକି ଇଣ୍ଡିଆ ତରଫରୁ ସମଗ୍ର ଦେଶରେ ସବ୍‌ଜୁନିୟର (୧୭ ବର୍ଷରୁ କମ୍) ଓ ଜୁନିୟର (୧୯ ବର୍ଷରୁ କମ୍) କାଟେଗୋରିରେ ଜୋନାଲ ସିଷ୍ଟମ ଟୁର୍ନାମେଣ୍ଟ ପ୍ରଚଳନ କରିବା ଲାଗି ହକି ଇଣ୍ଡିଆ ଯୋଜନା କରୁଛି। ଏହାଦ୍ୱାରା ତୃଣମୂଳସ୍ତରରୁ ଖେଳର ବିକାଶ ହୋଇପାରିବ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ୪୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଏହି ଭେଟେରାନ ଜାତୀୟ ଚାମ୍ପିୟନଶିପ୍‌ର ଗୁରୁତ୍ୱକୁ ପୁଣି ଦୋହରାଇଛନ୍ତି। ଜୋନାଲ ସିଷ୍ଟମ ତୃଣମୂଳ ସ୍ତରରୁ ପ୍ରଚଳିତ ହେବା ଆବଶ୍ୟକ। ଏହାଦ୍ୱାରା ଉଦୀୟମାନ ଖେଳାଳିମାନେ ଅଧିକ ଗେମ୍ ଖେଳିବା ସୁଯୋଗ ପାଇବେ। ଯେ କୌଣସି ଖେଳର ଉନ୍ନତି ପାଇଁ ତୃଣମୂଳସ୍ତରରୁ ବିକାଶ ଅପରିହାର୍ଯ୍ୟ। ମୂଳଦୁଆ ସୁଦୃଢ଼ ହେଲେ ଭଲ ଖେଳାଳି, ଶକ୍ତିଶାଳୀ ସିନିୟର ଓ ଜୁନିୟର ଦଳ ତିଆରି ହୋଇପାରିବ। ହକି ଇଣ୍ଡିଆର ଏକ ପଡ୍‌କାଷ୍ଟ ସିରିଜ 'ହକି ତେ ଚର୍ଚ୍ଚା' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପୂର୍ବତନ ଭାରତ ଅଧିନାୟକ ଏକଥା କହିଛନ୍ତି। ଅତୀତରେ ସବ୍ ଜୁନିୟର ଓ ଜୁନିୟର କାଟେଗୋରିରେ ଖେଳାଳିମାନେ ଯଥେଷ୍ଟ ଗେମ୍ ଖେଳିବା ସୁଯୋଗ ପାଉ ନ ଥିଲେ। ଜୋନାଲ ସିଷ୍ଟମ ପ୍ରଚଳନ ଦ୍ୱାରା ସେମାନେ ଏଣିକି ଇଣ୍ଟ୍ରା ଜୋନ୍ ଓ ଇଣ୍ଟର ଜୋନ୍ ପ୍ରତିଯୋଗିତାରେ ଭାଗ ନେଇ ପାରିବେ।

## ରାଜ୍ୟସ୍ତରୀୟ ପାରା ଆଥ୍‌ଲେଟିକ୍ସ ୪ରୁ

**ଭୁବନେଶ୍ୱର, ୨୪।୨ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ସ୍ତରୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମାର୍ଚ୍ଚ ୪ ଓ ୫ ତାରିଖରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ପ୍ରଦର୍ଶନ ଭିତ୍ତିରେ ଏହି ପ୍ରତିଯୋଗିତାରୁ ୨୧ତମ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଖେଳାଳି ଚୟନ ହେବ। ରାଜ୍ୟ ଚାମ୍ପିୟନଶିପ୍‌ରେ ବିଭିନ୍ନ ପ୍ରକାର ଦିବ୍ୟାଙ୍ଗ ଖେଳାଳି (ଶାରୀରିକ ଭିନ୍ନକ୍ଷମ, ଦୃଷ୍ଟିବାଧିତ ଭିନ୍ନକ୍ଷମ, ମାନସିକ ଅନଗ୍ରସର) ଅଂଶଗ୍ରହଣ କରିବେ। ଭାଗ ନେବାକୁ ଚାହୁଁଥିବା ଖେଳାଳିମାନେ ପାରା ଆଥ୍‌ଲେଟିକ୍ସ ଓଡ଼ିଶାର ଅଧ୍ୟକ୍ଷ ପାରା ଅଲିମ୍ପିଆନ ମାର୍କଣ୍ଡ ରେଡ୍ଡୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

## ୟୁନେସ୍କୋ, କିସ୍, ଓଡ଼ିଶା ସରକାର ତ୍ରିପାକ୍ଷିକ ବୁଝାମଣା



ଚୁକ୍ତି ସ୍ୱାକ୍ଷର ପରେ ଆର. ଭିନିଲ୍ କ୍ରିଷ୍ଣା, ଅନସଙ୍ଗ କିମ୍ ଓ ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୨୪।୨ (କ୍ରୀଡ଼ା ପ୍ରତିନିଧି)**

**'ଫିଟ୍ ଫର୍ ଲାଇଫ୍' କାର୍ଯ୍ୟକ୍ରମ**

ୟୁନେସ୍କୋର 'ଫିଟ୍ ଫର୍ ଲାଇଫ୍' କାର୍ଯ୍ୟକ୍ରମ ନିମନ୍ତେ ୟୁନେସ୍କୋ, କିସ୍ ଓ ରାଜ୍ୟ କ୍ରୀଡ଼ା ବିଭାଗ ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ଗୁରୁବାର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ରରେ ଓଡ଼ିଶା ସରକାରଙ୍କ ପକ୍ଷରୁ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ଆର. ଭିନିଲ୍ କ୍ରିଷ୍ଣା, ନୂଆଦିଲ୍ଲୀସ୍ଥିତ ୟୁନେସ୍କୋ କାର୍ଯ୍ୟାଳୟର ସାମାଜିକ ଓ ମାନବିକ ବିଜ୍ଞାନ ବିଭାଗ ମୁଖ୍ୟ ଅନସଙ୍ଗ କିମ୍ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସ୍ୱାକ୍ଷର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆଦିଲ୍ଲୀସ୍ଥିତ ୟୁନେସ୍କୋ କାର୍ଯ୍ୟାଳୟର ସାମାଜିକ ଓ ମାନବିକ ବିଜ୍ଞାନ ବିଭାଗ ପ୍ରୋଗ୍ରାମ୍ ଅଫିସର ଐଶ୍ୱର୍ଯ୍ୟା ସେହଗଲ, କିସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ କିସ୍‌ର ମିଳିତ ସହଯୋଗରେ ୟୁନେସ୍କୋ ଏହି କାର୍ଯ୍ୟକ୍ରମ ଜାରି ରଖିବ। "ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୋଣ 'ଯୁବଗୋଷ୍ଠୀ ପାଇଁ କ୍ରୀଡ଼ା, ଭବିଷ୍ୟତ ପାଇଁ ଯୁବଗୋଷ୍ଠୀ'କୁ ଲକ୍ଷ୍ୟରେ ରଖି କ୍ରୀଡ଼ା ଓ ଯୁବସେବା ବିଭାଗ କାର୍ଯ୍ୟ କରୁଛି। ସେଥିପାଇଁ ଆମର ଯେଉଁ ମୁଖ୍ୟ ପ୍ରୟାସ ରହିଛି ସେଥିମଧ୍ୟରୁ ଶାରୀରିକ ଓ ମାନସିକ ଫିଟ୍‌ନେସ୍‌କୁ ପ୍ରୋତ୍ସାହନ ହେଉଛି ଅନ୍ୟତମ। ଏହାକୁ ଦୃଷ୍ଟିରେ ରଖି ୟୁନେସ୍କୋ ଓଡ଼ିଶା ସରକାର ଓ କିସ୍ ସହଯୋଗରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି" ବୋଲି ଭିନିଲ ପ୍ରକାଶ କରିଛନ୍ତି।

## ଆନନ୍ଦ-ସୌରଭ ଯୋଡ଼ି ଚାମ୍ପିୟନ




ଚାମ୍ପିୟନ ଯୋଡିକୁ ମୁଖ୍ୟଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

**ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ**

**ରେଢାଖୋଲ ୨୪।୨ (ଡି.ଏନ.ଏ)**

ରେଢାଖୋଲର ପଞ୍ଚଖଣ୍ଡା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘର ଅନୁମୋଦନ କ୍ରମେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାର ସପ୍ତମ ରାଜ୍ୟସ୍ତରୀୟ ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁରର ଆନନ୍ଦ ଓ ସୌରଭ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ପ୍ରତିଯୋଗିତାର ଫାଇନାଲରେ ସେମାନେ ଅନୁଗୋଳର ଅବିନାଶ ଓ ତରଣୀ ଯୋଡ଼ିଙ୍କୁ ୨-୧ ସେଟ୍‌ରେ ହରାଇ ଦେଇଥିଲେ। ରାଜେଶ କୁମାର ସାହୁ ମ୍ୟାଚ ପରିଚାଳନା କରିଥିବା ବେଳେ ଦିଲୀପ ଲଉରିଆ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଏହି ଦିନିକିଆ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବଲାଙ୍ଗୀର, ଅନୁଗୋଳ, ସୋନପୁର, ବରଗଡ, ଫୁଲବାଣୀ, ସମ୍ବଲପୁର ଜିଲାରୁ ୨୨ଟି ଯୋଡି ଭାଗ ନେଇଥିଲେ। ରେଢାଖୋଲ ଉପଜିଲାପାଳ ପବିତ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ପଞ୍ଚଖଣ୍ଡା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ବିକାଶ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଇଂ ପାର୍ଥସାରଥୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସଂପାଦକ ଆଇନଜୀବୀ ଅନ୍ତର୍ଯ୍ୟାମୀ ସାହୁ, ରଂଜିତ ମହାନ୍ତି, ଇଶ୍ୱର ବେହେରା, ଅବନୀ ମେହେର, ଜୟଦେବ ପୃଷେଠଙ୍କ ସମେତ ଆସୋସିଏଶନର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

## ତୃତୀୟ ଟେଷ୍ଟ ଖେଳିବେନି କୁମିନ୍ସ, ନେତୃତ୍ୱ ନେବେ ସ୍ମିଥ୍

**ନୂଆଦିଲ୍ଲୀ, ୨୪।୨(ପି.ଟି.)**

ପାରିବାରିକ କାରଣରୁ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ଭାରତ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରୁ ମଧ୍ୟ ଓହରିଯାଇଛନ୍ତି। ତାଙ୍କ ଡେପୁଟି ଷ୍ଟିଭ୍ ସ୍ମିଥ୍ ଇନ୍ଦୋରରେ ମାର୍ଚ୍ଚ ୧ରୁ ଆରମ୍ଭ ହେବାକୁଥିବା ଏହି ମ୍ୟାଚରେ ଦଳର ନେତୃତ୍ୱ ନେବେ। ଗତ ସପ୍ତାହରେ ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆର ପରାଜୟ ପରେ କୁମିନ୍ସ ସ୍ୱଦେଶ ଫେରିଥିଲେ। ତୃତୀୟ ଟେଷ୍ଟ ବେଳକୁ ସେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଥିଲା। ମାତ୍ର ଖବର ଅନୁସାରେ କୁମିନ୍ସଙ୍କ ମା' ଗୁରୁତର ଅସୁସ୍ଥ ଅଛନ୍ତି। ତେଣୁ ତାଙ୍କର ଭାରତ ଫେରିବାରେ ବିଳମ୍ବ ଘଟିପାରେ, ଆବଶ୍ୟକ ପଡ଼ିଲେ ସେ ୪ର୍ଥ ଟେଷ୍ଟ ମ୍ୟାଚରୁ ମଧ୍ୟ ଓହରିଯାଇ ପାରନ୍ତି। ୨୦୨୧ରେ ଟିମ୍ ପେନ୍‌ଙ୍କଠାରୁ କୁମିନ୍ସ ଦାୟିତ୍ୱ ଗ୍ରହଣ କରିବା ପରେ ଉପଅଧିନାୟକ ଥିବା ସ୍ମିଥ୍ ତୃତୀୟ ଥର ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି। ଦ୍ୱିତୀୟ ଟେଷ୍ଟ ମ୍ୟାଚ ପରେ ସ୍ମିଥ୍ ତାଙ୍କ ସ୍ତ୍ରୀ ଡାନିଙ୍କ ସହ ଦୁବାଇ ଗସ୍ତ କରିଥିଲେ। ଗୁରୁବାର ସନ୍ଧ୍ୟାରେ ସେ ଦିଲ୍ଲୀରେ ଅଷ୍ଟ୍ରେଲିଆ ଦଳ ସହ ଯୋଗ ଦେଇଛନ୍ତି। ରବିବାର ଇନ୍ଦୋର ଗସ୍ତ ପୂର୍ବରୁ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଫିରୋଜଶାହା କୋଟ୍‌ଲା ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିବ। ଅଲରାଉଣ୍ଡର କାମେରନ ଗ୍ରୀନ୍ ତୃତୀୟ ଟେଷ୍ଟ ପାଇଁ ଫିଟ୍ ଘୋଷିତ ହୋଇଛନ୍ତି। ଆଙ୍ଗୁଠିରେ ଆଘାତ ଯୋଗୁ ଏହି ଖେଳାଳି ପ୍ରଥମ ଦୁଇଟି ଗେମ୍‌ରେ ଖେଳିପାରି ନ ଥିଲେ।



ଡେରାଡୁନଠାରେ ଅନୁଷ୍ଠିତ ସର୍ବଭାରତୀୟ ବେସାମରିକ କବାଡ଼ିରେ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶା ମହିଳା ଦଳ।

## ବ୍ରୁକ୍-ରୁଟ୍‌ଙ୍କ ୨୯୪ରନ ଅବିଭାଜିତ ପାର୍ଟନରଶିପ୍

**ୱେଲିଂଟନ୍, ୨୪।୨(ଏପି)**

ସ୍ଥାନୀୟ ବେସିନ୍ ରିଜର୍ଭଠାରେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଆରମ୍ଭ ହୋଇଛି। ଚତୁର୍ଥ ଉଇକେଟରେ ହ୍ୟାରି ବ୍ରୁକ୍ (୧୮୪*ରନ) ଓ ଜୋ ରୁଟ୍ (୧୦୧*) ମଧ୍ୟରେ ୧୦୧ ରନର ଅବିଭାଜିତ ପାର୍ଟନରଶିପ୍ ଯୋଗୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୩୧୫ ରନ କରିଛି। ବର୍ଷା ଯୋଗୁ ଶୁକ୍ରବାର ୬୫ ଓଭର ଖେଳ ସମ୍ଭବ ହୋଇଥିଲା। ଇଂଲଣ୍ଡର ଆରମ୍ଭ ନିରୁତ୍ସାହଜନକ ଥିଲା। ମାତ୍ର ୨୧ରନ ସ୍କୋରରେ ଏହାର ୩ ବ୍ୟାଟର ଜ୍ୟାକ୍ କ୍ରଲି (୨), ବେନ୍ ଡକେଟ (୯) ଏବଂ ଓଲି ପୋପ୍ (୧୦) ଉଇକେଟ ହରାଇଥିଲା। ମାତ୍ର ପରେ ଏକାଧିକ ରେକର୍ଡ ଓ ମାଇଲଖୁଣ୍ଟ ହାସଲ କରି ଇଂଲଣ୍ଡ ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇ ଆସିଛି। ବ୍ରୁକ୍ସ ତାଙ୍କ ଟେଷ୍ଟ କ୍ୟାରିୟରର ଶ୍ରେଷ୍ଠ ସ୍କୋର କରିପାରିଛନ୍ତି। ପୂର୍ବରୁ ତାଙ୍କର ଶ୍ରେଷ୍ଠ ସ୍କୋର ଡିସେମ୍ବରରେ ପାକିସ୍ତାନ ବିପକ୍ଷରେ ୧୫୩ ରନ ରହିଥିଲା। ଗତ ୫ଟି ଟେଷ୍ଟରେ ସେ ୪ ଶତକ ହାସଲ କରିଛନ୍ତି। ସେ ମାତ୍ର ୯ଟି ଟେଷ୍ଟ ଇନିଂସରେ ୮୦୭ ରନ ସଂଗ୍ରହ କରିପାରିଛନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ଅନ୍ୟ କୌଣସି ଖେଳାଳି ତାଙ୍କ କ୍ୟାରିୟରରେ ଏହି ସଫଳତା ହାସଲ କରିପାରି ନାହାନ୍ତି। ସେ ହେନ୍‌ରୀ ସଟ୍‌କ୍ଲିଫ୍, ଏଭର୍ଟନ ୱିକ୍ସ, ଫ୍ରାଙ୍କ୍ ଓରେଲ ଓ ସୁନୀଲ ଗାଭାସ୍କରଙ୍କୁ ପଛରେ ପକାଇ ଦେଇଛନ୍ତି। କେବଳ ସେତିକି ନୁହେଁ ଜଣେ ଇଂଲଣ୍ଡ ବ୍ୟାଟର ହିସାବରେ ସେ ୱେଲିଂଟନରେ ସର୍ବୋଚ୍ଚ ରନ ସଂଗ୍ରହ କରିଛନ୍ତି। ଅନ୍ୟପକ୍ଷରେ ରୁଟ୍‌ଙ୍କର ଏହା ହେଉଛି ୨୯ତମ ଟେଷ୍ଟ ଶତକ। ବର୍ଷା ଆରମ୍ଭ ହେବା ପୂର୍ବରୁ ସେ ଏହି ମାଇଲଖୁଣ୍ଟ ହାସଲ କରିସାରିଥିଲେ। ଚତୁର୍ଥ ଉଇକେଟରେ ବ୍ରୁକ୍ସ ଓ ରୁଟ୍‌ଙ୍କ ମଧ୍ୟରେ ପାର୍ଟନରଶିପ୍ ନ୍ୟୁଜିଲାଣ୍ଡ ବିପକ୍ଷରେ ଇଂଲଣ୍ଡର ସର୍ବାଧିକ। ପ୍ରଥମ ଟେଷ୍ଟ ୨୬୭ ରନରେ ଜିତି ଭ୍ରମଣକାରୀ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହାର ଆଧିପତ୍ୟ ଦେଖାଇସାରିଛି। ଦ୍ୱିତୀୟ ଟେଷ୍ଟରେ ବିଜୟ ଲାଭ କଲେ ୬ ବର୍ଷ ମଧ୍ୟରେ ଇଂଲଣ୍ଡ ପ୍ରଥମ ଦଳ ଭାବେ ନ୍ୟୁଜିଲାଣ୍ଡ ମାଟିରେ ଏକ ଟେଷ୍ଟ ସିରିଜରେ ବିଜୟ ଲାଭ କରିବ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୧୫/୩ (ହ୍ୟାରି ବ୍ରୁକ୍-୧୮୪*, ଜୋ ରୁଟ୍-୧୦୧*, ମ୍ୟାଟ୍ ହେନ୍‌ରୀ-୨/୬୪)।

## ଓଡ଼ିଶା ମହିଳା ଦଳକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୪।୨ (କ୍ରୀଡ଼ା ପ୍ରତିନିଧି):** ସେଣ୍ଟ୍ରାଲ ସିଭିଲ ସର୍ଭିସେସ ଆଣ୍ଡ ସ୍ପୋର୍ଟ୍ସ ବୋର୍ଡ ଆନୁକୂଲ୍ୟରେ ଡେରାଡୁନଠାରେ ସର୍ବଭାରତୀୟ ବେସାମରିକ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ମହିଳା ଦଳ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ପାଇଛି। ସର୍ବଭାରତୀୟ ବେସାମରିକ କବାଡ଼ି ପ୍ରତିଯୋଗିତାରେ ଓଡ଼ିଶା ବ୍ରୋଞ୍ଜ ଜିତିବା ଏହା ପ୍ରଥମ। ମୋନାଲିସା ଶତପଥୀ ଓଡ଼ିଶା ମହିଳା ଦଳର କୋଚ୍ ଏବଂ ସରୋଜିନୀ ଜେନା ମ୍ୟାନେଜର ଥିଲେ। ଏହି ସଫଳତା ପାଇଁ ଓଡ଼ିଶା ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘ ସଭାପତି ଦେବୀଦତ୍ତ ମିଶ୍ର, ସାଧାରଣ ସମ୍ପାଦକ ହରପ୍ରସାଦ ବିଶ୍ୱାଳ, କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟି ଓ ଅନ୍ୟ ସଦସ୍ୟମାନେ ମହିଳା କବାଡ଼ି ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ବ୍ୟାଙ୍କକ୍‌ଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଏସୀୟ ଜୁ-ଜୁଟ୍‌ସୁ ପ୍ରତିଯୋଗିତା ପାଇଁ ମନୋନୀତ ଭାରତୀୟ ଦଳ।

## ଭାରତୀୟ ଦଳରେ ଓଡ଼ିଶାର ଅନୁପମା

**ଭୁବନେଶ୍ୱର, ୨୪।୨ (କ୍ରୀଡ଼ା ପ୍ରତିନିଧି)**

**ଏସୀୟ ଜୁ-ଜୁଟ୍‌ସୁ**

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଶୁକ୍ରବାରଠାରୁ ୭ମ ଏସୀୟ ଜୁ-ଜୁଟ୍‌ସୁ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ଭାଗ ନେବାପାଇଁ ଓଡ଼ିଶାର ଅନୁପମା ସ୍ୱାଇଁ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଭାରତୀୟ ଦଳ ଇତିମଧ୍ୟରେ ବ୍ୟାଙ୍କକ୍‌ରେ ପହଞ୍ଚି ଅଭ୍ୟାସ କରିଛି। ଅନୁପମା ପୂର୍ବରୁ ୫ମ ଓ ୬ଷ୍ଠ ଏସୀୟ ଜୁ-ଜୁଟ୍‌ସୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ହାସଲ କରିଥିଲେ। ଏଥର ମଧ୍ୟ ସେ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ପୋଡିୟମ ମଣ୍ଡନ କରିବେ ବୋଲି ଆଶାବାଦୀ ଅଛନ୍ତି। ଆଗାମୀ ପ୍ରତିଯୋଗିତାର ୫୨ କେଜିରୁ କମ୍ ସିନିୟର ମହିଳା ଜୁ-ଜୁଟ୍‌ସୁର 'ନୋ-ଗି' ଏବଂ 'ଫାଇଟିଂ ସିଷ୍ଟମ' ଆଦି ୨ଟି ବର୍ଗରେ ଅନୁପମା ଅଂଶଗ୍ରହଣ କରିବେ। ଭାରତୀୟ ଦଳକୁ ଓଡ଼ିଶା ଜୁ-ଜୁଟ୍‌ସୁ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ